୬ ମହାରେକର୍ଡର ନିକଟତର ବିରାଟ କୋହଲି




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
ସମ୍ବାଦ କଳିକା
The Sambad Kalika
TM
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

E-mail : sambadkalikanews@gmail.com

• ବର୍ଷ-୩୩ • ସଂଖ୍ୟା-୫୭ • ୨୮ ମାର୍ଚ୍ଚ ୨୦୨୬ ଶନିବାର • ଭୁବନେଶ୍ୱର • Vol -33 • Issue-57 • 28th March 2026, Saturday • Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ମଧ୍ୟପ୍ରାଚ୍ୟ ଯୁଦ୍ଧ ନେଇ ମୁଖ୍ୟମନ୍ତ୍ରୀମାନଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ବୈଠକ

# ସମସ୍ତ ରାଜ୍ୟ ସହ ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱ

**ନୂଆଦିଲ୍ଲୀ, ୨୭ ।୩**

ପଶ୍ଚିମ ଏସିଆରେ ସୃଷ୍ଟି ହୋଇଥିବା ଯୁଦ୍ଧ ପରିସ୍ଥିତି ଏବଂ ଏହାର ବିଶ୍ୱସ୍ତରୀୟ ପ୍ରଭାବକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଭିଡିଓ କନଫରେନ୍ସିଂ ମାଧ୍ୟମରେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ ଆଲୋଚନା କରିଛନ୍ତି। ଇରାନ-ଇସ୍ରାଏଲ ମଧ୍ୟରେ ଜାରି ରହିଥିବା ସଂଘର୍ଷ ଯୋଗୁ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ଏବଂ ଶକ୍ତି ଯୋଗାଣ ଉପରେ ପଡୁଥିବା ପ୍ରଭାବର ସମୀକ୍ଷା କରିବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

'ଟିମ ଇଣ୍ଡିଆ' ଭାବନାରେ ସମସ୍ତ ରାଜ୍ୟ ସହ ସମନ୍ୱୟ ରକ୍ଷା କରିବା ପାଇଁ ପ୍ରଧାନମନ୍ତ୍ରୀ ଏହି ପଦକ୍ଷେପ ନେଇଛନ୍ତି। ପଶ୍ଚିମ ଏସିଆ ସଂଘର୍ଷକୁ ନେଇ ମୁଖ୍ୟମନ୍ତ୍ରୀମାନଙ୍କ ସହ ଏହା ଥିଲା ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ବୈଠକ। ଆଚରଣ ବିଧି ଲାଗୁ ହୋଇଥିବାରୁ ତାମିଲନାଡୁ, ପଶ୍ଚିମବଙ୍ଗ, ଆସାମ, କେରଳ ଏବଂ ପୁଡୁଚେରୀର ମୁଖ୍ୟମନ୍ତ୍ରୀମାନେ ଏହି ବୈଠକରେ ଅଂଶଗ୍ରହଣ *(ପୃଷ୍ଠା ୭ରେ)*





### କେନ୍ଦ୍ର ସରକାର ଗଠନ କଲେ ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି

**ନୂଆଦିଲ୍ଲୀ, ୨୭ ।୩**

ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ସମ୍ଭାଳିବାକୁ କେନ୍ଦ୍ର ସରକାର ଏକ ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି ଗଠନ କରିଛନ୍ତି। କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଏହି କମିଟି *(ପୃଷ୍ଠା ୭ରେ)*

## ପେଟ୍ରୋଲ-ଡିଜେଲ ଉପରେ ଅତିରିକ୍ତ ଉତ୍ପାଦ

# ଶୁଳ୍କ ଲିଟର ପିଛା ୧୦ ଟଙ୍କା ହ୍ରାସ କଲା କେନ୍ଦ୍ର

**ନୂଆଦିଲ୍ଲୀ, ୨୭ ।୩**

ପଶ୍ଚିମ ଏସିଆ ସଙ୍କଟ ମଧ୍ୟରେ କେନ୍ଦ୍ର ସରକାର ସାଧାରଣ ଲୋକଙ୍କୁ ଆଶ୍ୱସ୍ତି ଦେଇଛନ୍ତି। ପେଟ୍ରୋଲ ଓ ଡିଜେଲ ଉପରେ ବିଶେଷ ଅତିରିକ୍ତ ଉତ୍ପାଦ ଶୁଳ୍କକୁ ୧୦ ଟଙ୍କା ପ୍ରତି ଲିଟର କମାଇଛନ୍ତି। ସରକାର ପେଟ୍ରୋଲ ଉପରେ ଏହାକୁ ୧୩ ଟଙ୍କା ପ୍ରତି ଲିଟରରୁ କମାଇ ବର୍ତ୍ତମାନ ୩ ଟଙ୍କା ପ୍ରତି ଲିଟର କରିଛନ୍ତି, ଯେତେବେଳେ ଡିଜେଲ ଉପରେ ଏହାକୁ ୧୦ ଟଙ୍କା ପ୍ରତି ଲିଟରରୁ କମାଇ ଶୂନ୍ୟ (୦) କରାଯାଇଛି। ନୂଆଦର ଶୁକ୍ରବାରରୁ ଲାଗୁ ହୋଇଛି।

ଶୁକ୍ରବାର ଅର୍ଥ ମନ୍ତ୍ରଣାଳୟ ଜାରି କରିଥିବା ଅଧିସୂଚନା ଅନୁଯାୟୀ, ପେଟ୍ରୋଲ ଉପରେ ଉତ୍ପାଦ ଶୁଳ୍କ ୧୩ ଟଙ୍କା ପ୍ରତି ଲିଟରରୁ କମାଇ ୩ ଟଙ୍କା ପ୍ରତି ଲିଟର କରାଯାଇଛି, ଯେତେବେଳେ ଡିଜେଲ ଉପରେ ଏହାକୁ ପୂର୍ବରୁ ୧୦ ଟଙ୍କାରୁ କମାଇ ଶୂନ୍ୟ କରାଯାଇଛି। ଅଧିସୂଚନା ଅନୁସାରେ, ସରକାରଙ୍କ ଏହି ପଦକ୍ଷେପରୁ ପେଟ୍ରୋଲ-ଡିଜେଲ ଦର କମିବାର ଆଶା କରାଯାଉଛି।

ଏହା ସହିତ ସରକାର ବିମାନ ଟର୍ବାଇନ ଇନ୍ଧନ (ଏଟିଏଫ) ପାଇଁ ଏକ ନୂତନ ଶୁଳ୍କ ପ୍ରଣାଳୀ ପ୍ରସ୍ତୁତ କରିଛନ୍ତି। ଏହି ପରିବର୍ତ୍ତନ ଅନୁଯାୟୀ, ଏଟିଏଫ ଉପରେ ବର୍ତ୍ତମାନ ୫୦ ଟଙ୍କା ପ୍ରତି ଲିଟର ବିଶେଷ ଅତିରିକ୍ତ ଉତ୍ପାଦ ଶୁଳ୍କ ଲାଗୁ କରାଯାଇଛି, ଯାହାକୁ ଆଂଶିକ ରିହାତି ମାଧ୍ୟମରେ ସମନ୍ୱୟ କରାଯାଉଛି, ଯାହାଦ୍ୱାରା ବିଶେଷ ବ୍ୟବସ୍ଥା ଅନୁସାରେ ପ୍ରଭାବୀ ଶୁଳ୍କ ପ୍ରାୟ ୨୯.୫ ଟଙ୍କା ପ୍ରତି ଲିଟର ହେଉଛି।



# ଦେଶବ୍ୟାପୀ ଲକ୍‌ଡାଉନ' ପରିସ୍ଥିତି ନାହିଁ

**ନୂଆଦିଲ୍ଲୀ, ୨୭ ।୩**

ଇରାନ ଯୁଦ୍ଧ ଏବଂ ମଧ୍ୟପ୍ରାଚ୍ୟ ସଙ୍କଟ ମଧ୍ୟରେ ଦେଶବ୍ୟାପୀ ଲକଡାଉନ୍ ହେବା ନେଇ ଚାଲିଥିବା ଆଲୋଚନା ଧୀରେ ଧୀରେ ଗୁଜବରେ ପରିଣତ ହୋଇଛି। ସୋସିଆଲ ମିଡିଆରେ ଏହି ଗୁଜବ ଜନସାଧାରଣଙ୍କ ମଧ୍ୟରେ ବହୁତ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। କେନ୍ଦ୍ର ସରକାର ଏବେ ସ୍ପଷ୍ଟ କରିଛନ୍ତି ଯେ ଦେଶରେ କୋଭିଡ ଭଳି ଲକଡାଉନ୍ ଲାଗୁ ହେବ କି ନାହିଁ ସେନେଇ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କ ପରେ ଏବେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ମଧ୍ୟ ଲକଡାଉନ ଗୁଜବର ଜବାବ ଦେଇଛନ୍ତି। ସେ ବିରୋଧୀଙ୍କୁ ମଧ୍ୟ ପରୋକ୍ଷ ଭାବେ ଟାର୍ଗେଟ କରିଛନ୍ତି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, "ମୁଁ ଲୋକଙ୍କୁ ଆଶ୍ୱସ୍ତି ଦେବାକୁ ଚାହୁଁଛି ଯେ କୌଣସି ଲକଡାଉନ୍ ହେବ ନାହିଁ।" "ମୁଁ ଆଶ୍ଚର୍ଯ୍ୟ ହେଉଛି ଯେ କିଛି ନେତା କହୁଛନ୍ତି ଯେ ଲକଡାଉନ୍ ହେବ ଏବଂ ଇନ୍ଧନର ଅଭାବ ଦେଖାଦେବ। କିନ୍ତୁ ଏଗୁଡ଼ିକ ଭିତ୍ତିହୀନ ଦାବି। ରାଜନୈତିକ କ୍ଷେତ୍ରରେ ଥିବା ଲୋକଙ୍କ ଏପରି ବୟାନ ଚିନ୍ତାର ବିଷୟ। ପ୍ରଧାନମନ୍ତ୍ରୀ ମୋଦୀ ରାମ ନବମୀରେ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀ ମାନଙ୍କର ଏକ ବୈଠକ ଡାକିଥିଲେ । ଆଜିର ବୈଠକରେ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀଙ୍କ ସହିତ ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଏହି ପରିପ୍ରେକ୍ଷୀରେ ବିରୋଧୀ ଦଳ ପକ୍ଷରୁ କରାଯାଉଥିବା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି।



## ଆଜିର ମୁଖ୍ୟ ଖବର

- ଏପ୍ରିଲ ୧ରୁ ବାଧ୍ୟତାମୂଳକ ହେବ ଇ୨୦ (ଇଥାନଲ ଯୁକ୍ତ ପେଟ୍ରୋଲ)।
- ଏପ୍ରିଲ ପହିଲାରୁ ନୂଆ ଆୟକର ନିୟମ ଲାଗୁ। ମିଲ୍‌କାର୍ଡ, ଆଇଟିଆର ଓ ପ୍ୟାନ୍ କାର୍ଡର ହେବ ପରିବର୍ତ୍ତନ।
- ଝାରଖଣ୍ଡର ଗଡୱାରେ ମହାଷ୍ଟମୀର ଶୋଭାଯାତ୍ରା ଉପରେ ପଥରମାଡ, ୧୯ ଗିରଫ।

# ଓଡ଼ିଶାରେ ରେଳ ଭିତ୍ତିଭୂମି ବିକାଶ ପାଇଁ ୧୦,୫୯୯ କୋଟି ବ୍ୟୟବରାଦ

**ନୂଆଦିଲ୍ଲୀ, ୨୭ ।୩**

ଓଡ଼ିଶାର ରେଳ ଭିତ୍ତିଭୂମି ବିକାଶ କ୍ଷେତ୍ରରେ କେନ୍ଦ୍ର ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ଓଡ଼ିଶାକୁ ରେଳବାଇ କ୍ଷେତ୍ରରେ ୧୦,୫୯୯ କୋଟି ଟଙ୍କାର ରେକର୍ଡ ବ୍ୟୟବରାଦ କରାଯାଇଛି। ରାଜ୍ୟ ସଭାରେ ଏହି ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ୨୦୦୯ରୁ ୨୦୧୪ ମଧ୍ୟରେ ଓଡ଼ିଶାକୁ ହାରାହାରି ବାର୍ଷିକ ବ୍ୟୟବରାଦ ମାତ୍ର ୮୩୮ କୋଟି ଟଙ୍କା ଥିବାବେଳେ, ଏବେ ଏହା ପ୍ରାୟ ୧୩ ଗୁଣା ବୃଦ୍ଧି ପାଇଛି। ୧ ଏପ୍ରିଲ ୨୦୨୫ ସୁଦ୍ଧା ରାଜ୍ୟରେ ୧୯ଟି ନୂଆ ରେଳ ଲାଇନ ଏବଂ ୩୦ଟି ଦୋହରୀକରଣ କାର୍ଯ୍ୟକୁ ମଞ୍ଜୁରୀ ମିଳିଛି।

ସେହିପରି ରାଜ୍ୟର ଅତି ଗୁରୁତ୍ୱପୂର୍ଣ୍ଣ ଖୋର୍ଦ୍ଧାରୋଡ-ବଲାଙ୍ଗୀର ପ୍ରକଳ୍ପର ମୋଟ ବ୍ୟୟ ଅଟକଳ ୫୦୮୯ କୋଟି ଟଙ୍କା ରହିଛି। ଏଥିପାଇଁ ୨୦୨୫-୨୬ ଆର୍ଥିକ ବର୍ଷରେ ଅତିରିକ୍ତ ୧୯୩୮ *(ପୃଷ୍ଠା ୭ରେ)*

## ସୁନା ଦର

| | |
|---|---|
| ୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୪,୪୭୧ (+୧୬) |
| ୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୩,୨୬୫ (+୧୫) |
| ୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୧,୮୫୩ (+୧୨) |

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୪୫ (-୧୫)

## ଏକାଳ ପଖାଳ



କଟକରେ ଏବେ ନିଇତି ଚାଲିଛି
ବିରୋଧୀ ନେତାଙ୍କ ମେଳି
ମେଳିଟା ନିଜ ଦଳ ଟାର
ଗୁମର ଦେଉଛି ଖୋଲି
ଦାଣ୍ଡରେ ପଡଇ କଳି
କେମିତି କରିକି ସମ୍ଭାଳିବେ ସବୁ
ସର୍ବମାନ୍ୟ ହ'ନ୍ତି ଭାଳି।

# ତିନି ଦିନିଆ ଓଡ଼ିଶା ଗସ୍ତରେ ଆସି ପହଞ୍ଚିଲେ ସ୍ଥଳସେନା ମୁଖ୍ୟ



**ଭୁବନେଶ୍ୱର, ୨୭ ।୩ : ନ୍ୟୁଜ୍ ବ୍ୟୁରୋ**

ତିନି ଦିନିଆ ଓଡ଼ିଶା ଗସ୍ତରେ ଆସି ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ବିମାନବନ୍ଦରରୁ ଶ୍ରୀ ଦ୍ୱିବେଦୀ ଲୋକଭବନ ଯାଇ ସେଠାରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି। ଜେନେରାଲ ଦ୍ୱିବେଦୀଙ୍କୁ ରାଜ୍ୟପାଳ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ଶନିବାର ଜେନେରାଲ ଦ୍ୱିବେଦୀ ସସ୍ତ୍ରୀକ ପୁରୀ ଯାଇ ଶ୍ରୀଜୀଉଙ୍କ ଦର୍ଶନ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାପରେ ସେ ଗୋପାଳପୁରସ୍ଥିତ ଆର୍ମି ଏୟାର ଡିଫେନ୍ସ କଲେଜ ଗସ୍ତ କରି ସେଠାରେ ଅସ୍ତ୍ରଶସ୍ତ୍ର *(ପୃଷ୍ଠା ୭ରେ)*

## ୬ ଏପ୍ରିଲ ଯାଏ ଇରାନର ଶକ୍ତି କେନ୍ଦ୍ର ଉପରେ ଆକ୍ରମଣ କରିବନି ଆମେରିକା

**ୱାଶିଂଟନ/ତେହେରାନ, ୨୭ ।୩**

ଆମେରିକା-ଇସ୍ରାଏଲ ଏବଂ ଇରାନ ମଧ୍ୟରେ ୨୮ ଫେବୃଆରୀରୁ ଆରମ୍ଭ ହୋଇଥିବା ଯୁଦ୍ଧ ସମ୍ପର୍କରେ ବର୍ତ୍ତମାନ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସ୍ୱର କିଛି ନରମ ହୋଇଛି। ସେ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରି କହିଛନ୍ତି ଯେ ଆମେରିକା ୦୬ ଏପ୍ରିଲ ପର୍ଯ୍ୟନ୍ତ ଇରାନର ଶକ୍ତି କେନ୍ଦ୍ରଗୁଡ଼ିକ ଉପରେ ଆକ୍ରମଣ କରିବ ନାହିଁ। ଆମେରିକୀୟ ରାଷ୍ଟ୍ରପତି *(ପୃଷ୍ଠା ୭ରେ)*

## ୨.୩୮ ଲକ୍ଷ କୋଟିର ଅସ୍ତ୍ର କିଣାକୁ ମିଳିଲା ମଞ୍ଜୁରୀ

**ନୂଆଦିଲ୍ଲୀ, ୨୭ ।୩**

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ (ଡିଏସି)ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଶୁକ୍ରବାର ଦିନ ପ୍ରାୟ ୨.୩୮ ଲକ୍ଷ କୋଟି ଟଙ୍କାର ବିଭିନ୍ନ ପ୍ରକାରର ଅସ୍ତ୍ରଶସ୍ତ୍ର, ବିମାନ ଓ ସାମରିକ ସରଞ୍ଜାମ କ୍ରୟ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଏହି ବୃହତ ପ୍ରତିରକ୍ଷା ଚୁକ୍ତି ମାଧ୍ୟମରେ ଭାରତୀୟ ବାୟୁସେନା ପାଇଁ ରୁଷରୁ ଅତିରିକ୍ତ ଏସ୍-୪୦୦ ବାୟୁ ପ୍ରତିରକ୍ଷା ପ୍ରଣାଳୀ, ନୂତନ ମଧ୍ୟମ ପରିବହନ ବିମାନ ଓ ଷ୍ଟ୍ରାଇକ୍ ଡ୍ରୋନ୍ କ୍ରୟ କରାଯିବ। ଏଥିସହିତ ସ୍ଥଳସେନା ପାଇଁ ଧନୁଷ ବନ୍ଧୁକ ପ୍ରଣାଳୀ ଓ ବାୟୁ ପ୍ରତିରକ୍ଷା ଟ୍ରାକଡ୍ ସିଷ୍ଟମ୍ ଏବଂ ତଟରକ୍ଷୀ ବାହିନୀ ପାଇଁ ଶକ୍ତିଶାଳୀ ଏୟାର କୁଶନ ଯାନ ସାମିଲ କରିବା ପାଇଁ ମନ୍ତ୍ରଣାଳୟ ସବୁଜ ସଙ୍କେତ ଦେଇଛି, ଯାହା ଦେଶର ସାମରିକ ସାମର୍ଥ୍ୟକୁ ବିଶ୍ୱସ୍ତରରେ ଆହୁରି ସୁଦୃଢ଼ କରିବ। *(ପୃଷ୍ଠା ୭ରେ)*




# ଚନ୍ଦକା ଅଭୟାରଣ୍ୟରେ ଜୀବଜନ୍ତୁଙ୍କ ପାଇଁ ଶୁଭାରମ୍ଭ ହେଲା 'ଜଳସେବା'



**ଭୁବନେଶ୍ୱର, ୨୭ ।୩ : ନ୍ୟୁଜ୍ ବ୍ୟୁରୋ**

ଗ୍ରୀଷ୍ମ ପ୍ରବାହର ପ୍ରଭାବ ବୃଦ୍ଧି ପାଉଥିବା ବେଳେ ଚନ୍ଦକା-ଡ଼ମପଡ଼ା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ଥିବା ଆଦିବାସୀ ପଲ୍ଲୀ କନ୍ଦଳେଇ ଠାରେ ଏକ ଅଭିନବ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶ୍ରୀରାଧା ଫାଉଣ୍ଡେସନ୍ ପକ୍ଷରୁ ତୃଷାର୍ତ୍ତ ପକ୍ଷୀ ଓ ଜୀବଜନ୍ତୁଙ୍କ ପାଇଁ ମାଟି ପାତ୍ରରେ ଜଳର ବ୍ୟବସ୍ଥା କରାଯାଇଛି । ପରିବେଶ କର୍ମୀ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀମାନେ ପୂର୍ଣ୍ଣ ସହଯୋଗ କରିଥିଲେ । ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ଜଙ୍ଗଲରେ ଜଳାଭାବ ଦେଖାଯାଉଥିବାରୁ ଏହି ପଦକ୍ଷେପ ଜୀବଜନ୍ତୁଙ୍କ ପ୍ରାଣ ରକ୍ଷାରେ ସହାୟକ ହେବ । ଫାଉଣ୍ଡେସନ୍‌ର ଏହି ପ୍ରୟାସକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ପରିବେଶ ପ୍ରେମୀମାନେ ଭୂୟସୀ ପ୍ରଶଂସା କରିଛନ୍ତି । ଆଗାମୀ ଦିନରେ ଅଭୟାରଣ୍ୟର ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ଏହି ସେବା ଜାରି ରହିବ ବୋଲି ସଦସ୍ୟମାନଙ୍କ ପକ୍ଷରୁ ସୂଚନା ମିଳିଛି । ପରିବେଶ ସୁରକ୍ଷା ଓ ପ୍ରାଣୀ ସମ୍ପଦର ସୁରକ୍ଷା ପାଇଁ ଏଭଳି କାର୍ଯ୍ୟକ୍ରମ ଏକ ଦୃଷ୍ଟାନ୍ତ ସୃଷ୍ଟି କରିଛି । *(ପୃଷ୍ଠା ୭ରେ)*

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୮ ମାର୍ଚ୍ଚ, ୨୦୨୬ ଶନିବାର





# ଯକ୍ଷ୍ମା ସ୍କ୍ରିନିଂରେ କେନ୍ଦ୍ରାପଡା ରାଜ୍ୟରେ ଏକ ନମ୍ବର

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

ଗ୍ରାମ କମିଟିର ସମସ୍ତ କର୍ମକର୍ତ୍ତାମାନେ ସହଯୋଜିଲ୍ଲା ସ୍ୱାସ୍ଥ୍ୟ ସମିତି କେନ୍ଦ୍ରାପଡ଼ା ଆନୁକୂଲ୍ୟରେ ଆୟୋଜିତ ଜିଲ୍ଲାସ୍ତରୀୟ ବିଭିନ୍ନ ସ୍ୱାସ୍ଥ୍ୟ ବୈଠକ ଓ ସମୀକ୍ଷା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ଅଧ୍ୟକ୍ଷତାରେ ପୁରୁଣା ମେଡିକାଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ମାତୃ ସ୍ୱାସ୍ଥ୍ୟ, ପ୍ରଜନନ ସ୍ୱାସ୍ଥ୍ୟ, ନବଜାତ ଶିଶୁ ଯତ୍ନ ଓ ଶିଶୁ ମୃତ୍ୟୁ ସମୀକ୍ଷା ସହିତ ଅମ୍ଳାନ, ଟୀକାକରଣ, ପରିବାର ନିୟୋଜନ ଓ ପିସିପିଏନଡିଟି କାର୍ଯ୍ୟକ୍ରମ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ବିଶେଷକରି ଏଚପିଭି ଟୀକାକରଣ ମାଧ୍ୟମରେ ଜରାୟୁ କର୍କଟ ପ୍ରତିରୋଧ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଫେବୃଆରୀ ମାସରେ ଆଳି, କେନ୍ଦ୍ରାପଡ଼ା ଓ ରାଜନଗର ବ୍ଲକରେ



ଘଟିଥିବା ଶିଶୁ ମୃତ୍ୟୁ ଘଟଣା ଉପରେ ସମୀକ୍ଷା କରାଯାଇଥିଲା । ଆଶା ଓ ମହିଳା ସ୍ୱାସ୍ଥ୍ୟ କର୍ମୀମାନଙ୍କ ଭୂମିକାକୁ ଗୁରୁତ୍ୱ ଦେଇ ଜିଲ୍ଲାପାଳ "ମମତା ଦିବସ"କୁ ଗୁଣାତ୍ମକ ଦିଗ ଓ ସମସ୍ତ ଆବଶ୍ୟକୀୟ ପରୀକ୍ଷା, ଔଷଧ, ଯୁଗ୍ମ ପରିଦର୍ଶନ ଓ ତଦାରଖ ପ୍ରଭୃତି କରିବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲାପାଳ ଗର୍ଭବତୀଙ୍କ ପଞ୍ଜିକରଣ, ଡାକ୍ତରଖାନା ରେ ପ୍ରସବ ଓ ଜନ୍ମ ପରବର୍ତ୍ତୀ ଯତ୍ନକୁ ସୁଦୃଢ କରିବା ସହିତ ବ୍ଲକ ସ୍ତରରେ ଯୁଗ୍ମ ବୈଠକକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଓଡ଼ିଶାରେ ଯକ୍ଷ୍ମା ସ୍କ୍ରିନିଂରେ ୨୦୨୫ କ୍ୟାଲେଣ୍ଡର ବର୍ଷରେ ନାଟ୍ ମେସିନ୍ ମାଧ୍ୟମରେ ୬୭୧୮୯ ଜଣଙ୍କୁ ସ୍ପୁଟମ ସାମ୍ପଲ ନେଇ ସ୍କ୍ରିନିଂ କରି କେନ୍ଦ୍ରାପଡ଼ା ଜିଲ୍ଲା ରାଜ୍ୟରେ ପ୍ରଥମ ସ୍ଥାନ ପାଇଥିବାରୁ ଜିଲ୍ଲାପାଳ ସମସ୍ତ ସ୍ୱାସ୍ଥ୍ୟ ସେବା ରେ ନିୟୋଜିତ ଥିବା ସେବା ପ୍ରଦାନକାରୀ ଓ ଅଧିକାରୀବୃନ୍ଦଙ୍କୁ ଅଭିନନ୍ଦନ ଜଣାଇଥିଲେ । ପ୍ରକାଶ ଥାଉକି ଏହି ସ୍କ୍ରିନିଂ ମାଧ୍ୟମରେ ୪୪୫ ଜଣ ଯକ୍ଷ୍ମା ରୋଗୀ ଚିହ୍ନଟ ହୋଇଛନ୍ତି ଏବଂ ସେମାନଙ୍କୁ ତୁରନ୍ତ ଚିକିତ୍ସା ଆରମ୍ଭ କରାଯାଇଛି । ଏହା ସହିତ ପୁଷ୍ଟି ପୁନର୍ବାସ କେନ୍ଦ୍ରରୁ ଫେରୁଥିବା ପିଲାମାନଙ୍କ ପାଇଁ ଅତିରିକ୍ତ ଖାଦ୍ୟ ସହାୟତା ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା । ବୈଠକରେ ସିଡିଏମଓ ଡ଼. ମନୋରଞ୍ଜନ ରାଉତ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼. ସଚ୍ଚିଦାନନ୍ଦ ମିଶ୍ର, ଡ଼. ଶ୍ୟାମ ସୁନ୍ଦର ଟୁଡୁ, ଏଡିଏମ ମେଡିକାଲ ଡ଼. କିଶୋର ଚନ୍ଦ୍ର ମିଶ୍ର, ପ୍ରଶାସନିକ ଅଧିକାରୀ ଦିଲ୍ଲୀପ କୁମାର ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତି, ଡେପୁଟୀ ମ୍ୟାନେଜର, ପ୍ରଜନ ଓ ଶିଶୁ ସ୍ୱାସ୍ଥ୍ୟ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।ଗ କରିଥିଲେ ।

# ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ସଚିବଙ୍କ ସମୀକ୍ଷା

**ଜୟପୁର,ନ୍ୟୁଜ ବ୍ୟୁରୋ**

ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ସଚିବ ପ୍ରେମଚନ୍ଦ୍ର ଚୌଧୁରୀ ଦୁଇ ଦିନିଆ ଗସ୍ତକରି ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଥିଲେ । ଏହାପରେ କୋରାପୁଟ ସଦଭାବନା ସଭାଗୃହ ଠାରେ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ନେଇ ସମସ୍ତ ଯୋଜନା ଏବଂ ସମସ୍ୟାଗୁଡ଼ିକର ସମୀକ୍ଷା କରିଥିଲେ । କୋରାପୁଟ ଆକାଂକ୍ଷୀ ଜିଲ୍ଲା ଏବଂ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମର ବିଭିନ୍ନ ସୂଚକଗୁଡ଼ିକର ସମୀକ୍ଷା କରିଥିଲେ ।ଏହା ସହିତ ବିଶ୍ୱ ମାଛ ଦଳ ନୋଡାଲ ସଚିବଙ୍କୁ ପିଞ୍ଜରା ମତ୍ସ୍ୟପାଳନ ବ୍ୟବସ୍ଥାର ମୂଲ୍ୟାଙ୍କନ କରିଥିଲେ । ସେ ପ୍ରତିଶ୍ରୁତି ଦେଇଥିଲେ ଯେ ବିଭାଗ ସହିତ ଜଡିତ ସମସ୍ତ ସମସ୍ୟା ମୁଖ୍ୟ ସଚିବଙ୍କ ସମ୍ମୁଖରେ ମୂଲ୍ୟାଙ୍କନ କରାଯିବ ଏବଂ ଜିଲ୍ଲାର ବିକାଶ ପାଇଁ ଖୁବଶୀଘ୍ର ସମାଧାନ କରାଯିବ । କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବରଙ୍କ ସହ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଶେଷରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ମୃତ କରୋନା ଯୋଦ୍ଧାଙ୍କ ପରିବାରକୁ ୫୦ ଲକ୍ଷ ସହାୟତା ପ୍ରଦାନ କଲେ ଜିଲ୍ଲାପାଳ

**ନୂଆପଡ଼ା, ନ୍ୟୁଜ ବ୍ୟୁରୋ**

କରୋନା ମହାମାରୀ ସମୟରେ କୋଭିଡ୍ ଯୋଦ୍ଧା ଭାବେ ନିଷ୍ଠାପୂର୍ଣ୍ଣ ସେବା କରି ନିଜ ଜୀବନ ହରେଇ ଥିବା ନୂଆପଡ଼ା ଜିଲ୍ଲା ନୂଆମାଳପଡା ଗ୍ରାମପଂଚାୟତର ପୂର୍ବତନ ସରପଂଚ ନାକମୁଣ୍ଡିଆ ଚିନ୍ଦାଙ୍କ ପରିବାରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୫୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଆଜି ପ୍ରଦାନ କରାଯାଇଛି ।ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୃତକଙ୍କ ପୁଅ କେଶବ ଚିନ୍ଦାଙ୍କୁ ୫୦ ଲକ୍ଷ ଟଙ୍କାର ଚେକ୍ ହସ୍ତାନ୍ତର କରିଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଡେପୁଟି କଲେକ୍ଟର (ଆପତକାଳୀନ) ଲଲାଟେନ୍ଦୁ ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ । ସିନାପାଲି ଥାନା ଅଧୀନସ୍ଥ ଦବଡା ଗ୍ରାମର ନାକମୁଣ୍ଡିଆ ଚିନ୍ଦା ୧୦ ମାର୍ଚ୍ଚ ୨୦୧୭ରେ ସରପଂଚ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । କୋଭିଡ୍-୧୯ ମହାମାରୀ ସମୟରେ ସେ ଗ୍ରାମସ୍ତରରେ ସଚେତନତା ସୃଷ୍ଟି, ଗୃହ କ୍ୱାରେଂଟାଇନ୍ ବ୍ୟବସ୍ଥା, ଖାଦ୍ୟ ଓ ଆବଶ୍ୟକ ସାମଗ୍ରୀ ବଂଟନ ସହିତ ସଂକ୍ରମଣ ନିୟନ୍ତ୍ରଣରେ ସକ୍ରିୟ ଭୂମିକା ନିଭାଇଥିଲେ । କିନ୍ତୁ ସେ ନିଜ କର୍ତ୍ତବ୍ୟ ପାଳନ ସମୟରେ କୋଭିଡ୍ରେ ସଂକ୍ରମିତ ହୋଇ ୨୧ ମେ ୨୦୨୧ରେ ମୃତ୍ୟୁବରଣ କରିଥିଲେ । ସରକାରଙ୍କ ନିୟମ ଅନୁସାରେ ଆଜି ତାଙ୍କ ପରିବାରକୁ ଏହି ସହାୟତା ରାଶି ପ୍ରଦାନ କରାଯାଇଥିଲା ।

# ଡୁଡା ସମୀକ୍ଷା ବୈଠକ ଅନୁଷ୍ଠିତ : ରାଜସ୍ୱ ସଂଗ୍ରହରେ ଉନ୍ନତି ପାଇଁ ଜିଲ୍ଲାପାଳଙ୍କ ଗୁରୁତ୍ୱ

**ନୂଆପଡା, ନ୍ୟୁଜ ବ୍ୟୁରୋ**

ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ନଗର ଉନ୍ନୟନ ସଂସ୍ଥା (ଡୁଡା) ର ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ତିନୋଟି ଏନଏସି - ନୂଆପଡା, ଖଡିଆଳ ଓ ଖରୀଆର ରୋଡର କାର୍ଯ୍ୟାବଳୀ ସମୀକ୍ଷା ସହିତ ରାଜସ୍ୱ ସଂଗ୍ରହ, ସଲିଡ୍ ୱେଷ୍ଟ ମ୍ୟାନେଜମେଂଟ, ପିଏମଏୱାଇ(ନଗର) ଓ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା(ଏମଏସବିୱାଇ) ର କାର୍ଯ୍ୟାନ୍ୱୟନ ଉପରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା । ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ଲମ୍ବୋଦର ଧରୁଆ ବିଭିନ୍ନ ଏନଏସିର କାର୍ଯ୍ୟ ପ୍ରଗତି ଓ ଆର୍ଥିକ ତଥ୍ୟ ଉପସ୍ଥାପନ କରିଥିଲେ । ୨୦୨୫- ୨୬ ଆର୍ଥିକ ବର୍ଷ ପାଇଁ ରାଜସ୍ୱ ସଂଗ୍ରହ ସମୀକ୍ଷାରେ ହୋଲ୍ଡିଂ ଟ୍ୟାକ୍ସ ଆଦାୟରେ ଖଡିଆଳ ଏନଏସି ପ୍ରାୟ ୯୯.୦୩ ପ୍ରତିଶତ ସଫଳତା ହାସଲ କରିଥିବା ବେଳେ ନୂଆପଡା ୯୦.୦୩ ପ୍ରତିଶତ ଓ ଖରୀଆର ରୋଡ ୯୦.୯ ପ୍ରତିଶତ ସଫଳତା ହାସଲ କରିଛି । ଏନ୍ଏସି ସମ୍ପତି ଭଡାରେ ଖଡିଆଳ ୮୬.୬୪ ପ୍ରତିଶତ ଓ ନୂଆପଡା ୪୭.୮୩ ପ୍ରତିଶତ ଆଦାୟ କରିଛି । ବ୍ୟବସାୟ ଲାଇସେନ୍ସ ଆଦାୟରେ ମଧ୍ୟ ସନ୍ତୋଷଜନକ ପ୍ରଗତି ଦେଖାଯାଇଛି । ସମୁଦାୟ ରାଜସ୍ୱ ସଂଗ୍ରହରେ ଖଡିଆଳ ୭୬.୬୭ ପ୍ରତିଶତ, ନୂଆପଡା ୭୬.୧୦ ପ୍ରତିଶତ ଓ ଖରୀଆର ରୋଡ ୯୨.୬୦ ପ୍ରତିଶତ ସଫଳତା ରହିଛି । ସଲିଡ୍ ୱେଷ୍ଟ ମ୍ୟାନେଜମେଂଟ ଅଧିନରେ ସମସ୍ତ ୱାର୍ଡରେ ଡୋରଟୁ- ଡୋର ବର୍ଜ୍ୟ ସଂଗ୍ରହ କାର୍ଯ୍ୟ ସୁଚାରୁ ଭାବେ ଚାଲୁଥିବା ବେଳେ ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ ଓ ପ୍ରକ୍ରିୟାକରଣରେ ମଧ୍ୟ ଉନ୍ନତି ଦେଖାଯାଇଛି । ପିଏମଏୱାଇ(ନଗର) ଅଧୀନରେ ଘର ନିର୍ମାଣ କାର୍ଯ୍ୟରେ ଗତି ଆସିଥିବାବେଳେ ଅସମ୍ପୂର୍ଣ୍ଣ ଘରଗୁଡ଼ିକୁ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏମଏସବିୱାଇ ଯୋଜନାରେ ବିଭିନ୍ନ ପ୍ରକଳ୍ପର ଅନୁମୋଦନ, ଟେଣ୍ଡର ଓ କାର୍ଯ୍ୟାନ୍ୱୟନ ଅବସ୍ଥା ସମୀକ୍ଷା କରାଯାଇଥିଲା । ଅନୁମୋଦିତ ପ୍ରକଳ୍ପଗୁଡ଼ିକରେ ଶୀଘ୍ର କାମ ଆରମ୍ଭ କରି ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ଜୋର ଦିଆଯାଇଥିଲା । ମଲ୍ଟି ପର୍ପୋଜ ହଲ୍ ନିର୍ମାଣ କାର୍ଯ୍ୟରେ ଅଧିକାଂଶ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବାବେଳେ କେତେକ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ରହିଥିବା ତଥ୍ୟ ବୈଠକରେ ଉପସ୍ଥାପିତ ହୋଇଥିଲା । ଜିଲ୍ଲାପାଳ ସମସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ରାଜସ୍ୱ ସଂଗ୍ରହରେ ୧୦୦ ପ୍ରତିଶତ ଲକ୍ଷ୍ୟ ପ୍ରାପ୍ତି, ସହରମାନଙ୍କର ସ୍ୱଚ୍ଛତା ଓ ସୌନ୍ଦର୍ଯ୍ୟକରଣରେ ଅଗ୍ରଗତି ଆଣିବା ସହିତ ଯୋଜନାମାନଙ୍କର ସଫଳ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବାକୁ ଗୁରୁତ୍ୱ ଦେଇଥିଲେ ।ଏହି ବୈଠକରେ ନୂଆପଡା ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ଦୀପ କୁମାର ଚନ୍ଦ୍ରକାର, ଖଡିଆଳ ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ ମହାରଣା, ଖରୀଆର ରୋଡ ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ କମଳାସନ ରଥଙ୍କ ସହ ନଗର ଉନ୍ନୟନ ଓ ବିଭିନ୍ନ ବିଭାଗର ସମ୍ପୃକ୍ତ ଅଧିକାରୀମାନେ ଯୋଗ ଦେଇଥିଲେ ।

# ଡିସେମ୍ବର ୨୦୨୬ ସୁଦ୍ଧା ସରିବ ନନ୍ଦିନୀ ଦେବୀ ଶିଶୁ ଉଦ୍ୟାନ ନିର୍ମାଣ କାର୍ଯ୍ୟ

**ଢେଙ୍କାନାଳ, ନ୍ୟୁଜ ବ୍ୟୁରୋ**

ଆମ ଢେଙ୍କାନାଳ ସହରର ସମାଜସେବୀ ରାମଚନ୍ଦ୍ର ପାତ୍ର ଦିଲ୍ଲୀ ଆସିଥିଲେ । ବରିଷ୍ଠ ସାମ୍ବାଦିକ ଆଶୁତୋଷ ରାଉତଙ୍କ ନିମନ୍ତ୍ରଣ ରକ୍ଷା କରି ଓଡ଼ିଶା ନିବାସ ଆସି ମାଧ୍ୟାହ୍ନ ଭୋଜନରେ ଯୋଗଦାନ କରି ବିଶେଷ ଖୁସି ବ୍ୟକ୍ତ କହିଛନ୍ତି । ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ ସମୟରେ ଆମ ସାହିରେ ନିର୍ମାଣାଧୀନ ନନ୍ଦିନୀ ଦେବୀ ଶିଶୁ ଉଦ୍ୟାନର ଅଗ୍ରଗତି ସମ୍ପର୍କରେ ମ୍ୟୁନିସିପାଲିଟି ପକ୍ଷରୁ ୧୦ ଲକ୍ଷ ରାଶି ମଞ୍ଜୁର ହୋଇସାରିଛି । ଜାଗାଟିର ଚାରିପାଖେ ପ୍ରାଚୀର ନିର୍ମାଣ ପାଇଁ କାମ ମଧ୍ୟ ଆରମ୍ଭ ହୋଇଛି । ଡ଼ିସେମ୍ବର ୨୦୨୬ ସୁଦ୍ଧା ପାର୍କ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ଦୃଢ଼ ପ୍ରତିଶୃତି ପାଇବା ପରେ ମଧ୍ୟ ଅଞ୍ଚଳବାସୀଙ୍କ ତରଫରୁ ସମାଜସ୍ୱୀ ରାମଚନ୍ଦ୍ର ପାତ୍ର ଧନ୍ୟବାଦ ପ୍ରଦାନ କରି କହିଲେ ହଁ ମତେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ଓ ଖାଦ୍ୟ,ଯୋଗାଣ,ଖାଉଟି କଲ୍ୟାଣ, ବିଜ୍ଞାନ ଓ କାରିଗରୀ ବିଜ୍ଞାନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଯଥାଶୀଘ୍ର ପାର୍କ କାମ ସାରିବାକୁ କହିଛନ୍ତି ।



ଅଞ୍ଚଳବାସୀଙ୍କର ମନରେ ଥିବା କିଛି ଆଶା ଓ ଆଶଙ୍କା ବିଷୟରେ ପାର୍କକୁ ନେଇ ସବିଶେଷ ଚର୍ଚ୍ଚା ହେଲା, ଯେପରିକି ସେ ଜାଗାରେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଚାହୁଁ ଥିବା ରାସ୍ତା ବିଷୟରେ ଓ ଅବୈଧ ରୂପେ ନିର୍ମିତ ଅଯୋଗ୍ୟ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ତ୍ରୁଟିପୂର୍ଣ୍ଣ ପ୍ରୟୋଗ ସମ୍ପର୍କରେ ବିଶଦ ଆଲୋଚନା ହୋଇଥିଲା । ରାମ ଭାଇଙ୍କ ସ୍ପଷ୍ଟ ଉତ୍ତର ଥିଲା ଯେ ଅଞ୍ଚଳବାସୀ ଜାଗାଟିକୁ ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ଆଦେଶରେ ତହସିଲଦାର ପ୍ରାୟ ଦେଢ଼ ଲକ୍ଷ ଖର୍ଚ୍ଚ କରି ପନ୍ଦର ବର୍ଷ ପୂର୍ବେ ଜବରଦଖଲ ହଟାଇ କରି ତାର ବାଡ଼ ଦେଇ ଆବଦ୍ଧ କରିଥିଲେ । ତାପରେ ଗତ ବର୍ଷ ଆମେ ପାର୍କ ପାଇଁ ଜାଗାଟିକୁ ସମତୁଲ କରି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ପାଚେରୀ ନିର୍ମାଣ ହେଉଛି କାହାକୁ କେଉଁଆଡୁବି ରାସ୍ତା ଦେବାର ପ୍ରଶ୍ନ ଉଠୁନାହିଁ । ଆମେ ସରକାରୀ ଜାଗାରେ ଲୋକଙ୍କୁ ରାସ୍ତା ଦେଇପାରିବୁ ନାହିଁ । ତାହା ଏକ କାନୁନ ଆନୁସାରେ ଦଣ୍ଡନୀୟ ଅପରାଧ ।ଏଟା ସମସ୍ତେ ମନେ ରଖିବା ଉଚିତ ଓ ଅବୈଧ ନିର୍ମାଣ ଆମେ ହଟାଇବୁ ଓ ସେଠାରେ ବେନିୟମରେ ରହୁଥିବା ବ୍ୟକ୍ତିଙ୍କୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବୁ ଓ ପାର୍କକୁ ଲାଗି ରହିଥିବା ୨ଗୁଣ୍ଠ ସରକାରୀ ଜମିକୁ ମଧ୍ୟ ପାର୍କ ସାଙ୍ଗରେ ମିଶେଇ ଦେବୁ ଅନ୍ୟଥା ଏହି ବହୁମୂଲ୍ୟ ଜମିଟି ଅନ୍ୟ ଲୋକ ହଡପ କରି ନେବେ । ଏହି କଥା ହେଉ ହେଉ ମାଧ୍ୟାହ୍ନ ଭୋଜନ ସମାପ୍ତ ହୋଇଥିଲା । ଅତ୍ୟନ୍ତ ଖୁସିର କଥା ମୋ ୱାର୍ଡ ୦୩ ର ଶହ ଶହ ଅଞ୍ଚଳ ବାସୀଙ୍କ ପାଇଁ ରାମଭାଇଙ୍କ ଆଶ୍ୱସ୍ତିକର ପ୍ରତିଶ୍ରୁତି ଓ ବେନିୟମ କାର୍ଯ୍ୟରେ ଲିପ୍ତଥିବା ବ୍ୟକ୍ତିଙ୍କୁ ଶକ୍ତ ସତର୍କ ସୂଚନା ବାକି ସତ୍ୟର ବିଜୟ ସବୁବେଳେ ।ଆମେ ଏ ସବୁ ରାଜ୍ୟମୁଖିଆ ତଥା ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଜଣାଇଛୁ । ସ୍ଥାନୀୟ ଢେଙ୍କାନାଳ ପୌରାଞ୍ଚଳର ତିନି ନମ୍ବର ୱାର୍ଡ ମଧୁବନରେ ନନ୍ଦିନୀ ଶତପଥି ଶିଶୁ ଉଦ୍ୟାନର ପ୍ରାଚୀର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ଅଞ୍ଚଳର ଶହ ଶହ ନିବାସୀଙ୍କର ଦୀର୍ଘ ଦିନର ସ୍ୱପ୍ନ ଆଜି ସାକାର ହେବାକୁ ଯାଉଛି । ୱାର୍ଡ ୩ ରୁ ବିଜୁ ନନ୍ଦ, ସନ୍ତୋଷ ବେହେରା, ସୌମ୍ୟା ବେହେରା ସତ୍ୟାନନ୍ଦ ବେହେରା, ଡ଼ା.ସତ୍ୟଜିତ ମିଶ୍ର, ଡ଼ା.ମହେଶ୍ୱର ମହାପାତ୍ର, ଜୁଜୁ ମହାପାତ୍ର,ଅବସର ପ୍ରାପ୍ତ ଶିକ୍ଷକ ଅନ୍ତର୍ଯ୍ୟାମୀ ତ୍ରିପାଠୀ, ଅନିମେଷ ରାଉତ, ନିବେଦିତା ସ୍ୱାଇଁ,ହିମାଦ୍ରୀ ମଲ୍ଲିକ ଅତୁଲ୍ୟ ନନ୍ଦ, ସୁଧୀର ବେହେରା, ଡ଼ା.ଐଶ୍ୱର୍ଯ୍ୟ ମିଶ୍ର, ତପନ ପଟ୍ଟନାୟକ, ଦ୍ୱିତୀକୃଷ୍ଣ ମଲ୍ଲିକ, ବୀଚି ବେହେରା, ମୁନା ପଟ୍ଟନାୟକ, ହିମାଂଶୁ ମଲ୍ଲିକ, ବରିଷ୍ଠ ଶିକ୍ଷାବିତ୍ ତଥା ସମାଜସେବୀ ଡ଼ା.ଦେବୀ ପ୍ରସାଦ ମିଶ୍ର ଓ ବରିଷ୍ଠ ସାମ୍ବାଦିକ ଆଶୁତୋଷ ରାଉତ ପ୍ରମୁଖ ଏଥିପାଇଁ ପୌରାଧକ୍ଷା ଜୟନ୍ତୀ ପାତ୍ର, ସମାଜସେବୀ ରାମଚନ୍ଦ୍ର ପାତ୍ର, ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ଢେଙ୍କାନାଳ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଢେଙ୍କାନାଳଙ୍କୁ ଗଭୀର କୃତଜ୍ଞତା ଜଣାଇଛନ୍ତି । ସର୍ବୋପରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଅଞ୍ଚଳବାସୀ ଧନ୍ୟବାଦ ମଧ୍ୟ ଜଣେଇଛନ୍ତି ।

# ପଞ୍ଚାୟତ ସ୍ତରରେ ପହଞ୍ଚିଲା 'ରକ୍ତଦାତା ଜୀବନ ଦାତା' ପରିବାର

**ବ୍ୟାସନଗର, ନ୍ୟୁଜ ବ୍ୟୁରୋ**

ଯାଜପୁର ଜିଲ୍ଲା କୋରେଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କରଦା ପଞ୍ଚାୟତରେ ଆଜି ରକ୍ତଦାତା ଜୀବନ ଦାତା ପରିବାର ପକ୍ଷରୁ ଏକ ରକ୍ତଦାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଛି । ଗ୍ରୀଷ୍ମର ପ୍ରଭାବରେ ରକ୍ତଦାନ ଶିବିର ଧୀରେ ଧୀରେ କମିଯାଏ ଏବଂ ରୋଗୀଙ୍କର ରକ୍ତ ଅଭାବ ଅଧିକ ଦେଖାଯାଏ । ଫଳରେ ଥାଲାସେମିଆ ପିଲା, ଗର୍ଭବତୀ ମା, କ୍ୟାନସର ରୋଗୀ, ରକ୍ତ ହୀନତା ରୋଗୀମାନେ ନାହିଁନଥିବା ହଇରାଣ ହେବାର ସାମ୍ନାକୁ ଆସୁଛି । ତେବେ ଏହି ରକ୍ତର ଅଭାବକୁ ଦୁର କରିବା ପାଇଁ ଆଜି ଯାଜପୁର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରକ୍ତଦାତା ଜୀବନ ଦାତା ପରିବାରର ପ୍ରତିଷ୍ଠାତା ରାଜେଶ କୁମାର ରାଉତଙ୍କ ନେତୃତ୍ୱରେ ଓ ସମାଜସେବୀ ମନୋଜ ଦାସ, ପ୍ରକାଶ ଦାସ, ପ୍ରକାଶ ଜେନା ଓ କରଦା ପଞ୍ଚାୟତର ସମାଜସେବୀ ନୃସିଂହ ଦାସଙ୍କ ତତ୍ତ୍ୱବଧାନରେ କରଦା ପଞ୍ଚାୟତରେ ଆଜି ପ୍ରଥମ କରି ଏକ ରକ୍ତଦାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଛି । ତେବେ ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ କୋରାଇ ନିର୍ବାଚନ ମଣ୍ଡଳୀ ସମେତ ଆଖପାଖ ନିର୍ବାଚନ ମଣ୍ଡଳୀର ସମସ୍ତ ପଞ୍ଚାୟତ




ଗୁଡିକରେ ଏହି ସଚେତନତା କାର୍ଯ୍ୟକ୍ରମ ଜାରୀରହିବ ବୋଲି ସଙ୍ଗଠନ ପକ୍ଷରୁ ନିଷ୍ପତି ନିଆଯାଇଛି । ଏହି ରକ୍ତ ସଚେତନତା ସେବା କାର୍ଯ୍ୟକ୍ରମରେ ପୂର୍ଣ୍ଣ ସହଯୋଗର ହାତ ବଢ଼ାଇଥିବା ସଦସ୍ୟ ମାନଙ୍କ ମଧ୍ୟରେ କରଦା ପଞ୍ଚାୟତର ନୃସିଂହ ପଲେଇ, ଦିବାକର ପଲେଇ, ନିତ୍ୟାନନ୍ଦ ବାରିକ, ସୂର୍ଯ୍ୟକାନ୍ତ ଓଝା, କାଳନ୍ଦୀ ମହାରଣା, ରିତେଶ କୁମାର ପଲେଇ, ରତ୍ନାକର ମାଲିକ, ନରେନ୍ଦ୍ର ମାଲିକ, ରଜ କିଶୋର ମହାରଣା, ରମେଶ ଚନ୍ଦ୍ର ମଲିକ, ଦେବାଶିଷ ବାରିକ, ଦୁଃଶାସନ ମହାରଣା, ବିଶ୍ୱ ରଞ୍ଜନ ପଲେଇ ଓ ହୃର୍ଶିକେସ ମହାରଣା ପ୍ରମୁଖ ସଦସ୍ୟମାନେ ସହଯୋଗର ହାତ ବଢ଼ାଇଥିଲେ ।

# ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ସମୀକ୍ଷା ; ଗ୍ରୀଷ୍ମ ଋତୁ ପୂର୍ବରୁ ସମସ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**ଝାରସୁଗୁଡ଼ା, ନ୍ୟୁଜ ବ୍ୟୁରୋ**

ଆସନ୍ତା ୨୦୨୬ ଗ୍ରୀଷ୍ମ ଋତୁରେ ଜିଲ୍ଲାରେ ପାନୀୟ ଜଳର ସମସ୍ୟା ଦୂର କରିବା ଏବଂ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାର ସମସ୍ତ ନଳକୂପ, ସୌର ଚାଳିତ ଡୁଆଲ୍ ପମ୍ପ ଏବଂ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଜିଲ୍ଲାପାଳ ଅନୁଧ୍ୟାନ କରିଥିଲେ । ଗ୍ରୀଷ୍ମ ପ୍ରବାହ ସମୟରେ ଯେପରି କୌଣସି ସ୍ଥାନରେ ପାନୀୟ ଜଳର ଅଭାବ ନହୁଏ, ସେଥିପାଇଁ ସମସ୍ତ ଜଳଉତ୍ସକୁ କାର୍ଯ୍ୟକ୍ଷମ ରଖିବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଜିଲ୍ଲାର ବିଦ୍ୟାଳୟ ଏବଂ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଟ୍ୟାପ୍ ଯୋଗେ ଜଳ ଯୋଗାଣର ଅଗ୍ରଗତି, 'ବସୁଧା' ଅଭିଯୋଗର ସମାଧାନ ଏବଂ ଜଳକଷ୍ଟ ଅଂଚଳରେ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ ପାଇଁ ହୋଇଥିବା ପ୍ରସ୍ତୁତି ଉପରେ ଆଲୋଚନା କରାଯାଇଥିଲା । ନୂତନ ନଳକୂପ ଖନନ ସହିତ ଡିଏମଏଫ ଏବଂ ଏସଏଫସି ପାଣ୍ଠିରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରାଯାଇଥିଲା । ବିଶେଷ କରି ୧୬/୧୭ ଏବଂ ୪୨ଟି ଗ୍ରାମ ପଞ୍ଚାୟତକୁ ସାମିଲ କରୁଥିବା ମେଗା ପାନୀୟ ଜଳ ପ୍ରକଳ୍ପର ସ୍ଥିତି ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ରାସ୍ତା କାମ ସମୟରେ ପିଡବ୍ଲୁଡି, ଆରଡି ଏବଂ ଜାତୀୟ ରାଜପଥ(ଏନଏଚ) ବିଭାଗ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ପାଇପ୍ ଲାଇନଗୁଡ଼ିକର ତୁରନ୍ତ ପୁନରୁଦ୍ଧାର ପାଇଁ ଅନ୍ତଃ-ବିଭାଗୀୟ ସମନ୍ୱୟ ରକ୍ଷା କରିବାକୁ ପରାମର୍ଶ ଦିଆଯାଇଛି । ବାକି ରହିଥିବା ଆକଳନ ଗୁଡ଼ିକର ଅନୁମୋଦନ ଏବଂ ପାଣ୍ଠିର ସଠିକ୍ ବିନିଯୋଗ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ କାର୍ଯ୍ୟ ଶେଷ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

# ବ୍ଲକସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ



**କେନ୍ଦ୍ରାପଡ଼ା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡ଼ା ମହାବିଦ୍ୟାଳୟ ଖେଳ ପଡିଆରେ ଆଜି ବ୍ଲକସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ରଘୁରାମ ଆର. ଆୟର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ ଏବଂ ଯୁବ ପ୍ରତିଭାଙ୍କୁ ଆଗକୁ ଆଣିବା ପାଇଁ ଏହି ପ୍ରୟାସର ଗୁରୁତ୍ୱ ଉଲ୍ଲେଖ କରିଥିଲେ ।ଏହି ଅବସରରେ ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ସହିତ ଅନ୍ୟାନ୍ୟ କ୍ରୀଡା ସମ୍ପର୍କିତ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ପି.ଇ.ଟି. ଶିକ୍ଷକ ଉମାକାନ୍ତ କର,ବନମ୍ବର ଜେନା, ଟୁଲୁ ମାଲିକ, ଶଶୀରେଖା ସାହୁ, ପଙ୍କଜ ସାହୁ ଓ ଦିବ୍ୟ ମହାଲିକ ପ୍ରମୁଖ କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସକ୍ରିୟ ଭାବେ ସହଯୋଗ କରିଥିଲେ । ଆଜିର କାର୍ଯ୍ୟକ୍ରମରେ ୮ରୁ ୧୪ ବର୍ଷ ବୟସ୍କ ବର୍ଗର ୧୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଏମାନଙ୍କ ମଧ୍ୟରୁ ଖୋ-ଖୋ ଖେଳ ପାଇଁ ପ୍ରତିଭା ଚୟନ କରାଯାଇଥିଲା । ଏହି ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ମାଧ୍ୟମରେ ଜିଲ୍ଲାର କ୍ରୀଡାକ୍ଷେତ୍ରରେ ଲୁକାୟିତ ପ୍ରତିଭାମାନଙ୍କୁ ଚିହ୍ନଟ କରି ତାଙ୍କୁ ଆଗକୁ ଆଣିବାରେ ସହାୟତା ମିଳିବ ବୋଲି ଆଶା କରାଯାଉଛି ।

# ଡାକ୍ତରଖାନାର ବର୍ଜ୍ୟବସ୍ତୁ ପ୍ରବେଶ ଯୋଗୁଁ ପ୍ରଦୂଷିତ ହେଉଛି ବ୍ରାହ୍ମଣୀ ନଦୀ ଜଳ

**ରାଉରକେଲା, ନ୍ୟୁଜ ବ୍ୟୁରୋ**

ସୁନ୍ଦରଗଡ ଜିଲ୍ଲାରେ ଥିବା ୬ଟି ଛୋଟ ବଡ ସରକାରୀ ଡାକ୍ତରଖାନା ସମେତ ହାଇଟେକ ମେଡିକାଲରେ ଥିବା ଅପରେସନ ଥିଏଟରରୁ ବାହାରୁଥିବା ରକ୍ତ ପୁଜ ମଇଳା ରକ୍ତ ପାଣିକୁ ସଫା କରିବା କିମ୍ବା ଟ୍ରିଟମେଂଟ କରିବା ଲାଗି ଇଟିପି ବ୍ୟବସ୍ଥା ନାହିଁ, ଫଳରେ ଏହି ସବୁ ମଇଳା ପାଣିକୁ ଡାକ୍ତରଖାନା ମାନେ ସିଧାସଳଖ ବ୍ରାହ୍ମଣୀ ନଦୀକୁ ଛାଡି ଦେଉଛନ୍ତି, ଖାଲି ଏହି ସରକାରୀ ଡାକ୍ତରଖାନା ଗୁଡିକ ନୁହଁନ୍ତି ରାଉରକେଲାର ହାଇଟେକ ମେଡିକାଲ ସମେତ ବହୁ ବେସରକାରୀ ମେଡିକାଲରେ ଏହି ବ୍ୟବସ୍ଥା ନାହିଁ ତେଣୁ ସେମାନେ ମଧ୍ୟ ଏହି ପାଣି ଗୁଡିକୁ ସିଧାସଳକ ବ୍ରାହ୍ମଣୀକୁ ଛାଡି ଦେଉଛନ୍ତି ବୋଲି ଖବର ମିଳିଛି । ମିଳିଥିବା ସୂଚନା ଅନୁଶାରେ, ଡାକ୍ତରଖାନା ମାନଙ୍କର ନିଜର ଅପରେସନ ଥିଏଟର ଅଛି, ଏମାନେ ଅନେକ ଛୋଟ ବଡ ଅପରେସନ କରିଥାନ୍ତି, ଅପରେସନ ବେଳେ କଟା ମାଂସ, ହାଡ, ଚମଡା, ସୂତା, କନା ସମେତ ଅପରିଷ୍କାର ପାଣି ବାହାରିଥାଏ, ତେବେ କଠିନ ହାଡ ମାଂସକୁ ନଷ୍ଟ କରିବା ଲାଗି ବ୍ୟବସ୍ଥା କରିବା ସହ ଇଟିପି ବ୍ୟବସ୍ଥାରେ ମଇଳା ରକ୍ତ ପାଣିକୁ ଟ୍ରିଟମେଣ୍ଟ କରି ବାହାରକୁ ଛାଡିବା କଥା, କିନ୍ତୁ ସୁନ୍ଦରଗଡ ଜିଲ୍ଲାରେ ଥିବା ମୁଖ୍ୟ ସରକାରୀ ଡାକ୍ତରଖାନା ସମେତ ରାଉରକେଲା ସରକାରୀ ଡାକ୍ତରଖାନାରେ ବି ଏହି ସୁବିଧା ଦୀର୍ଘ ବର୍ଷ ହେଲା ନାହିଁ, ସମସ୍ତେ ଏହିଭଳି ମଇଳା ପାଣି ଗୁଡିକୁ ସିଧା ନଦୀକୁ ଛାଡୁଛନ୍ତି । ସେହିଭଳି ରାଉରକେଲା ହାଇଟେକ ମେଡିକାଲ ସମେତ ଅନେକ ଡାକ୍ତରଖାନାରେ ମଧ୍ୟ ଏହି ସୁବିଧା ନାହିଁ । ସେମାନେ ମଧ୍ୟ ଏହିଭଳି ସିଧା ମଇଳା ପାଣିକୁ ନଦୀକୁ ଛାଡି ଦେଉଛନ୍ତି ଓ କେହିବି ଇଟିପି ବ୍ୟବସ୍ଥା କରୁନାହାନ୍ତି । ଏନେଇ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡର ବରିଷ୍ଠ ଅଧିକାରୀ ଭୁବନେଶ୍ୱରଙ୍କ କହିବା କଥା ଏଥିଲାଗି ମାତ୍ର କୋଟିଏ ଟଙ୍କା ଖର୍ଚ୍ଚ କରାଗଲେ ଏହି ବ୍ୟବସ୍ଥା ହୋଇପାରିବ, ଆମର ରାଉରକେଲା ଅଧିକାରୀ ମାନେ ମଧ୍ୟ ସହଯୋଗ କରିବେ କିନ୍ତୁ ଡାକ୍ତରଖାନାମାନେ ଏନେଇ ଆଜି ଯାଏ ସଚେତନ ହେଉନାହାନ୍ତି । ଖାଲି ସେତିକି ନୁହେଁ ଏହିସବୁ ଡାକ୍ତରଖାନା ଗୁଡିକ ୧୦୦ ରୁ ୪୦୦/ ୫୦୦ ବେଡ ରଖି ରୋଗୀ ସେବା କରୁଛନ୍ତି, ପ୍ରତି ରୋଗୀ ଦିନକୁ ପାଇଖାନା, ଗାଧୁଆ ଘରେ ଓ ଅନ୍ୟାନ୍ୟ ଲାଗି ୧୩୫ ଲିଟର ପାଣି ବ୍ୟବହାର କରିଥାଏ, ସେଥିରେ ମଧ୍ୟ ମଇଳା ପାଣି ବାହାରିଥାଏ, ଏସବୁକୁ ମଧ୍ୟ ବିନା ଟ୍ରିଟମେଂଟ ବ୍ୟବସ୍ଥାରେ ରାଉରକେଲାର ବହୁ ଡାକ୍ତରଖାନା ନିଜ କାମ ଚଳାଇଛନ୍ତି, ରାଉରକେଲାର ଅନ୍ୟତମ ହାଇଟେକ ମେଡିକାଲ ଏହି ସବୁ ନିୟମକୁ ଫୁ କରିବାରେ ନମ୍ବର ୧ରେ ଅଛି ବୋଲି ଅଭିଯୋଗ ହେଉଛି । ଏହି ଡାକ୍ତରଖାନାର ପାର୍ଟନର ଭାବେ ରାଉରକେଲା ବିଧାୟକ ରହିବା ପରେ ଡାକ୍ତରଖାନା ବାଲା ଆଉ ଇନ୍ଦ୍ର ଚନ୍ଦ୍ର ମାନୁ ନାହାନ୍ତି, ଫଳରେ ବ୍ରାହ୍ମଣୀ ନଦୀ ପ୍ରତି ମୁହୁର୍ତରେ ଅଧିକରୁ ଅଧିକ ପ୍ରଦୁଷିତ ହେଉଛି । ଅତିତର ଇତିହାସ କହେ ପ୍ରଦୁଷଣ ମାତ୍ରା ଏହିଭଳି ବଢିବାରୁ ସହରରେ କଲେରା ଭଳି ସ୍ଥିତି ଉପୁଜିଥିଲା, ଅନେକ ଲୋକ ମରିଥିଲେ କିନ୍ତୁ କାରଣକୁ ସରକାର ସେତେବେଳେ ବହୁତ ସମୟ ଲୁଚାଇଥିଲେ । ସରକାର ଏଥିଲାଗି ନାନା ହଇରାଣ ମଧ୍ୟ ହୋଇଥିଲେ, କିନ୍ତୁ ତଥାପି ଏହି ଡାକ୍ତରଖାନା ମାନେ ଆଜିଯାଏ ପ୍ରଦୁଷଣ ନିୟମକୁ ମାନୁ ନାହାନ୍ତି ବିନା କନସେଂଟ ଟୁ ଅପରେଟରେ ଡାକ୍ତରଖାନା ଚଳାଇଥିବା ଅଭିଯୋଗ ହେଉଛି । ଏହାପରେ ଆଉ ଏକ ବଡ କାରବାର ମଧ୍ୟ ଡାକ୍ତରଖାନା ମାନେ ସିଧାସଳଖ କିମ୍ବା ଅନ୍ୟ ଦ୍ୱାରା କରିଚାଲିଛନ୍ତି । ଡାକ୍ତରଖାନାରୁ ବାହାରୁଥିବା ମଇଳା ବେଡସିଟ, ତକିଆ ଖୋଳ ଗୁଡିକୁ ନିଜର ସଫା କରିବା ବ୍ୟବସ୍ଥା କରିଥିଲେ ବି ଏଥିରେ ମଧ୍ୟ ଆବଶ୍ୟକୀୟ ପ୍ରଦୁଷଣ ନିୟନ୍ତ୍ରଣ ମେସିନ ଲଗାଇ ନାହାନ୍ତି, ଯାହା ଫଳରେ ସେହି ସବୁ ମଇଳା ପାଣି ମଧ୍ୟ ବ୍ରାହ୍ମଣୀକୁ ପ୍ରଦୁଷିତ କରିଚାଲିଛି । ଜିଲ୍ଲାର ସମସ୍ତ ସରକାରି ଡାକ୍ତରଖାନା ଓ ହାଇଟେକ ମେଡିକାଲ ଏଭଳି ସୁବିଧା ନକରି ପ୍ରତି ମୁହୁର୍ତରେ ନଦୀ ପାଣିକୁ ପ୍ରଦୁଷିତ କରୁଛି, ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ମଧ୍ୟ ପ୍ରଦୁଷଣ ନିୟନ୍ତ୍ରଣ ବିଭାଗରେ ଅନେକ ଦିନ କାମ କରିଛନ୍ତି, ସେ ଜଣେ ପରିବେଶ ବିଜ୍ଞାନୀ, ଏସବୁକଥାକୁ ସେ ଭଲ ଭାବେ ବୁଝିପାରିବେ ଓ ବୁଝୁଥିବେ, କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଯେ ସରକାର ଆସିବାର ୨ବର୍ଷ ପରେ ବି ମନ୍ତ୍ରୀ ଆଜି ଯାଏ ନିରବ ରହିଛନ୍ତି କାହିଁକି ତାହା ବୁଝି ପଡୁନାହିଁ । ରାଜ୍ୟ ମୁଖ୍ୟମନ୍ତ୍ରୀ ଏନେଇ ତୁରନ୍ତ ଦୃଷ୍ଟି ଦେଇ ପବିତ୍ର ବ୍ରାହ୍ମଣୀକୁ ଅପବିତ୍ର ହେବାରୁ ବଂଚାଇବା ସହ ସୁନ୍ଦରଗଡ ଜିଲ୍ଲା ବାସୀଙ୍କୁ ସହାୟ ହେବାକୁ ଦାବିହେଉଛି ।

# ପୁରୀରେ 'ଉତ୍ସାହର ଉତ୍ସବ' ଅନୁଷ୍ଠିତ : ୪୦ ଜଣ ମହିଳା ଉଦ୍ୟୋଗୀ ସମ୍ମାନିତ

**ପୁରୀ, ନ୍ୟୁଜ ବ୍ୟୁରୋ**

ସେଣ୍ଟର ଫର ଇଣ୍ଟିଗ୍ରେଟେଡ୍ ରୁରାଲ୍ ଆଣ୍ଡ ଟ୍ରାଇବାଲ୍ ଡେଭଲପମେଂଟ (ସିଆଇ ଆର ଟି ଡି) ଏବଂ 'ଅନ୍ନଦା' ପୁରୀ ର ମିଳିତ ଆନୁକୂଲ୍ୟରେ, କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସଦାଶିବ ପରିସର ସଭାଗୃହରେ ରବିବାର ପୂର୍ବାହ୍ନରେ 'ଉତ୍ସାହର ଉତ୍ସବ' ଅନୁଷ୍ଠିତ ଜୋଇଯାଇଛି । ରମିତ୍ ଫାଉଣ୍ଡେସନର ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ କୃଷି, କଳା ଏବଂ ସ୍ଥାନୀୟ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୪୦ ଜଣ ସାହସୀ ମହିଳା ଉଦ୍ୟୋଗୀଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର 'ପ୍ୟାଡ୍ ଓମ୍ୟାନ୍' ତଥା ଆଦିବାସୀ ଭିଜନ ର ପ୍ରତିଷ୍ଠାତା ସୁଶ୍ରୀ ଅନୁଶ୍ରୀ ଦାସ ଯୋଗ ଦେଇଥିଲେ । ଏହି ସମ୍ବର୍ଦ୍ଧନା ସଭାରେ ବରିଷ୍ଠ ଅତିଥି ଭାବେ ଆଇନଜୀବୀ ପ୍ରଧାନ ଧୀରେନ ରାୟ ଯୋଗଦେଇ ମହିଳା ଉଦ୍ୟୋଗୀ ମାନଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଭାବରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ବରିଷ୍ଠ ପ୍ରଫେସର ଅନୁପମା, ବରିଷ୍ଠ ସାମ୍ବାଦିକ ତଥା ଓଡିଶା ସାମ୍ବାଦିକ ସଂଘର ଜିଲ୍ଲା ସଭାପତି ବିଜୟ ମିଶ୍ର, ଟାଟା ଷ୍ଟ୍ରାଇଭ ର ଶସ୍ମିତା ମହାପାତ୍ର, ଦୂରଦର୍ଶନ ସମ୍ବାଦ ପାଠିକା ସୁଦେଷ୍ଣା, ପୁରୀ ବେଲଦଳ ସରପଂଚ ବିପିନ ଦାସ, ଜାତୀୟ ପୁରସ୍କାର ପ୍ରାପ୍ତ ଚଳଚ୍ଚିତ୍ର ନିର୍ମାତା ଆଶୁତୋଷ ପଟ୍ଟନାୟକ, ମିଲେଟ୍ ମିଶନ ର ଶବନମ୍, ୱିପ୍ରୋ ର ଅନୁରାଧା, ଫ୍ୟାଶନ ଡିଜାଇନର ଉଷାରାଣୀ, ଡାକ୍ତର ଶ୍ରଦ୍ଧା ମା ଇକ୍ରୋସର୍ଜନ ଓ କଳାକାର ଡାକ୍ତର ଶ୍ରଦ୍ଧା, ସମାଜସେବୀ ରାଜଲକ୍ଷ୍ମୀ ଦାସ, ସୋଆ ୟୁନିଭରସିଟି ର ଶିକ୍ଷାବିତ କାଜଲ କିରଣ ପଣ୍ଡା ପ୍ରମୁଖ ଯୋଗଦେଇ ମହିଳା ଉଦ୍ୟୋଗୀ କିପରି ଅଧିକ ଲାଭବାନ ହେବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ସି ଆଇଆରଟିଡିର ସଭାପତି ରୁଚିମିତ୍ରା ଜଗଦେବ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଗ୍ରାମାଚଂଳର ମହିଳାମାନଙ୍କ ସଂଘର୍ଷ ଓ ସଫଳତାର କାହାଣୀକୁ ଲୋକଲୋଚନକୁ ଅଣାଯାଇଥିଲା । ଏହି ଅବସରରେ ଏକ ପ୍ୟାନେଲ୍ ଆଲୋଚନାରେ ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞଙ୍କ ଅଂଶଗ୍ରହଣ କରିଥିଲେ । ସାମାଜିକ ପରିବର୍ତନ ଉପରେ ବିଶେଷଜ୍ଞମାନେ ମତ ରଖିଥିଲେ । ଶସ୍ମିତା ମହାପାତ୍ର – ତୃଣମୂଳ ସ୍ତରର ନେତୃତ୍ୱ ଓ ଜଳବାୟୁ, ସୁଦେଷ୍ଣା – ସାମାଜିକ ପରିବର୍ତନରେ ଗଣମାଧ୍ୟମର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । ବେଲାଦଳ ସରପଂଚ – ସରକାରୀ ଯୋଜନାର କ୍ଷେତ୍ରସ୍ତରୀୟ ରୂପାୟନ, ଆଶୁତୋଷ ପଟ୍ଟନାୟକ – କଳା ଓ ସଂସ୍କୃତି, ଶବନମ୍ – ମାଣ୍ଡିଆ ଓ ବିହନ ବିପ୍ଳବ, ଅନୁରାଧା (ୱିପ୍ରୋ) – କର୍ପୋରେଟ୍ ନୈତିକତା ଓ ଅଧିକାର,ଉଷାରାଣୀ (ଫ୍ୟାଶନ ଡିଜାଇନର)– ବୁଣାକାର ଶିଳ୍ପ ଓ ନୂତନ ପିଢ଼ି, ଡାକ୍ତର ଶ୍ରଦ୍ଧା (ମାଇକ୍ରୋସର୍ଜନ ଓ କଳାକାର) – ଚିକିତ୍ସା ଓ କଳାର ସମନ୍ୱୟ, ରାଜଲକ୍ଷ୍ମୀ ଦାସ (ସମାଜସେବୀ) – ଶିଶୁ ଅଧିକାର ଓ ସାମାଜିକ ପ୍ରଭାବ ଓ କାଜଲ କିରଣ ପଣ୍ଡା (ଶିକ୍ଷାବିତ୍) – ଶିକ୍ଷା ଓ ନିଯୁକ୍ତି ସମ୍ପର୍କରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମର ଅନ୍ୟାନ୍ୟ ପ୍ରସଙ୍ଗ ମଧ୍ୟରେ ରୁଟ୍ସ ଟୁ ରାଇଜ୍' ଫୋର୍ଡକାଷ୍ଟର ଶୁଭାରମ୍ଭ ହୋଇଥିଲା । ଗ୍ରାମାଚଂଳର ପ୍ରେରଣାଦାୟୀ କାହାଣୀ ପ୍ରଚାର ପାଇଁ ଏହି ନୂତନ ପଦକ୍ଷେପ ବେଶ ଫଳପ୍ରଦ ହେବ ବୋଲି ବିଶେଷଜ୍ଞମାନେ ମତ ଦେଇଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ସମ୍ବଲପୁରୀ ନୃତ୍ୟକୁ ଦର୍ଶକମାନେ ଉପଭୋଗ କରିଥିଲେ । ମହିଳା ଉଦ୍ୟୋଗୀମାନେ ନିଜର ସଫଳତା ସମ୍ପର୍କରେ ଅନୁଭୂତି କହିଥିଲେ ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଗୁଜବକାରୀଙ୍କୁ କଠୋର ଦଣ୍ଡ ଆବଶ୍ୟକ

ବିଶ୍ୱର ଏହି ସମ୍ବେଦନଶୀଳ ମୁହୂର୍ତ୍ତରେ ଗୁଜବ ସୃଷ୍ଟି କରି ନିରିହ ଜନତାଙ୍କୁ ଭ୍ରମିତ କରନ୍ତୁ ନାହିଁ। କେନ୍ଦ୍ର ମନ୍ତ୍ରୀ ହରଦୀପ ପୁରୀ ବିଶ୍ୱ ଅନିଶ୍ଚିତତା ମଧ୍ୟରେ ଦେଶକୁ ଶକ୍ତି ସୁରକ୍ଷା ଏବଂ ଅତ୍ୟାବଶ୍ୟକୀୟ ଯୋଗାଣ ସୁନିଶ୍ଚିତ କରିବାର ଆଶ୍ୱାସନା ଦେଇଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ସରକାର ଯେକୌଣସି ଚ୍ୟାଲେଞ୍ଜର ମୁକାବିଲା କରିବାକୁ ପ୍ରସ୍ତୁତ। ମଧ୍ୟପ୍ରାଚ୍ୟ ଯୁଦ୍ଧ ସଙ୍କଟ ମଧ୍ୟରେ ଭାରତରେ ଲକଡାଉନ୍ ହେବା ନେଇ ଖବର ପ୍ରସାରିତ ହେଉଛି । ଦେଶରେ ଏନର୍ଜି ଲକଡାଉନ ହେବ ବୋଲି ଖବର ଆସୁଥିଲା । କିନ୍ତୁ ଏହାକୁ ନେଇ ବଡ଼ ବୟାନ ଦେଇଛନ୍ତି କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂହ ପୁରୀ । ସେ ଶକ୍ତି ଆବଶ୍ୟକତା ପୂରଣ ପାଇଁ ସରକାରଙ୍କ ପଦକ୍ଷେପ ଏବଂ ଲକଡାଉନର ଗୁଜବ ସମ୍ପର୍କରେ ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରିଛନ୍ତି । ସେ କହିଛନ୍ତି ବିଶ୍ୱ ପରିସ୍ଥିତି ଅନିଶ୍ଚିତ ରହିଛି ଏବଂ ଆମେ ଶକ୍ତି, ଯୋଗାଣ ଶୃଙ୍ଖଳା ଏବଂ ଅତ୍ୟାବଶ୍ୟକୀୟ ସାମଗ୍ରୀ ସହିତ ଜଡିତ ପରିସ୍ଥିତି ଉପରେ କଡ଼ା ନଜର ରଖିଛୁ । ଲକଡାଉନ୍ ନେଇ ସେପରି କୌଣସି ପ୍ରସ୍ତାବ ନାହିଁ । ସେ କହିଛନ୍ତି ଯେ, ଭାରତ ବିଶ୍ୱ ଅନିଶ୍ଚିତତା ସାମ୍ନାରେ ଦୃଢ଼ତା ପ୍ରଦର୍ଶନ କରିଛି ଏବଂ ସକ୍ରିୟ ଏବଂ ସମନ୍ୱିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଚାଲିବ। ଲକଡାଉନ ବିଷୟରେ ପ୍ରଚାରିତ ଗୁଜବ ସମ୍ପୂର୍ଣ୍ଣ ମିଥ୍ୟା । ମୁଁ ସ୍ପଷ୍ଟ କରିବାକୁ ଚାହୁଁଛି ଯେ ସରକାରୀ ସ୍ତରରେ ଏପରି କୌଣସି ପ୍ରସ୍ତାବ ବିଚାରାଧୀନ ନାହିଁ । ଏପରି ସମୟରେ, ଆମ ସମସ୍ତଙ୍କ ପାଇଁ ଶାନ୍ତ, ଦାୟିତ୍ୱବାନ ଏବଂ ଏକତା ରହିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏପରି ପରିସ୍ଥିତିରେ ଗୁଜବ ପ୍ରଚାର କରିବା ଏବଂ ଅନାବଶ୍ୟକ ଭୟ ସୃଷ୍ଟି କରିବା ଦାୟିତ୍ୱହୀନ ଏବଂ କ୍ଷତିକାରକ । ଗତ ମାସ ମଧ୍ୟରେ ଆନ୍ତର୍ଜାତୀୟ ସ୍ତରରେ ଅଶୋଧିତ ତୈଳ ମୂଲ୍ୟ ଆକାଶଛୁଆଁ ହୋଇଛି, ପ୍ରତି ବ୍ୟାରେଲ ପ୍ରାୟ ୭୦ ଡଲାରରୁ ପ୍ରାୟ ୧୨୨ ଡଲାରରେ ପହଞ୍ଚିଛି । ଫଳରେ ସାରା ବିଶ୍ୱରେ ଗ୍ରାହକଙ୍କ ପାଇଁ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ବୃଦ୍ଧି ପାଇଛି । ଦକ୍ଷିଣ ପୂର୍ବ ଏସିଆରେ ମୂଲ୍ୟ ପ୍ରାୟ ୩୦% ରୁ ୫୦%, ଉତ୍ତର ଆମେରିକାରେ ୩୦%, ୟୁରୋପରେ ୨୦% ଏବଂ ଆଫ୍ରିକାରେ ୫୦% ବୃଦ୍ଧି ପାଇଛି । ହରଦୀପ ସିଂହ ପୁରୀ କହିଛନ୍ତି ଯେ, ସରକାରଙ୍କ ପାଖରେ ଦୁଇଟି ବିକଳ୍ପ ଥିଲା: ଅନ୍ୟ ସମସ୍ତ ଦେଶ ପରି ନାଗରିକମାନଙ୍କ ପାଇଁ ମୂଲ୍ୟବୃଦ୍ଧି କରନ୍ତୁ, ନଚେତ୍ ସରକାର ନିଜ ଆର୍ଥିକ ବୋଝ ବହନ କରିବା ଉଚିତ୍, ଯାହା ଦ୍ୱାରା ସାଧାରଣ ଲୋକ ଅନ୍ତର୍ଜାତୀୟ ବଜାରର ଅସ୍ଥିରତାରୁ ସୁରକ୍ଷିତ ରହିବେ । କେନ୍ଦ୍ରମନ୍ତ୍ରୀ କିରନ ରିଜିଜୁ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରିଦେଇଛନ୍ତି ଯେ ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ। ଭାରତ ସରକାର ପରିସ୍ଥିତିକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରଖିଛନ୍ତି ଏବଂ ଜନସାଧାରଣ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ତାହା ସୁନିଶ୍ଚିତ କରୁଛନ୍ତି । ଗୁଜବ ସୃଷ୍ଟିକାରୀଙ୍କୁ ଚିହ୍ନଟ କରି କଠୋର ଦଣ୍ଡ ଦିଆଯିବ। ପ୍ରଧାନମନ୍ତ୍ରୀ ବ୍ୟକ୍ତିଗତ ଭାବରେ ପରିସ୍ଥିତି ଉପରେ ନଜର ରଖିଛନ୍ତି ।

# ରାମ ନବମୀ: ମାନବତାକୁ ଆଲୋକିତ କରୁଥିବା ଦିବ୍ୟ ଅବତାର



ଅର୍ଚ୍ଚିତା ଦାଶ
ଜଗନ୍ନାଥ ବିହାର, ନୂଆଗାଁ

ରାମ ନବମୀ କେବଳ ଏକ ପଞ୍ଜିକାରେ ଚିହ୍ନିତ ପର୍ବ ନୁହେଁ, ଏହା ହେଉଛି ଏକ ଜୀବନ୍ତ ସଭ୍ୟତାମୂଳକ ସ୍ମୃତି, ଯାହା ଅନେକ ପିଢ଼ି ଧରି ଲକ୍ଷାଧିକ ଲୋକଙ୍କର ନୈତିକ, ଆଧ୍ୟାତ୍ମିକ ଓ ସାଂସ୍କୃତିକ ଚେତନାକୁ ଗଢ଼ି ଆସୁଛି। ଏହି ଦିନ ଭଗବାନ ରାମଙ୍କ ଜନ୍ମତିଥିକୁ ସ୍ମରଣ କରାଏ, ଯିଏ ଭଗବାନ ବିଷ୍ଣୁଙ୍କ ସପ୍ତମ ଅବତାର ଭାବେ ପରିଚିତ ଓ ଧର୍ମ, ସତ୍ୟ, ନ୍ୟାୟ ଓ ଆଦର୍ଶ ଜୀବନର ପ୍ରତୀକ ଭାବେ ପୂଜିତ। ଚୈତ୍ର ମାସର ଶୁକ୍ଳ ପକ୍ଷର ନବମୀ ତିଥିରେ ପାଳିତ ଏହି ପବିତ୍ର ଦିନ କେବଳ ଆଚାର-ବିଚାରରେ ସୀମିତ ନୁହେଁ, ଏହା ହେଉଛି ଧର୍ମର ଶାଶ୍ୱତ ସତ୍ୟକୁ ଅନୁଭବ କରିବାର ଏକ ଗଭୀର ଅବସର। ଏହି ପର୍ବ ଆମକୁ ସ୍ମରଣ କରାଏ ଯେ, ଯେତେବେଳେ ଜଗତରେ ଅନ୍ୟାୟ ବଢ଼ିଥାଏ, ସେତେବେଳେ ଧର୍ମର ପୁନଃସ୍ଥାପନା ପାଇଁ ଦିବ୍ୟ ଶକ୍ତି ମାନବ ରୂପରେ ପ୍ରକାଶ ପାଏ।

ରାମଙ୍କ ଜନ୍ମକଥା ଏକ ଗଭୀର ପ୍ରତୀକାତ୍ମକ ଅର୍ଥ ବହନ କରେ। ଅଯୋଧ୍ୟାର ରାଜା ଦଶରଥ ଓ ରାଣୀ କୌଶଲ୍ୟାଙ୍କ ଗୃହରେ ଜନ୍ମ ନେଇଥିବା ରାମ କେବଳ ଏକ ରାଜକୁମାର ନୁହେଁ, ସେ ଥିଲେ ସମଗ୍ର ବ୍ରହ୍ମାଣ୍ଡର ସମତା ପୁନଃସ୍ଥାପନା ପାଇଁ ଆସିଥିବା ଦିବ୍ୟ ଶକ୍ତି। କିନ୍ତୁ ତାଙ୍କର ମହତ୍ତ୍ୱ କେବଳ ତାଙ୍କର ଦିବ୍ୟତାରେ ନୁହେଁ, ବରଂ ତାଙ୍କର ମାନବୀୟ ଜୀବନ ଯାତ୍ରାରେ ଅଛି—ଯେଉଁଠାରେ ସେ ଦୁଃଖ, ସଂଘର୍ଷ, ବନବାସ ଓ ଅନେକ ପରୀକ୍ଷା ସହି ଧର୍ମର ପଥକୁ କେବେ ଛାଡ଼ିନଥିଲେ। ତାଙ୍କ ଜୀବନ ଆମକୁ ଶିଖାଏ ଯେ, ସତ୍ୟ ଓ ନ୍ୟାୟର ପଥ କଷ୍ଟକର ହୋଇପାରେ, କିନ୍ତୁ ସେହି ପଥ ହିଁ ସଠିକ୍ ପଥ।

ରାମଙ୍କ ବନବାସ ତାଙ୍କ ଜୀବନର ସବୁଠାରୁ ଗଭୀର ଶିକ୍ଷାମୂଳକ ଅଧ୍ୟାୟ ଅଟେ। ପିତାଙ୍କ ଦେଇଥିବା ଶବ୍ଦକୁ ରକ୍ଷା କରିବା ପାଇଁ ସେ ସମସ୍ତ ସୁଖ-ସମୃଦ୍ଧି ଛାଡ଼ି ବନକୁ ଯିବାକୁ ସ୍ୱୀକାର କରିଥିଲେ। ଏହା କେବଳ ଆଜ୍ଞାପାଳନ ନୁହେଁ, ଏହା ହେଉଛି ସତ୍ୟ ଓ କର୍ତ୍ତବ୍ୟ ପ୍ରତି ଅତ୍ୟନ୍ତ ନିଷ୍ଠାର ଉଦାହରଣ। ଆଜିର ଦିନରେ ଯେତେବେଳେ ଲୋକମାନେ ସ୍ୱାର୍ଥ ଓ ସୁବିଧାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି, ରାମଙ୍କ ଏହି ଆଦର୍ଶ ଆମକୁ ମନେ ପକାଏ ଯେ, ସତ୍ୟ ପାଇଁ ତ୍ୟାଗ ଅବଶ୍ୟକ। ରାମ ନବମୀ ଆମକୁ ଏହି ମୂଲ୍ୟବୋଧ ଉପରେ ପୁନର୍ବିଚାର କରିବାର ଅବସର ଦେଇଥାଏ।

ରାମଙ୍କ ଜୀବନରେ ସମ୍ପର୍କର ମହତ୍ତ୍ୱ ବି ଅତ୍ୟନ୍ତ ଗଭୀର। ସେ ଏକ ଆଦର୍ଶ ପୁତ୍ର, ଆଦର୍ଶ ପତି, ଆଦର୍ଶ ଭାଇ ଓ ଆଦର୍ଶ ରାଜା ଭାବେ ଆମ ସମ୍ମୁଖରେ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି। ସୀତାଙ୍କ ସହିତ ତାଙ୍କର ସମ୍ପର୍କ ଭଲପାଇବା ଓ ଆସ୍ଥାର ପ୍ରତୀକ, ଲକ୍ଷ୍ମଣଙ୍କ ସହିତ ତାଙ୍କର ସମ୍ପର୍କ ଭାଇଚାରାର ଅତ୍ୟନ୍ତ ଉତ୍କୃଷ୍ଟ ଉଦାହରଣ ଓ ଭରତଙ୍କ ସହିତ ତାଙ୍କର ସମ୍ପର୍କ ନିଷ୍କାମ ଭକ୍ତି ଓ ନିଷ୍ଠାର ପ୍ରତୀକ। ଏହି ସମ୍ପର୍କଗୁଡ଼ିକ ଆମକୁ ଶିଖାଏ ଯେ, ଜୀବନର ସତ୍ୟ ସଫଳତା ସମ୍ପର୍କର ସମନ୍ୱୟ ଓ ପରସ୍ପର ସମ୍ମାନରେ ଅଛି।

ରାମ ନବମୀର ଆଧ୍ୟାତ୍ମିକ ମହତ୍ତ୍ୱ ମଧ୍ୟ ଅତ୍ୟନ୍ତ ଗଭୀର। ଏହି ଦିନ ଲୋକମାନେ ଉପବାସ ରଖନ୍ତି, ପୂଜା କରନ୍ତି ଓ ରାମାୟଣ ପାଠ କରି ଭଗବାନଙ୍କ ସ୍ମରଣରେ ଲୀନ ହୁଅନ୍ତି। ଏହା କେବଳ ଧାର୍ମିକ କାର୍ଯ୍ୟ ନୁହେଁ, ଏହା ମନ ଓ ଆତ୍ମାକୁ ପବିତ୍ର କରିବାର ଏକ ପ୍ରକ୍ରିୟା। ଭକ୍ତିର ମାଧ୍ୟମରେ ମନୁଷ୍ୟ ନିଜ ଭିତରେ ଥିବା ଅହଂକାରକୁ ତ୍ୟାଗ କରିଥାଏ ଏବଂ ଏହା ଆମକୁ ଶାନ୍ତି, ସମତା ଓ ଆନନ୍ଦର ଅନୁଭବ ଦେଇଥାଏ। ସାଂସ୍କୃତିକ ଭାବରେ ମଧ୍ୟ ରାମ ନବମୀ ଅତ୍ୟନ୍ତ ସମୃଦ୍ଧ। ରାଜା ନିଜ ସ୍ୱାର୍ଥ ପାଇଁ ନୁହେଁ, ଲୋକଙ୍କ ମଙ୍ଗଳ ପାଇଁ କାମ କରେ। ଆଜିର ଯୁଗରେ ଏହି ଆଦର୍ଶ ଆମକୁ ସ୍ମରଣ କରାଏ ଯେ, ସତ୍ୟ ନେତୃତ୍ୱ ହେଉଛି ସେଇଠି ଯେଉଁଠାରେ ନିଷ୍ଠା, ଦାୟିତ୍ୱ ଓ ସେବାର ଭାବ ଥାଏ। ଆଧୁନିକ ଯୁଗରେ ରାମ ନବମୀର ଗୁରୁତ୍ୱ ଆହୁରି ବଢ଼ିଯାଏ। ଯେତେବେଳେ ମନୁଷ୍ୟ ଭୌତିକ ସଫଳତା ପଛରେ ଧାଉଁଛି, ସେତେବେଳେ ଏହି ପର୍ବ ଆମକୁ ମନେ ପକାଏ ଯେ, ନୈତିକ ଓ ଆଧ୍ୟାତ୍ମିକ ଉନ୍ନତି ବିନା ସତ୍ୟ ସଫଳତା ସମ୍ଭବ ନୁହେଁ। ଏହା ଆମକୁ ଆତ୍ମଚିନ୍ତନ କରିବାକୁ ପ୍ରେରଣା ଦିଏ ଓ ନିଜ ଜୀବନକୁ ଧର୍ମର ପଥରେ ଆଗକୁ ବଢ଼ାଇବାକୁ ଉତ୍ସାହିତ କରେ। ଶେଷରେ, ରାମ ନବମୀ କେବଳ ଏକ ପର୍ବ ନୁହେଁ, ଏହା ହେଉଛି ଜୀବନ ଜୀବନ୍ତ କରିବାର ଏକ ଶାଶ୍ୱତ ଦର୍ଶନ। ଏହା ଆମକୁ ସତ୍ୟ, ଧର୍ମ, ଭକ୍ତି ଓ ନ୍ୟାୟର ପଥରେ ଚାଲିବାକୁ ଆହ୍ୱାନ କରେ। ଭଗବାନ ରାମଙ୍କ ଜନ୍ମ କେବଳ ଇତିହାସ ନୁହେଁ, ଏହା ଆମ ମନରେ ଥିବା ଦିବ୍ୟ ଶକ୍ତିର ଜାଗରଣ। ଯେତେବେଳେ ଆମେ ଏହି ଶକ୍ତିକୁ ଅନୁଭବ କରୁ, ସେତେବେଳେ ଆମ ଜୀବନ ଓ ସମାଜ ଦୁହେଁ ଆଲୋକିତ ହୁଅନ୍ତି।

# ରାମ ନାମରେ ରହିଛି ସାମ୍ପ୍ରଦାୟୀକତା ଦୂର କରିବାର ତତ୍ତ୍ୱ



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ସିୟା ରାମ ମୟ ସର୍ବ ଜଗଜାନି .....।

ଏବେ ଦେଶର କୋଣ ଅନୁକୋଣରେ ରହୁଥିବା ହିନ୍ଦୁଙ୍କ ମଧ୍ୟରେ ଉତ୍ସାହ ଜାଗିଉଠିଛି। ଚାରିଆଡ଼େ ରାମମୟ ହୋଇଯାଇଛି । ୨୦୨୪ ବର୍ଷ ଭଗବାନ ରାମଙ୍କ ପାଇଁ ବୋଲି କୁହାଯାଉଛି । ଏମିତି ଦେଖିବାକୁ ଗଲେ ଭଗବାନ ଶ୍ରୀରାମ କୋଣ ଅନୁକୋଣରେ ଜନ ମନରେ ରହିଛନ୍ତି ଏବଂ ଅନନ୍ତକାଳ ପର୍ଯ୍ୟନ୍ତ ରହିବେ। କିନ୍ତୁ ୨୦୨୪ କେବଳ ହିଁ କେବଳ ଶ୍ରୀରାମଙ୍କର । ୨୦୨୬ ମଧ୍ୟ ବେଶ୍ କିଛି ଖାସହେବ ବୋଲି ଆଶା କରାଯାଉଛି । ଆସନ୍ତା ୨୨ ତାରିଖରେ ଅଯୋଧ୍ୟାରେ ଶ୍ରୀରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା ହେବ । ଏବେଠାରୁ ପରିବେଶ ରାମମୟ ହୋଇ ଗଲାଣି। ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠାର ଖୁସି ବା ଉତ୍ସବ କେବଳ ଅଯୋଧ୍ୟା ଅଥବା ଆମ ଦେଶରେ ପାଳନ କରାଯାଉନାହିଁ ଆମେରିକାରେ ମଧ୍ୟ ଏଥିପାଇଁ ଉତ୍ସବ ପାଳନ ହେବ । ଅନେକ ବର୍ଷର ସଂଘର୍ଷ ଓ ସୁପ୍ରିମ୍ କୋର୍ଟଙ୍କ ଆଦେଶ ପରେ ଶ୍ରୀରାମଙ୍କ ମନ୍ଦିର ନିର୍ମାଣ ହୋଇଛି । ୨୨ ତାରିଖରେ ମନ୍ଦିରରେ ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଘଟଣା ଇତିହାସରେ ଏକ ଯୁଗାନ୍ତକାରୀ ଘଟଣା ଭାବେ ଲିପିବଦ୍ଧ ହୋଇ ରହିବ। ଏଣୁ ଏଭଳି ସମୟରେ ରାମଙ୍କ ବିଷୟରେ ଆମେ ଜାଣିବାର ଆବଶ୍ୟକତା ରହିଛି ।

ଅଖଣ୍ଡ ବ୍ରହ୍ମାଣ୍ଡର ନାୟକ ହେଉଛନ୍ତି ରାମ। ସେ ମଙ୍ଗଳ ଭବନ ଅଟନ୍ତି, ସବୁ ପ୍ରକାରର ଅମଙ୍ଗଳକୁ ଦୂର କରି ପାରନ୍ତି । ମଙ୍ଗଳ ଭବନ ଅମଙ୍ଗଳ ହାରି । ପୃଥିବୀ ଏବଂ ଆକାଶ ଯାହାଙ୍କର ସୃଷ୍ଟି, ଯାହାଙ୍କ ଆଜ୍ଞାରେ ସଂସାର ଚାଲେ ସେ ହେଉଛନ୍ତି ରାମ । ଗୋସ୍ୱାମୀ ତୁଳସୀ ଦାସ ଲେଖିଛନ୍ତି - ଉମା ଦାରୁ ଦୋଷିତ କି ନାଇ, ସବହିଁ ନଚାବତ୍ ରାମ ଗୁସାଇଁ । ସେ ତାଙ୍କ ଇଶାରାରେ ସାରା ବିଶ୍ୱକୁ ନଚାଉଛନ୍ତି । ରାମ ହେଉଛନ୍ତି ମର୍ଯ୍ୟାଦା ପୁରୁଷୋତ୍ତମ । ତାଙ୍କ ସ୍ୱରୁପ ଏବଂ ଚରିତ୍ର ସଦା ମନମୁଗ୍ଧକର । ସେ ହେଉଛନ୍ତି ସମଦର୍ଶୀ । ଭାବ- କୁଭାବ ଆଳସ ହୁଁ - ନାମ ଜନତ ମଙ୍ଗଳ ଦିସି ଦଶହୁଁ। ଯେଉଁଭଳି ଲଡୁର ଆକାର ଗୋଲ ହେଲେ ମଧ୍ୟ ତାର ସ୍ୱାଦ ପ୍ରଭାବିତ ହୋଇନଥାଏ ସେପରି ରାମଙ୍କ ନାମ ଯେକୌଣସି ଅବସ୍ଥାରେ ନେଲେ ମଧ୍ୟ ତାହା ମଙ୍ଗଳକାରୀ ହୋଇଥାଏ । ସନ୍ଥ କବୀର ମାଙ୍କ ସହ ରାମଙ୍କର ତୁଳନା କରିଛନ୍ତି । କବୀରଙ୍କ ମତରେ ମା ପୁଅର ସବୁ ଅଳି ଅର୍ଦ୍ଦଳ ଏପରିକି ପୁଅର ନିର୍ଯାତନା ସହି ମଧ୍ୟ ପୁଅର ଅପକାର କଥା ଚିନ୍ତା କରିନଥାଏ । ପୁଅ ଦୁଃଖୀ ହେଲେ ମା ବି ଦୁଃଖୀ ହୋଇଥାଏ। ସେହିଭଳି ପ୍ରଭୁ ଶ୍ରୀରାମ କାହାରି ଅପକାର ବା ମଙ୍ଗଳ କରିନଥାନ୍ତି । ବରଂ ଅମଙ୍ଗଳକାରୀଙ୍କ ବିନାଶ କରିଥାନ୍ତି । ସେଇଥିପାଇଁ ଅନ୍ତିମ କ୍ଷଣରେ ରାବଣଭଳି ଅହଂକାରୀ ବିଦ୍ୱାନ ଅତ୍ୟନ୍ତ ସହଜତାର ସହ ରାମକୁ କହିଥିଲା ଯେ ତମେ ନିଜକୁ ବିଜେତା ବୋଲି ଭାବ ନାହିଁ, ବିଜୟ ତ ମୋର ହୋଇଛି। ପ୍ରଭୁ ଶ୍ରୀରାମ ରାବଣ କଥା ଶୁଣି ହସିଦେଇଥିଲେ। ରାବଣ ଜାଣିଥିଲା ଯେ ପ୍ରଭୁ ତାଙ୍କ ଭକ୍ତର ସବୁଇଚ୍ଛା ପୁରଣ କରିଥାନ୍ତି । ଭକ୍ତଙ୍କଠାରୁ ହାରିବାରେ ଭଗବାନଙ୍କୁ ମଜା ଆସିଥାଏ । ଯିଏ ଏହି ସାଧାରଣ କଥାକୁ ବୁଝିପାରିବ ଯେ ଭଗବାନଙ୍କର କାହା ପ୍ରତି ବିଦ୍ୱେଷ ଭାବ ନଥାଏ ତାର ଜୀବନ ଧନ୍ୟ ହୋଇଯାଏ । ପ୍ରଭୁ ଶ୍ରୀରାମଙ୍କର ସଂସାରର ପ୍ରତ୍ୟେକ ଜୀବ ସହ ଏକମାତ୍ର ସମ୍ପର୍କ ରହିଛି ତାହା ହେଉଛି ପ୍ରେମ ଭାବର ସମ୍ପର୍କ ଓ ସମ୍ପର୍କ ହେଉଛି ଭକ୍ତିର । ରାମଙ୍କୁ ଅନୁସରଣ କରୁଥିବା ଲୋକ ପ୍ରେମ ଏବଂ ଭକ୍ତିର ରାସ୍ତାରେ ଚାଲିବାକୁ ପସନ୍ଦ କରିଥାନ୍ତି । ମାତା ଶବରୀ ରାମଙ୍କୁ କହିଥିଲା - କେହି ବିଧି ଅସ୍ତୁତି କରୋ ତୁହ୍ମାରି, ଅଧମ ଜାତି ମେଁ ଜଡ଼ମତିମାରି । ଅଧମସେ ଅଧମ ଅଧମ ଖତି ନାରୀ, ତିହ୍ନ ମହଁ ମେ ମତିମନ୍ଦ ଅଧାରିନ୍ତ । ଅର୍ଥାତ୍ ମୁଁ ଛୋଟ ଜାତିରେ ଜନ୍ମ ହୋଇଛି, ଅଧମରୁ ଅଧମ ଏବଂ ମନ୍ଦ ମତି ଅଟେ । ଆପଣ ମୋତେ ଦର୍ଶନ ଦେଇ ଧନ୍ୟ କରିଦେଇଛନ୍ତି, ଶବରୀ କଥା ଶୁଣି ରାମ ଭାବବିହ୍ୱଳ ହୋଇ ପଡିଥିଲେ ଏବଂ ଶବରୀର କଥା ତାଙ୍କୁ ଦୁଃଖ ଦେଇ ଥିଲା । ସାଧାରଣ ଭାବେ ଏକଥା ବୁଝିବେ ନାହିଁ । ଏହା ହେଉଛି ଭାରତୀୟ ତତ୍ତ୍ୱ ଦର୍ଶନର ସାରକଥା । ଛୁଆଁ ଅଛୁଆଁ ଏବଂ ଜାତିକୁ ନେଇ ରାଜନୀତି କରୁଥିବା ଲୋକେ ଏଥିରୁ ଶିକ୍ଷା ଲାଭ କରିବା କଥା । ରାମଙ୍କ କଥା କହୁଥିବା ଲୋକେ ଶବରୀ ଠାରୁ ଅଇଁଠା କୋଳି ପ୍ରଭୁ ଶ୍ରୀରାମ ଖାଇବା ଘଟଣାରୁ ଅନେକ କଥା ବୁଝିବା ଦରକାର । ପ୍ରଭୁ ଶ୍ରୀରାମ କହିଥିଲେ କହ ରଘୁପତି ସୁନୁ ଭମିନି ବାତା; ମାନଉଁ ଏକ ଭଗତ କରି ନାତା, ସେ ଶବରୀକୁ କହିଥିଏ ମୁଁ କେବଳ ଭକ୍ତିର ସମ୍ପର୍କକୁ ମାନିଥାଏ, ସଂସାରର ଅନ୍ୟ କୌଣସି ସମ୍ପର୍କର ମାନେ ମୋ ପାଇଁ କିଛି ନାହିଁ । ପ୍ରଭୁ ଶ୍ରୀରାମ ଶବରୀକୁ ନବଧା ଭକ୍ତିର ଜ୍ଞାନ ଦେଇଥିଲେ ଓ କହିଥିଲେ ଜାତି ପାତି କୂଳଧର୍ମ ବଡ଼ାଇ, ଧନବଳ ପରିଜନ ଗୁନ ଚତୁରାଇ । ଭଗତି ହୀନ ନର ସୋହଇ କେସା- ବିନ ଜଳ ବାରିଦ ଦେଖଇ ଜେସା । ଯଦି ପ୍ରଭୁ ଶ୍ରୀରାମ ଶବରୀର ଅଇଁଠା କୋଳି ଖାଇପାରିଲେ ତେବେ ରାମଭକ୍ତ ବୋଲି କହୁଥିବା ଲୋକ ଛୁଆଁ ଅଛୁଆଁ ଭେଦଭାବ କଥା କହୁଛନ୍ତି କାହିଁକି ବା କହିବେ କାହିଁକି ? ପୁରୁଷୋତ୍ତମ ଶ୍ରୀରାମ ହେଉଛନ୍ତି ସଂସାରର ମାର୍ଗଦର୍ଶକ। ତାଙ୍କର ତୁଳନା ନାହିଁ । ଶବରୀ ଏବଂ ରାମଙ୍କ ଏହି ପ୍ରସଙ୍ଗ ସୂଚାଇ ଦେଇଥାଏ ଯେ ଭଗବାନଙ୍କ ସୃଷ୍ଟିରେ କେହି ଛୋଟ ନୁହଁନ୍ତି କି କେହି ବଡ଼ ନୁହଁନ୍ତି । ବ୍ୟକ୍ତି ନିଜର କର୍ମ, ସ୍ୱଭାବ ଏବଂ ଆଚରଣ ପାଇଁ ଗ୍ରହଣୀୟ ହୋଇଥାଏ ଅଥବା ତିରସ୍କୃତ ହୋଇଥାଏ । ଭକ୍ତିର ଏହି ରହସ୍ୟକୁ ଯିଏ ବୁଝିପାରେ ସେ ସନ୍ଥ ପାଲଟି ଯାଇଥାଏ। ବଡ଼ ହେବା ପାଇଁ ଛୋଟ ହେବା ମଧ୍ୟ ଜରୁରୀ। ମଞ୍ଜି ଛୋଟ କିନ୍ତୁ ଅଙ୍କୁରିତ ହୋଇ ମହାଦ୍ରୁମରେ ପରିଣତ ହୋଇଥାଏ । ମିରୁ ବୃକ୍ଷ ଓ ବୃକ୍ଷରୁ ମହାବୃକ୍ଷ ହେବା ପାଇଁ ସମୟ ଲାଗିଥାଏ ସେହିପରି ରାମ ହେବା ସହଜ ନୁହେଁ । ରାମ କେବଳ ଦୁଇଟି ଅକ୍ଷରର ନାମ କିନ୍ତୁ ଏହା ଅଧାତ୍ମ୍ୟ ଏବଂ ଜ୍ଞାନ ବିଜ୍ଞାନର ବୀଜତତ୍ତ୍ୱ । ଏ ଦୁଇ ଅକ୍ଷରକୁ ହାଲୁକାରେ ନିଆଯାଇନ ପାରେ, ଏହା ସାମାନ୍ୟ ନାମ ନୁହେଁ, ଯିଏ ରମିଥାଏ ସେ ହେଉଛି ରାମ, ରମନ୍ତୋତି ରାମ । ରାମ ପ୍ରତ୍ୟେକ ଘଟରେ ବ୍ୟାପ୍ତ, ରାମଙ୍କୁ ବୁଝିବାକୁ ହେଲେ ଲଘୁତାକୁ ଗୁରୁତ୍ୱ ହେବାକୁ ପଡିବ । ଏହି ଲଘୁତା ଯାହା ପ୍ରମୁଖତା ଆଡ଼କୁ ନେଇଯାଇ ପାରିବ । ଭାରତରେ ରାମ ରାଜ୍ୟର କଳ୍ପନା ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀ କରିଥିଲେ । ରାମ ରାଜ୍ୟରେ ଦୀନ ଦୁଃଖୀ ନଥିଲେ ଓ ସେଠାରେ ଉଚ୍ଚନୀଚର ଭେଦଭାବ ନଥିଲା। ପରସ୍ପର ସ୍ନେହ ସୌହାର୍ଦ୍ଦ୍ୟ ସୂତ୍ରରେ ବାନ୍ଧି ହୋଇଥିଲେ । ଏଣୁ ସେଇ ରାମଙ୍କୁ ସାମ୍ପ୍ରଦାୟିକତାର ଦୃଷ୍ଟିରେ ଦେଖିବା ଉଚିତ୍ ନୁହେଁ। ଏ ପ୍ରସଙ୍ଗରେ ଅଧିକ ବିଚାର ବିମର୍ଷ କରିବାକୁ ପଡିବ ଅନ୍ୟଥା ଆମେ ରାମଙ୍କୁ ବୁଝିପାରିବା ନାହିଁ । ରାମ ନାମରେ ହିଁ ସାମ୍ପ୍ରଦାୟିକତାକୁ ଦୂର କରିବାର ତତ୍ତ୍ୱରହିଛି ।

# ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ



ଶ୍ରୀହେମନ୍ତ କୁମାର ଗନ୍ତାୟତ
ଅଧ୍ୟାପକ
ଆସିକା ,ଗଞ୍ଜାମ
ମୋ-୯୮୬୧୩୩୪୮୬୮

ମହର୍ଷି ବାଲ୍ମୀକିଙ୍କ ଦ୍ୱାରା ବିରଚିତ ସଂସ୍କୃତ ରାମାୟଣ ମହାକାବ୍ୟ ସମଗ୍ର ସଂସାରେ ଏକ ଅଦ୍ୱିତୀୟ ଗ୍ରନ୍ଥ, ଯାହା ସତ୍ୟ ଘଟଣା ଉପରେ ପର୍ଯ୍ୟବେସିତ। ଏଥିରେ ମହର୍ଷି ଶ୍ରୀରାମଚନ୍ଦ୍ରଙ୍କ ଜନ୍ମ ଓ ଶୈଶବ କାଳ ବା ବାଳ କାଣ୍ଡ ଠାରୁ ଆରମ୍ଭକରି ସୀତାପତିଙ୍କ ରାଜ୍ୟାଭିଷେକ ଓ ତା'ର ପରବର୍ତ୍ତୀ କଥାକୁ ନେଇ ଉତ୍ତର କାଣ୍ଡ ଭାବେ ସାତଗୋଟି ଭାଗରେ ବର୍ଣ୍ଣନା କରିଛନ୍ତି। ଯାହା ମାନବ ସମାଜ ନିମନ୍ତେ ଏକ ଆଲୋକବର୍ତ୍ତିକା। ଏହି ଗ୍ରନ୍ଥରେ ଅନେକ ତାତ୍ତ୍ୱିକ ବିଷୟ ଆଲୋଚନା ହୋଇଥିଲେ ମଧ୍ୟ ବିଶେଷ ଭାବରେ ଭଗବାନ ଶ୍ରୀରାମଚନ୍ଦ୍ରଙ୍କୁ 'ମର୍ଯ୍ୟାଦା ପୁରୁଷୋତ୍ତମ ରୂପେ' ବର୍ଣ୍ଣନା କରାଯାଇଛି। ଶ୍ରୀରାମଚନ୍ଦ୍ର ହେଉଛନ୍ତି ଭାରତୀୟ ସଂସ୍କୃତିର ଜଣେ ଆଦର୍ଶ ପୁରୁଷ ଓ ଭଗବାନ ବିଷ୍ଣୁଙ୍କର ସପ୍ତମ ଅବତାର। ସେ ଚୈତ୍ର ମାସ ଶୁକ୍ଳ ପକ୍ଷର ନବମୀ ତିଥି ଏବଂ କର୍କଟ ଲଗ୍ନର ପୁନର୍ବସୁ ନକ୍ଷତ୍ରରେ ଜନ୍ମଗ୍ରହଣ କରିଥିଲେ। ଏହି ପବିତ୍ର ସମୟକୁ ସାରା ସଂସାରବାସୀ 'ଶ୍ରୀରାମ ନବମୀ' ରୂପେ ପାଳନକରି ଆସୁଛନ୍ତି। ମହାପ୍ରଭୁଙ୍କୁ ଭକ୍ତ ଓ ଶ୍ରଦ୍ଧାଳୁମାନେ ରାମଚନ୍ଦ୍ର, ରାଘବ, ରଘୁନାଥ, ରଘୁପତି, ସୀତାପତି, ସୀତାବଲ୍ଲଭ, କୌଶଲ୍ୟା ନନ୍ଦନ, ଦାଶରଥୀ, ରାଜୀବଲୋଚନ , ପରମପୁରୁଷ ଓ ପୁରୁଷୋତ୍ତମ ଆଦି ଅନେକ ନାମରେ ସ୍ମରଣ କରିଥାନ୍ତି। ଏ ପ୍ରତ୍ୟେକ ନାମର ଯଥାର୍ଥତା ବି ରହିଛି। ଯେପରି ରଘୁବର, ଅର୍ଥାତ୍ ଯେ ରଘୁକୁଳର ଶ୍ରେଷ୍ଠ ଏବଂ ଯେ ସ୍ୱଦା କୁଳର ରୀତି-ନୀତିକୁ ଅକ୍ଷୁର୍ଣ୍ଣ ରଖନ୍ତି। ରାଘବ ନିଜ ରଘୁକୁଳର ଗାରିମାକୁ ରକ୍ଷା କରିବାକୁ ଯାଇ ନିଜେ ଅନେକ ଦୁଃଖ ଓ ଯନ୍ତ୍ରଣା ଭୋଗ କରିଛନ୍ତି। କାରଣ ସୂର୍ଯ୍ୟ ବଂଶୀୟ ରଘୁକୁଳର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବଚନ ରକ୍ଷା କରିବା। ତେଣୁ ଗୋସ୍ୱାମୀ ତୁଳସୀ ଦାସ କହିଛନ୍ତି : ' ରଘୁକୁଳ ରୀତି ସଦା ଚଲି ଆଇ, ପ୍ରାଣ ଯାଏ ପର ବଚନ ନ ଯାଇ' ଅର୍ଥାତ୍ ରଘୁକୁଳ ରୀତି ବା ପରମ୍ପରା ସର୍ବଦା ଏପରି ରହିଆସିଛି ଯେ, ପ୍ରାଣ ଚାଲିଗଲେ ମଧ୍ୟ ସେ'ମାନେ ଦେଇଥିବା କଥାକୁ କେବେ ବି ଭଙ୍ଗ କରନ୍ତି ନାହିଁ। ଭଗବାନ ଶ୍ରୀରାମଙ୍କ ଜୀବନୀ ମୁଖ୍ୟତଃ ଆଦର୍ଶ, ଧର୍ମ ଏବଂ କର୍ତ୍ତବ୍ୟ ପରାୟଣତା ଉପରେ ଆଧାରିତ। ପ୍ରଭୁ ଦାଶରଥୀ ପିତୃଭକ୍ତି ଓ କର୍ତ୍ତବ୍ୟପରାୟଣତାର ମୂର୍ତ୍ତିମନ୍ତ ପ୍ରତୀକ ଅଟନ୍ତି। ସେ ପିତୃ ସତ୍ୟ ରକ୍ଷା କରିବାକୁ ଯାଇ ହସି ହସି ରାଜପ୍ରାସାଦ ତ୍ୟାଗ କରି ୧୪ ବର୍ଷ ବନବାସକୁ ଗ୍ରହଣ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ତୁଳସୀ ଦାସ କହିଛନ୍ତି:

ପ୍ରାତଃକାଳ ସିଧୁ ନରହରି । ମଗଧ ରଘୁପତି ସିଂହାସନ ଧରି ।।
ପିତୁ ଆୟସୁ ମାନି ନିଜ ଶିର। ଚଲିତୁ ରାମ ବନ ଧରି ଗମ୍ଭୀର ।।

ଅର୍ଥାତ୍ ପିତାଙ୍କ ଆଜ୍ଞାକୁ ଅବଜ୍ଞା ନ କରି ରଘୁପତି ମୁଣ୍ଡପାତି ଗ୍ରହଣ କରିଥିଲେ ଏବଂ ସେ ଗମ୍ଭୀର ଭାବରେ ବନବାସ ପାଇଁ ବାହାରିଲେ। ସେ'ପରି ଓଡ଼ିଆ ଭାଗବତର ରଚୟିତା ଅତିବଡି ଜଗନ୍ନାଥ ଦାସ ଲେଖିଛନ୍ତି:

'ରାମ ରୂପରେ ଭଗବାନ ହରିଲେ ମହୀର କଷଣ। ସତ୍ୟ ପାଳିଲେ ପିତୃବାକ୍ୟ ସୁଖେ ବଞ୍ଚିଲେ ବନଯାକ ?'

ପ୍ରଭୁ ଶ୍ରୀରାମ ସିଂହାସନ ଛାଡ଼ିଲେ କିନ୍ତୁ ମର୍ଯ୍ୟାଦା ଛାଡ଼ିଲେ ନାହିଁ। ଯାହା ଜଣେ ଆଦର୍ଶ ପୁତ୍ରର ଦୃଷ୍ଟାନ୍ତ ଦର୍ଶାଏ। ସେଭଳି ନିଜ ଜୀବନର ପ୍ରତିଟି କ୍ଷେତ୍ରରେ ନୀତି, ନିୟମ ଓ ସାମାଜିକ ମର୍ଯ୍ୟାଦାକୁ ସେ ଶ୍ରେଷ୍ଠ ସ୍ଥାନ ଦେଇଥିଲେ । ତେଣୁ ଶାସ୍ତ୍ରରେ କୁହାଯାଇଛି:

ଧର୍ମ ସ୍ୱରୂପ ରାମ, ସତ୍ୟ ସ୍ୱରୂପ ରାମ ।
ପତିତ ପାବନ ରାମ, ମର୍ଯ୍ୟାଦା ପୁରୁଷୋତ୍ତମ ରାମ ।।

ସେ'ପରି ଅନ୍ୟ ଏକ ଜଣାଣରେ ଦେଖାଇବାକୁ ମିଳେ:

ସୀତାପତି ରାମ ପୁରୁଷ ଉତ୍ତମ ନ୍ୟାୟ ଧର୍ମ ମୂର୍ତ୍ତିମନ୍ତ ।
ସମସ୍ତ ହୃଦରେ ରମଣ କରନ୍ତି କହଇ ଦାସ ହେମନ୍ତ ।।

ଏହି କାରଣରୁ ତାଙ୍କୁ 'ମର୍ଯ୍ୟାଦା ପୁରୁଷୋତ୍ତମ' ବୋଲି କୁହାଯାଏ। ସେ ଧର୍ମ ଓ ସତ୍ୟର ସର୍ବଦା ପଥ ଅନୁସରଣ କରିଥିଲେ ଏବଂ କଠିନ ସମୟରେ ମଧ୍ୟ ଧର୍ମ ଓ ସତ୍ୟରୁ ବିଚ୍ୟୁତ ହୋଇନଥିଲେ। ମହାପ୍ରଭୁ କୋଦଣ୍ଡଧାରୀ ରାବଣ ପରି ଶକ୍ତିଶାଳୀ ଅସୁରକୁ ପରାସ୍ତ କରି ଧର୍ମର ପ୍ରତିଷ୍ଠା କରିଥିଲେ। ତେଣୁ ଶ୍ରୀରାମ ହେଉଛନ୍ତି ଧୈର୍ଯ୍ୟ ଓ ସାହସର ଜ୍ୱଳନ୍ତ ଉଦାହରଣ। ଯାହା ଉକ୍ତ ଶ୍ଳୋକରେ ପ୍ରତିଚି ହୁଏ ଲୋକାଭିରାମଂ ରଣରଙ୍ଗଧୀରଂ ରାଜୀବନେତ୍ରଂ ରଘୁବଂଶନାଥମ୍ । ସେ ଥିଲେ ଜଣେ ନ୍ୟାୟପ୍ରିୟ ତଥା ପ୍ରଜାବତ୍ସଳ ଶାସକ। ସୀତାପତି ନିଜର ପ୍ରଜାଙ୍କ ସ୍ୱାର୍ଥକୁ ସର୍ବୋପରି ମନେ କରୁଥିଲେ। ସେ ପ୍ରଜାଙ୍କ ଭାବନାକୁ ହୃଦୟଙ୍ଗମ କରି ମାତା ସୀତାଙ୍କୁ ମଧ୍ୟ ତ୍ୟାଗ କରି ଦେଇଥିଲେ। ତା'ଙ୍କ ଶାସନ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖ ଓ ଶାନ୍ତିରେ ଜୀବନ ଅତିବାହିତ କରୁଥିଲେ। ତେଣୁ ଆଜି ବି ଆଦର୍ଶ ଶାସନ କହିଲେ 'ରାମରାଜ୍ୟ'କୁ ବୁଝାଏ। ରଘୁନାଥ ଅନାଥର ନାଥ ମଧ୍ୟ ଥିଲେ। ସେ ଶତ୍ରୁ ପକ୍ଷ ଲଙ୍କାପତି ରାବଣର ଭାଇ ବିଭୀଷଣ, ବନ୍ଧୁ ସୁଗ୍ରୀବଙ୍କୁ ମଧ୍ୟ ଦୟା ଭାବ ଦେଖାଇ ଆଶ୍ରୟ ପ୍ରଦାନ କରିଥିଲେ। ତେଣୁ ତା'ଙ୍କୁ ଶରଣାଗତ ବତ୍ସଳ କୁହାଯାଏ। ସେ ଜାତି ବର୍ଣ୍ଣ ନିର୍ବିଶେଷରେ ଗୁହକ ରାଜା, କୈବର୍ତ୍ତ ତଥା ଶବରୀର ଅଇଁଠା କୋଳି ଖାଇ ସମସ୍ତଙ୍କୁ ଆପଣାଇ ନେଇଥିଲେ। ଯାହା ଉଦାରତା ଓ ପ୍ରେମର ଏକ ଅତୁଳନୀୟ ନିଦର୍ଶନ। କୌଶଲ୍ୟା ନନ୍ଦନ ଜଣେ ଆଦର୍ଶ ପୁତ୍ରଭାବେ ମାତା କୈକେୟୀଙ୍କ କଥାକୁ ଗ୍ରହଣ କରି ଭାଇ ଭରତଙ୍କୁ ରାଜ ସିଂହାସନ ପ୍ରଦାନ କରିଥିଲେ ଏବଂ ଆଦର୍ଶ ଶିଷ୍ୟ ଭାବେ ଗୁରୁ ବିଶ୍ୱାମିତ୍ରଙ୍କ ଆଜ୍ଞା ପାଳନ କରି ଅସୁର ସଂହାର କରିଥିଲେ। ଆଦର୍ଶ ଭ୍ରାତୃ ଭାବେ ଭରତ, ଲକ୍ଷ୍ମଣ ଓ ଶତ୍ରୁଘ୍ନଙ୍କ ପ୍ରତି ତାଙ୍କର ଅତୁଟ ସ୍ନେହ ରହିଥିଲା। ଆଦର୍ଶ ସ୍ୱାମୀ ରୂପେ ଏକପତ୍ନୀ ବ୍ରତ ପାଳନ କରିଥିଲେ ଏବଂ ମାତା ସୀତାଙ୍କ ପ୍ରତି ରହିଥିଲା ତା'ଙ୍କର ନିଷ୍ଠା ଓ ସମ୍ମାନ। ଆଦର୍ଶ ପିତା ଏବଂ ଜଣେ ଆଦର୍ଶ ମିତ୍ର ଭାବରେ ସାରା ବିଶ୍ୱ ପାଇଁ ସେ ପ୍ରେରଣାର ଉତ୍ସ ଅଟନ୍ତି। ତେଣୁ କୁହାଯାଉଛି ଯେ,

ରାମ ସ୍ୱଭାବୁ ସବହି ସନ ପ୍ରୀତି ।
ସବହି ବହୁତ ପିୟୁ ପ୍ରିୟା ପ୍ରତୀତି ।।

ଏହାର ଅର୍ଥ: ଶ୍ରୀରାମଙ୍କ ସ୍ୱଭାବ ଏଭଳି ଯେ ସେ ସମସ୍ତଙ୍କୁ ବିନା ସର୍ତ୍ତରେ ପ୍ରେମ କରନ୍ତି। ତେଣୁ ସେ ସମସ୍ତଙ୍କର ଅତି ପ୍ରିୟ ଅଟନ୍ତି।ଏପରି ଦୈବୀ ଗୁଣ ଓ ଆଦର୍ଶ ଆଜିର ସମାଜ ପାଇଁ ନିତାନ୍ତ ଆବଶ୍ୟକ। ନହେଲେ ରାମ ରାଜ୍ୟର ସ୍ୱପ୍ନ, ସ୍ୱପ୍ନରେ ହିଁ ରହିଯିବ।

# ଶ୍ରୀରାମ ଚେତନା ଓ ଦେବୀ ମାତାସୀତା



ନିବେଦିତା ଶୁକ୍ଳା
ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,
ଚହଟା ନଗର, ଲେନ୍-୬,
କଟକ-୧୪, ଦୂରଭାଷ :
୭୦୦୮୪୭୮୯୮୬

ଭଗବାନ ବିଷ୍ଣୁଙ୍କ ସପ୍ତମ ଅବତାର ପ୍ରଭୁ ରାମଚନ୍ଦ୍ରଙ୍କ ଜନ୍ମ ଦିନକୁ ରାମ ନବମୀ ଭାବେ ପାଳନ କରାଯାଏ । ଜନ୍ମାଷ୍ଟମୀ ବା ହରିଜନ୍ମ ପରି ରାମ ନବମୀ ଏକ ସର୍ବଭାରତୀୟ ସ୍ତରର ହିନ୍ଦୁ ପର୍ବ । ଏହା ସର୍ବତ୍ର ମହା ସମାରୋହରେ ପାଳନ କରାଯାଏ । ଚୈତ୍ର ଶୁକ୍ଳ ପକ୍ଷ ନବମୀ ହେଉଛି 'ରାମ ନବମୀ' । ଜନ୍ମାଷ୍ଟମୀ ତୁଳନାରେ ରାମ ନବମୀର ପ୍ରଚଳନ ପ୍ରାଚୀନ। କାରଣ ଭଗବାନ ବିଷ୍ଣୁ ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ରୂପେ ଜନ୍ମ ହୋଇଥିଲେ ଏବଂ ଏହାର ବହୁ ପୂର୍ବରୁ ତ୍ରେତା ଯୁଗରେ ସେ ଶ୍ରୀରାମ ରୂପେ ପ୍ରକଟ ହୋଇଥିଲେ । ତ୍ରେତା ଯୁଗରେ ଲଙ୍କା-ନରେଶ ରାବଣଙ୍କ ନେତୃତ୍ୱରେ ଅସୁରମାନେ ଶକ୍ତିଶାଳୀ ହୋଇ ସାଧାରଣ ମଣିଷ ତଥା ମୁନି-ଋଷିଙ୍କ ଉପରେ ଅତ୍ୟାଚାର ଚଳାଇଥିଲେ । ଦେବତାମାନେ ସୁଦ୍ଧା ଅସୁରଙ୍କ କବଳରୁ ସୁରକ୍ଷିତ ନଥିଲେ । ମାନବ ଭିନ୍ନ ଅନ୍ୟ କାହା ହାତରେ ରାବଣ ନିହତ ହେବେନାହିଁ, ବୋଲି ବ୍ରହ୍ମା ବର ଦେଇଥିଲେ । ଏଣୁ ଦେବତା ଗନ୍ଧର୍ବ, ମୁନି-ଋଷି ଓ ମଣିଷ ରାବଣଙ୍କ ବିନାଶ ପାଇଁ ବିଷ୍ଣୁଙ୍କୁ ପ୍ରାର୍ଥନା କରିଥିଲେ । ରାବଣଙ୍କୁ ବଧ କରିବା ପାଇଁ ବିଷ୍ଣୁ ମାନବ ରୂପ ଧାରଣ କରିଥିଲେ । ସେ ନିଜକୁ ଚାରି ଭାଗରେ ବିଭକ୍ତ କରି ମହାରାଜା ଦଶରଥଙ୍କ ପୁତ୍ରଗଣ ଭାବେ ଜନ୍ମ ନେବାକୁ ନିଷ୍ପତ୍ତି ନେଇଥିଲେ ।

ଚୈତ୍ର୍ୟମାସ ଶୁକ୍ଳପକ୍ଷ ନବମୀ ବା ରାମ ନବମୀ ଦିନ ଭଗବାନ ଶ୍ରୀରାମ ଚନ୍ଦ୍ର ଜନ୍ମ ଗ୍ରହଣ କରିଥିଲେ । ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ ଏହି ଦିନ ହିଁ ଶ୍ରୀରାମ ଓ ମାତା ସୀତାଙ୍କ ବିବାହ ହୋଇଥିଲା । ବାଲ୍ମିକୀ ରାମାୟଣ ଓ ତୁଳସୀ ଦାସଙ୍କ ରାମଚରିତ ମାନସ ସମେତ ଅନ୍ୟ ପୌରାଣିକ ଗ୍ରନ୍ଥରେ ଶ୍ରୀରାମଙ୍କ ଚରିତ୍ର ବିଷୟରେ ବର୍ଣ୍ଣନା ରହିଛି। ମର୍ଯ୍ୟାଦା ପୁରୁଷୋତ୍ତମଙ୍କ ଚରିତ୍ର, ଆଦର୍ଶ ଓ ତାଙ୍କ ଜୀବନୀ ଆମ ସମସ୍ତଙ୍କ ପାଇଁ ଅନୁକରଣୀୟ । ଭଗବାନ ଶ୍ରୀରାମଚନ୍ଦ୍ର ବିନୟୀ, ଦୟାବାନ, ସାହାସୀ ତଥା ଉତ୍ତମ ବ୍ୟକ୍ତିତ୍ୱ ସମ୍ପନ୍ନ ଥିଲେ । ତାଙ୍କ ଭଳି ହୋଇପାରିବା ହୁଏତ କଠିନ ହୋଇପାରେ, ମାତ୍ର ଅସମ୍ଭବ ନୁହେଁ । ଭଗବାନ ହୋଇ ମଧ୍ୟ ସେ ମନୁଷ୍ୟ ରୂପରେ ଜନ୍ମ ନେଇଥିଲେ । ଉତ୍ତମ ଚରିତ୍ର ଧାରଣ କରି ସେ ପୁରୁଷୋତ୍ତମ ହୋଇପାରିଥିଲେ । ତାଙ୍କ ଭଳି ଚରିତ୍ର ଧାରଣ କରିବା ଅନ୍ୟ ମନୁଷ୍ୟଙ୍କ ପାଇଁ ଅସମ୍ଭବ ନୁହେଁ। ଏହା ସେ ପ୍ରମାଣିତ କରିପାରିଥିଲେ । ମନର ଦୃଢ଼ତା ଓ ସହଜତା ଦ୍ୱାରା ରାମଙ୍କ ଭଳି ଚରିତ୍ର ଧାରଣ କରିବା ସମ୍ଭବ । ଭଗବାନ ହୋଇ ମଧ୍ୟ ମନୁଷ୍ୟ ରୂପରେ ସେ କୌଣସି ଚମତ୍କାରିତା ଦେଖାଇନଥିଲେ । ବରଂ ମନୁଷ୍ୟ ଜନ୍ମର ମର୍ଯ୍ୟାଦା ଭିତରେ ରହି ପୁରୁଷୋତ୍ତମ ବୋଲାଇ ପାରିଥିଲେ । ନିୟମର ପାଳନ, ଶିଖିବାର ଇଚ୍ଛା, ଆପଣେଇ ନେବାର ପ୍ରବୃତ୍ତି, ପ୍ରତିଶ୍ରୁତିବଦ୍ଧତା, ଅନୁଶାସିତ ତଥା ମର୍ଯ୍ୟାଦାସମ୍ପନ୍ନ ଜୀବନ, ପ୍ରକୃତିର ଶୁଦ୍ଧତା, ଚରିତ୍ରରେ ସ୍ୱଚ୍ଛତା, ହୃଦୟରେ ନିର୍ମଳତା ଆଦି ଗୁଣ ଥିଲା ରାମଚନ୍ଦ୍ରଙ୍କ ଭୂଷଣ । ଦୃଢ଼ ଇଚ୍ଛାଶକ୍ତି ବଳରେ ଏହି ସବୁ ଗୁଣ ଧାରଣ କରିହେବ ଏହା ଶ୍ରୀରାମ ପ୍ରମାଣିତ କରିଯାଇଛନ୍ତି ।

ରାମାୟଣର ସୀତା ହେଉଛନ୍ତି, ଜଣେ ଆଦର୍ଶ ବାଦିନୀ ସଂସ୍କୃତି ସଚେତନଶୀଳା ଆଦର୍ଶ କୂଳବଧୂ । ଜଣେ ଆଦର୍ଶବାଦିନୀ କୂଳବଧୂର ସମସ୍ତ ନୈତିକ ଗୁଣାବଳୀକୁ ବହନ କରି, ସେ ନିଜର ସାମାଜିକ ଜୀବନ ନିର୍ବାହ କରିଛନ୍ତି । ପ୍ରଭୁ ଶ୍ରୀରାମଙ୍କ ବନବାସ କାଳରେ ସ୍ୱାମୀଙ୍କ ଦୁଃଖରେ ସମଦୁଃଖିନୀ ହୋଇ ସେ ଶ୍ରୀରାମଙ୍କ ସହିତ ବନବାସିନୀ ହୋଇଛନ୍ତି । ରାବଣ ଦ୍ୱାରା ଅପହୃତା ହେବା ପରେ ସେ ନିଜର ସତୀତ୍ୱକୁ ପରୀକ୍ଷା କରିବା ପାଇଁ ନିଜକୁ ଅଗ୍ନିଗର୍ଭରେ ନିକ୍ଷେପ କରିଛନ୍ତି। ପୁନଶ୍ଚ ରାମଚନ୍ଦ୍ରଙ୍କ ଦ୍ୱାରା ପରିତ୍ୟକ୍ତା ହେଲାପରେ ବନବାସିନୀ ହୋଇ ମଧ୍ୟ ଶ୍ରୀରାମଙ୍କ କୌଣସି ମନ୍ଦଚିନ୍ତା ନକରି, ନାରୀ ଧର୍ମର ମର୍ଯ୍ୟଦା ଅକ୍ଷୁର୍ଣ୍ଣ ରଖିଛନ୍ତି । ସୀତା ଅଯୋଧ୍ୟାର ରାଜଭୋଗ ପରିତ୍ୟାଗ କରିଥିଲେ, ସେଥିପାଇଁ ସେ ଭଗବାନ ରାମଙ୍କ ସାଙ୍ଗରେ ରହିପାରିଥିଲେ। ମାତ୍ର ବନବାସ ସମୟରେ ସ୍ୱର୍ଣ୍ଣ ମୃଗ ପ୍ରତି ଆକୃଷ୍ଟ ହୋଇଯିବାରୁ ରାମଙ୍କର ସଙ୍ଗ ହରାଇ ବସିଲେ। ସଂସାରରେ ରୁହ ମାତ୍ର ସଂସାରକୁ ନିଜ ଭିତରେ ରଖନାହିଁ। ତ୍ୟାଗରୁ ମିଳେ ଆନନ୍ଦ ଆଉ ଆସକ୍ତିରୁ ମିଳେ ଦୁଃଖ। ଏମିତି କେତେକେ ମର୍ମନ୍ତୁଦ ଘଟଣାରେ ମ୍ରିୟମାଣ ହୋଇ, ଶତାବ୍ଦୀ ଶତାବ୍ଦୀ ଧରି ଭାରତୀୟ ଜନଜୀବନ ଚିନ୍ତା କରି ଆସିଛି - ଆହା, ଏପରିଘଟଣା ନଘଟି ମାତାସୀତା ଦେବୀ ଆଜୀବନ ପ୍ରଭୁ ଶ୍ରୀରାମଙ୍କ ସହିତ ସୁଖର ସଂସାର କରିଥାନ୍ତେ କି । ଭାରତୀୟ ଜନଜୀବନର ଏହି ସବୁ ସାମୂହିକ କାମନା, ତଥା ପ୍ରଭୁ ଶ୍ରୀରାମଙ୍କ ଜୀବନର ଚଲାପଥରେ ଘଟି ଯାଇଥିବା ଭିନ୍ନ ଭିନ୍ନ ବିସ୍ମୟଭରା ଦୁର୍ବିସହ କାହାଣୀ ତାଙ୍କୁ ମର୍ଯ୍ୟଦା ପୁରୁଷୋତ୍ତମ ଆସନରେ ଅଧିଷ୍ଠିତ କରିଛି । ଆଜି ପବିତ୍ର ଶ୍ରୀରାମ ନବମୀ ପାଳନ ଅବସରରେ ମର୍ଯ୍ୟଦା ପୁରୁଷୋତ୍ତମଙ୍କ ପଦାର ବିନ୍ଦରେ ଏତିକି ପ୍ରାର୍ଥନା, ଯେଉଁ କୋଦଣ୍ଡ ଧନୁ ଟଙ୍କାରରେ ତାଙ୍କ ଅବତାରୀ ଜୀବନ ଭାରତୀୟ ସଂସ୍କୃତିକୁ ଋଦ୍ଧିମନ୍ତ କରିଛି, ସେଇ ଧନୁର୍ବାଣ ସମଗ୍ର ବିଶ୍ୱରୁ ଦୁଃଖର ଦାବାନଳକୁ ଦହନ କରୁ । ଜୟ ଶ୍ରୀରାମ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ଗଣତି ମଣତି

**କବିତା ମହାନ୍ତି**



ରତ୍ନ ଗଣତିର ଆୟୋଜନ କରି
ବସିଛୁ ରତ୍ନ ବେଦୀରେ
ଚକା ଆଖି ତୋର ସବୁ ଦେଖୁଛିରେ
ଖାଲି ଦେଖୁନି ଯା
ଭକ୍ତର ଆକୁଳ ଡାକରେ

ରୋକି ଦେଲୁ ତାକୁ ଭିତର କାଠରୁ
ଆକୁଳ ହୋଇ ସେ ଡାକେ
ମନକୁ ବୁଝାଇ ବାହାର କାଠରେ
ଚକା ନୟନକୁ ଦେଖେ

ସେଥିରେ ପୁଣି ଯେ ଲୁଚକାଳି ଖେଳ
ତୋ ଏକ ଆଖିରେ ତା ଆଖି ମିଶେ
ଆର ଆଖିଟିକୁ ଦେଖିବା ପାଇଁକି
ଦଳା ଚକଟାରେ ପଶେ

ହଳଦିଆ, ନାଲି ଧୋବ ଧୋବଲିଆ
କପଡ଼ା ବିଛାଇ ହେବ
ତୋର ଅଙ୍ଗ ଲାଗି ରତ୍ନ ମଣିମାଣିକ୍ୟର
ଗଣତି ମଣତି ହେବ

କି ଭାଗ୍ୟ ତାହାର
ଯା ଆଗେ ତୋହର
ରତ୍ନ ଭଣ୍ଡାର ଗଣତି ମଣତି ହେବ
ବଣିଆ ହେଉ କି
ସରକାରୀ ବାବୁ
ଅହୋ ଭାଗ୍ୟ କରିଥିବ

ସବୁତ ଦେଖୁଛୁ
ସବୁତ ଜାଣୁଛୁ
କିମ୍ପା କରୁନାହୁଁ ଧାଡ଼ି ଦର୍ଶନ
ବୟସ, ବ୍ୟାଧିରେ ସନ୍ଧି ହୋଇ ସିଏ
ବିକଳେ ଚାହିଁଚି ନୀଳ ଚକ୍ରକୁ
ଦୁଇ ଧାର ଲୁହ ବୋହିଯାଏ ତାର
କେବେ ସେ ଦେଖିବ ତୋ ଚକା ନୟନ

ରାଜ ରାଜେଶ୍ୱର
ଆହେ ପୀତାମ୍ବର
ଓଡ଼ିଆ ଜାତିର ତୁ ଇଷ୍ଟ ଅଧୀଶ୍ୱର
ଜଗତର ନାଥ
ଆହେ ଜଗନ୍ନାଥ
ଡେରି ନକରି ତୁ
ଧାଡ଼ି ଦର୍ଶନର ବ୍ୟବସ୍ଥା କର ।

*ଶୈଳନିବାସ, ନିଗମାନନ୍ଦ ନଗର, ଭୁବନେଶ୍ୱର*

## ଜୀବନ ଗାଡ଼ି

**ସିଦ୍ଧେଶ୍ୱର ତ୍ରିପାଠୀ**

ଜୀବନର ଗାଡ଼ି ଯାଉଛିତ ଗଡି
ବୟସ ସଡକ ପରେ
କେତେ ଖାଲ ଖମା ପାରି ସେ କରୁଛି
ଏଇ ସମୟ ସାଥିରେ ।

ସବୁଥିରେ ତୁମ ହାତ
ତୁମ ଇଙ୍ଗିତରେ ସବୁତ ଚାଲୁଛି
ଆହେ ପ୍ରଭୁ ଜଗନ୍ନାଥ ।

ଆଗକୁ ଯାଇଛି ପଛକୁ ଯାଇଛି
ପୁଣି ଅଟକିଛି କେବେ
ଧିମା ଗତି ପୁଣି ବ୍ୟଗ୍ର ହୋଇଛି
ଆଶୀଷ ପାଇଛି ଯେବେ ।


ଅଦୃଶ୍ୟ କୁହୁଡି ପଥ
ମହାବାହୁ ପଣେ ମୋ ହାତ ଧରିଛ
ଆହେ ପ୍ରଭୁ ଜଗନ୍ନାଥ ।

ବାଟ ପଡିଥିବ ଗାଡି ଅଟକିବ
ଆଉ ପାରିବନି ଗଡି
ଯେବେ ଆସିଥିବ ମୋ ଶେଷ ସମୟ
ପିଣ୍ଡୁ ପ୍ରାଣ ଯିବ ଛାଡି ।

ସ୍ୱର୍ଗଦ୍ୱାରେ ରାମହରି ଗୀତ
ରୋଷ ନିଆଁ ଖଣ୍ଡେ ପଠାଇବ ଛାମୁ
ଆହେ ପ୍ରଭୁଜଗନ୍ନାଥ ।

*ଖୋର୍ଦ୍ଧା*

## ପ୍ରଭାତୀ ଚା'ର ସୁଗନ୍ଧ



ପ୍ରମୋଦ କିଶୋର ଦାସ



ଦିନଟି ତାହାର ଦୃଢ଼ ଦାୟିତ୍ୱରେ ପ୍ରବେଶ କରିବା ପୂର୍ବରୁ, ଜୀବନ ଆମକୁ ଦିଏ ଏକ ସ୍ୱଚ୍ଛ, କିନ୍ତୁ ଅମୂଲ୍ୟ ବିରତି– ଏକ ଅପ୍ରକାଶିତ ଘଣ୍ଟା, ଯାହା ମାଟିର ଭଳି ଆମ ହାତରେ ଆକୃତି ନେବାକୁ ପ୍ରସ୍ତୁତ ରହେ। ଏହି ନିରବ ଅନ୍ତରାଳରେ ପ୍ରଭାତୀ ଚା' ତାହାର ସ୍ଥାନ ନେଉଥାଏ– କେବଳ ଶରୀରର ପ୍ରୟୋଜନ ଭାବେ ନୁହେଁ, ଏକ ସୂକ୍ଷ୍ମ ମାନସିକ ଉପାସନା ଭାବେ।

ଏହା ନିଦ୍ରା ଓ ଦାୟିତ୍ୱ ମଧ୍ୟରେ ଥିବା ଏକ ସେତୁ– ଏକ ଛୋଟ ବିରତି, ଯାହା ଅଶାନ୍ତ ଓ ଦୃତଗତିଶୀଳ ଜଗତରେ ଆମକୁ ଦିଏ ଶାନ୍ତିର ଏକ ସ୍ଥିର ଅବକାଶ।

ଅନେକ ଘରେ ସକାଳ ଆରମ୍ଭ ହୁଏ ଏକ ନିରବ ସଙ୍ଗୀତରେ– ଫୁଟୁଥିବା ପାଣିର ହାଲୁକା ଧ୍ୱନି, ଚା' ପତ୍ରର ସୁଗନ୍ଧ, ଦୁଧର ସ୍ୱର୍ଣ୍ଣିମ ଘୂର୍ଣ୍ଣନ ଓ ଚିନିର ନିରବ ବିଲୟ। ଏହାମାନେ କେବଳ କାର୍ଯ୍ୟ ନୁହେଁ; ସେମାନେ ଏକ ଲୟ, ଏକ ସଂସ୍କାର। ସେମାନେ ଆମକୁ ସ୍ମରଣ କରାନ୍ତି– ଜୀବନର ପ୍ରତ୍ୟେକ କ୍ଷଣକୁ ଦୌଡ଼ିବାକୁ ନାହିଁ।

ଆଧୁନିକ ଜୀବନ ସମୟକୁ ମାପି ମାପି ବ୍ୟବହାର କରିବାରେ ବ୍ୟସ୍ତ। ମିନିଟ୍‌ଗୁଡ଼ିକ ଯୋଜିତ, ଘଣ୍ଟାଗୁଡ଼ିକ ବ୍ୟବସ୍ଥିତ ଓ ଧ୍ୟାନ ଛିଣ୍ଡିଯାଇଛି ଅନେକ ଦିଗରେ। ଏମିତି ସମୟରେ, ଏକ କପ୍ ଚା' ସହିତ ନିରବତାରେ ବସିବା– କୌଣସି ଉତ୍ପାଦନର ଚାପ ଛଡ଼ା– ହୁଏ ଏକ ସୂକ୍ଷ୍ମ ବିଦ୍ରୋହ। ଏହା ମନେ ପକାଏ ଯେ, ପ୍ରତ୍ୟେକ କ୍ଷଣର ମୂଲ୍ୟ ତାହାର ଫଳରେ ନୁହେଁ, ତାହାର ଅନୁଭୂତିରେ ରହିଛି।

ଚା'ର ଉଠୁଥିବା ବାଷ୍ପ କେବଳ ଗନ୍ଧ ନୁହେଁ– ସେ ସ୍ମୃତିର ନିରବ ବାହକ। ଶିଶୁ କାଳର ସକାଳ, ଠାକୁରମା'ଙ୍କ ହାତର ମମତା ଓ ଘରୋଇ କଥାବାର୍ତ୍ତା– ସବୁକିଛି ଏହି ଗରମ ବାଷ୍ପରେ ଜୀବନ୍ତ ହୋଇଯାଏ।

ଏହି ସମୟରେ ମନ ଧୀରେ ଧୀରେ ଦିନଟିକୁ ସଜାଇ ନେଉଥାଏ। କାର୍ଯ୍ୟଗୁଡ଼ିକ ଶୃଙ୍ଖଳିତ ହୁଏ, ଚିନ୍ତାମନ୍ଥନ ହୁଏ ଓ ଅନିଶ୍ଚିତତା ଏକ ସ୍ୱଷ୍ଟ ଆକୃତି ନେଇଥାଏ। ଛିଣ୍ଡିଯାଇଥିବା ଚିନ୍ତାଗୁଡ଼ିକ ଏକ ଶାନ୍ତ ସ୍ରୋତରେ ଏକତ୍ର ହୁଏ।

ଏହି ପ୍ରଥାରେ ଅଛି ଏକ ଅଦ୍ଭୁତ ସମତା। ଏହା ବର୍ଗ, ପେଶା ଓ ପରିସ୍ଥିତିକୁ ଅତିକ୍ରମ କରି ସମସ୍ତଙ୍କୁ ଏକ ସୂତ୍ରରେ ବାନ୍ଧି ଦେଇଥାଏ। ଶ୍ରମିକ ଠାରୁ ଶିକ୍ଷକ, ବ୍ୟବସାୟୀ ଠାରୁ ପ୍ରବୀଣ– ସମସ୍ତେ ଏହି ମୁହୂର୍ତ୍ତରେ ସାମିଲ। ପାତ୍ର ବଦଳିଥାଏ, କିନ୍ତୁ ଅନୁଭୂତି ଅପରିବର୍ତ୍ତିତ।

ପ୍ରଭାତୀ ଚା' ଏକ ସୂକ୍ଷ୍ମ ସୀମାରେ ଅବସ୍ଥିତ– ଏକାକୀତ୍ୱ ଓ ସାଙ୍ଗତ୍ୱର ମଧ୍ୟବର୍ତ୍ତୀ ସ୍ଥାନରେ। କେହି ନିଜ ସହିତ ନିରବ ସାକ୍ଷାତ୍କାର କରନ୍ତି, କେହି ପ୍ରିୟଜନଙ୍କ ସହିତ ସରଳ କଥାବାର୍ତ୍ତାରେ ଲିନ ହୁଅନ୍ତି। ଏହା ଦାୟିତ୍ୱର ନୁହେଁ, ଅଭ୍ୟାସର ଏକ ସମ୍ମିଳନ।

ଏଠାରେ କୌଣସି ଆଡମ୍ବର ନାହିଁ, କୃତ୍ରିମତା ନାହିଁ। କଥାବାର୍ତ୍ତା ସ୍ୱାଭାବିକ ଭାବରେ ବହିଯାଏ। ମତଭେଦ ମଧ୍ୟ ଚା'ର ଉଷ୍ମତାରେ ନରମ ହୋଇଯାଏ।

ବିଭିନ୍ନ ଦୃଷ୍ଟିକୋଣରୁ ଏହାକୁ ବୁଝାଯାଇପାରେ– ଦାର୍ଶନିକଙ୍କ ପାଇଁ ଏହା ଧ୍ୟାନ, ଅର୍ଥନୀତିଜ୍ଞଙ୍କ ପାଇଁ ସମୟର ସଂରଚନା ଓ ମନୋବିଜ୍ଞାନୀଙ୍କ ପାଇଁ ସଚେତନତାର ଅଭ୍ୟାସ। କିନ୍ତୁ ଏହାର ସୌନ୍ଦର୍ଯ୍ୟ ହେଉଛି– ଏହା କୌଣସି ଜଟିଳତାକୁ ଚାହେଁ ନାହିଁ।

ଦିନଟି ଯଦିଓ ଘଟଣାରେ ପୂର୍ଣ୍ଣ, ତଥାପି ତାହାର ଅର୍ଥ ଅନେକ ସମୟରେ ଅସ୍ୱଷ୍ଟ ରହେ। ପ୍ରଭାତୀ ଚା' ଏହି ଅସ୍ୱଷ୍ଟତାକୁ ଧୀରେ ଧୀରେ ହଟାଇ ଆମକୁ ଦିଏ ଏକ ସ୍ୱଷ୍ଟ ଦୃଷ୍ଟି।

ଏହି ଛୋଟ ପ୍ରଥାରେ ଲୁଚିଛି ଏକ ଅଲୌକିକ ସୌନ୍ଦର୍ଯ୍ୟ– ଚା'ର ରଙ୍ଗ, ତାହାର ଉଷ୍ମତା ଓ ପ୍ରଥମ ଚୁସ୍କିର ମୃଦୁ ସ୍ପର୍ଶ। ଏହା ଦିନଟିକୁ ଆରମ୍ଭ କରେ ଏକ ମୃଦୁ ସଙ୍ଗୀତରେ।

ସମାଜ ଏଭଳି ଛୋଟ ଅଭ୍ୟାସରେ ଅବଲମ୍ବିତ। ସେମାନେ ପିଢ଼ିରୁ ପିଢ଼ିକୁ ସଂଯୋଗ କରନ୍ତି, ସମୟର ଧାରାରେ ନିରବ ଭାବେ ପ୍ରବାହିତ ହୁଅନ୍ତି।

ଚା' ନିଜେ ଅନିବାର୍ଯ୍ୟ ନୁହେଁ, କିନ୍ତୁ ଏହି ବିରତି ଅମୂଲ୍ୟ। ଏହା ଚିନ୍ତାର ଏକ ମୁହୂର୍ତ୍ତ, ଏକ ଆତ୍ମସାକ୍ଷାତ୍କାର।

ସମୟ ସହିତ, ଏହା ଆମକୁ ଶିଖାଏ– ଶାନ୍ତି, ସଂଯମ ଓ ସ୍ୱଷ୍ଟତା। ମନ ନିଜ ସ୍ଥାନକୁ ଫେରେ ଓ ଦିନଟି ନିଜ ଗତିକୁ ପାଏ।

ପ୍ରଭାତୀ ଚା' ହେଉଛି ସ୍ୱାଧୀନତାର ଏକ ସାଧାରଣ ଅଭ୍ୟାସ– ନିଜକୁ ନିଜେ ଧରି ରଖିବାର ଏକ ନିରବ ଆଶ୍ୱାସନା।

କପ୍ ଖାଲି ହୋଇଯାଏ, କିନ୍ତୁ ତାହାର ଅନୁଭୂତି ରହିଯାଏ– ମନରେ ଏକ ନିର୍ମଳ ସ୍ୱଷ୍ଟତା, ହୃଦୟରେ ଏକ ଶାନ୍ତ ଆଲୋକ।

ଦିନଟି ପରିବର୍ତ୍ତିତ ହୁଏନି, କିନ୍ତୁ ଆମେ ତାହାକୁ ନୂଆ ଭାବରେ ଅନୁଭବ କରୁଥାଉ।

କପ୍ ଖାଲି– କିନ୍ତୁ ଏହା ଦିନଟିକୁ ଆମର କରିଦିଏ।

*ଅବସରପ୍ରାପ୍ତ ପ୍ରଫେସର (ଅର୍ଥନୀତି), ଏନ୍‌ସିଇଆର୍‌ଟି, ଦିଲ୍ଲୀ*

## ସମ୍ପର୍କ

**କବିତା ବେହେରା**

ସମ୍ପର୍କ ହେଉଛି ହୃଦୟର,
ଗଭୀର ଅନୁଭୂତିର ଅମର ସ୍ପନ୍ଦନ।
ଦୁଇଟି ଆତ୍ମା ମଧ୍ୟରେ ନିରବତାରେ,
ଗଢ଼ିଉଠୁଥିବା ପବିତ୍ର ବନ୍ଧନ।
କେବେ ହସର ରଙ୍ଗରେ,
ଜୀବନକୁ କରେ ରଙ୍ଗିନ।
କେବେ ଦୁଃଖର ଅନ୍ଧକାରେ,
ହୋଇଯାଏ ଆଶାର ପ୍ରଦୀପ ଦୀପ୍ତିମାନ।
ସମୟର ଦୀର୍ଘ ପଥରେ,
ଆସେ ଅନେକ ଝଡ଼ ଓ ପରୀକ୍ଷା,
ତଥାପି ସତ୍ୟ ସମ୍ପର୍କ,
ହୃଦୟରେ ଜଗାଏ ଅତୁଟ ଆଶା।
ଦୂରତା ଯେତେ ଦୂରେ,
ନେଉ ଦୁଇଟି ଜୀବନର ପଥ,
ଭରସା ଥିଲେ ସମ୍ପର୍କ ହୁଏ,
ଅମର ଓ ଅକ୍ଷୟ ଶକ୍ତ।
କିଛି ସମ୍ପର୍କ ଗଛର,
ମୂଳ ପରି ରହେ ଗଭୀର,
ଦୃଶ୍ୟ ନହେଲେ ମଧ୍ୟ,
ଦେଇଯାଏ ଜୀବନକୁ ଅପାର ଧୀର।
କିଛି ସମ୍ପର୍କ ବସନ୍ତର...
ସୁଗନ୍ଧ ପରି ଆସି ନିରବେ ବସେ,
ହୃଦୟର ପୃଷ୍ଠାରେ ସଦା,
ଅମର ସ୍ମୃତି ହେଇ ବସି ହସେ।
ସେଇଥିପାଇଁ ସତ୍ୟ ସମ୍ପର୍କ,
କେବେ ସମୟରେ ହାରେନି;
ସେ ହେଉଛି ଜୀବନର ଆକାଶରେ,
ସଦା ଜ୍ୱଳନ୍ତ ଅମର ଚାନ୍ଦନୀ।

*ସୋର, ବାଲେଶ୍ୱର*



## ଶାନ୍ତିର କପୋତ ଯାଆରେ

**ସୁରମା ମିଶ୍ର**



ଶାନ୍ତିର କପୋତ ଆରେ ଶାନ୍ତି ଦୂତ
ଉଡ଼ି ଉଡ଼ି ତୁ ଯାଆରେ
ଦେଶ ବିଦେଶରେ ଶାନ୍ତିର ବାରତା
ବାଣ୍ଟି ଦେଇ ତୁ ଆ ରେ ॥

ରାଗ ହିଂସା କ୍ରୋଧ ଅହଙ୍କାର ଭାବ
ଦିନୁ ଦିନ ବଢୁଥାଏ
ସ୍ନେହ ଶ୍ରଦ୍ଧା ପ୍ରେମ କୋମଳ ବଚନ
ଆଉ ତ ଶୁଣା ନଯାଏ ॥

କ୍ଷଣିକ କ୍ରୋଧରେ ଅନ୍ଧ ହୋଇ ବ୍ୟକ୍ତି
ହୋଇଯାଏ ବାଟବଣା
ଭଲ ମନ୍ଦ କିଛି ଜାଣି ପାରେ ନାହିଁ
ହୋଇଯାଏ ସେ ଅଜଣା ॥

ଚାରି ଆଡେ ଶୁଭେ ଯୁଦ୍ଧ ବିଭୀଷିକା
ପଡ଼େ କୁଡ଼କୁଡ଼ ଶବ
କେତେ କଷ୍ଟ ସହେ ମାଆଟି ଆମର
କିଏ ତା ଦୁଃଖ ବୁଝିବ ॥

ସାରା ପୃଥିବୀରେ ଅଶାନ୍ତିର ଝଡ଼
ସବୁଆଡେ ହା ହା କାର
ସରଳ ମଣିଷ ପଶୁ ପାଲଟିଛି
କ୍ରୋଧେ ହୋଇ ଜର ଜର ॥

ଦିନୁ ଦିନ ବଢ଼େ ନାରୀ ନିର୍ଯାତନା
ଦୁଃଖ ବୁଝନ୍ତିନି କେହି
ଯେତେ ସଚେତନ କରାଇଲେ ମଧ୍ୟ
ସୁରକ୍ଷା ସେ ପାଏ ନାହିଁ ॥

ନିରୀହ ଶିଶୁଟି ବଳି ପଡୁଅଛି
ନର ରାକ୍ଷସ କବଳେ
କି ଦୋଷ କାହାର ବୁଝି ହେଉନାହିଁ
ଦୁଃଖ ଲାଗୁଛି ଭାବିଲେ ॥

ରାସ୍ତା ଘାଟ ଆଉ ନୁହେଁ ନିରାପଦ
ସବୁ ତ ଅସୁରକ୍ଷିତ
ଘରୁ ଯିବା ପାଇଁ ଡର ଲାଗୁଅଛି
ଫେରିବାଟା ଅନିଶ୍ଚିତ ॥

ମଣିଷ ପାଖରେ ସବୁ ଅଛି ଆଜି
ତଥାପି ସେ ଅଶାନ୍ତି
ଫେରାଇ ଆଣରେ କପୋତ ଭାଇତୁ
ଫେରାଇ ଆଣରେ ଶାନ୍ତି ॥

ଆହେ ଚଉ ବାହା ତୁମେ ଏକା ସାହା
ତୁମ ପଦେ ନିବେଦନ
ଢାଳହେ ଆଶୀଷ, ବିଛୁରି ଦିଅହେ
ଶାନ୍ତିର ବାତାବରଣ ॥

*ବିଏଲ୍ ୩୯, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*

## ଝୁମି ଝୁମି ଆସେ ମେଘ

**ନୀଳମଣି ଚାନ୍ଦ**

ଝୁମି ଝୁମି ଆସେ ମେଘ ଯେବେ ପ୍ରିୟା ଗାଆଁକୁ
ଲିଭେଇ ଦିଏ ବାଲିରେ ଲେଖା ତା'ର ନାଆଁକୁ।

ସେ ନାଆଁଟି ମଧୁବୋଳା ସିଏ କାହୁଁ ଜାଣିବ
ମୋ ପାଇଁ ଅଭୁଲା ପରା ସତ କି ସେ ମଣିବ।

ମୁଁ ଜାଣେନି ସେ କାହିଁକି ଏତେ ଈର୍ଷା କରଇ
ଅଦିନରେ ବରଷିକି ଦୁଃଖ ମେଞ୍ଚେ ଭରଇ।

ସେହି ନାଆଁକୁ ଲିଭେଇ କି ସୁଖ ସେ ପାଏରେ
ଅଦିନରେ ଆସି କିଆଁ ଏତେ ଝରିଯାଏରେ ।

ସେ ଫେରିଲେ ଆଉ ଥରେ ପ୍ରିୟା ନାଆଁ ଲେଖିବି
କେତେ ଥର ସେ ଆସିବ ବସି ବସି ଦେଖିବି।

ମୁଁ ଲେଖିବି ସେ ଲିଭାଉ ଚାଲୁ ଏହି ପରିରେ
ଜାଣିଛି ଆସିବା ଦିନେ ଦେବ ବନ୍ଦ କରିରେ ।

ମୁଁ ହସିବି ବାଲୁକାର ବେଳାଟିରେ ବସିକି
ତା'ର ସ୍ମୃତି କଥା ଭାବି ଦେଉଥିବି ହସିକି ।

ଝୁମି ଝୁମି ମେଘ ଆଉ ଆସନାରେ ଆସନା
ତୁ କାହୁଁ ବୁଝିବୁ ମନେ ଭରା କେତେ ବାସନା।

*ମନ୍ତ୍ରମାନୋର, ଗୋଠପାଟଣା, ଭୁବନେଶ୍ୱର*
*ମୋ-୯୫୮୩୨୦୨୩୫୭*

## ଫଗୁଣରେ ବସେ ଫଗୁଣରେ ବାସେ

**ଧ୍ରୁବ ଚରଣ ଘିବେଲା**



ମଧୁମାସ ବୋଲି ପଡ଼େ ଏଠି ହୁରି
ବସନ୍ତ ସେ ଋତୁରାଜ
ଆମ୍ର ବଉଳର ବାସନାରେ ବାସେ
ଗାଆଁ ପରିବେଶ ଆଜ ।
ସହକାର ଡାଳେ ବସି ପିକ ଭାଳେ
ରୁହନ୍ତା କି ଋତୁରାଜ
ଋତୁ କାଳ ବଢ଼ିଗଲେ ବସନ୍ତର
ଗାଉଥା'ନ୍ତା ରହି ସଜ ।
ପିକ ମନେ ଭାଳି କୁହୁତାନ ତୋଳି
ଲଭି ବଉଳ ବାସନା
ଘଡ଼ିକେ ଛନକେ ତୋଳେ କୁହୁତାନ
ଖରା କରେ ଆନମନା ।
ଫଗୁଣରେ ବସେ ଫଗୁଣରେ ବାସେ
କେତେ ଫୁଲର ବିପଣି
ଦୋଳ ପୁନେଇଁରେ ଦୋଳ ବିମାନରେ
(ସୁନ୍ଦର) ଶ୍ରୀରାଧାଗୋବିନ୍ଦ ଠାଣି ।
ଫୁଲ ଓଠ ଦେଶେ ରଙ୍ଗ ସଭା ବସେ
ଫୁଲ ଯେତେ ରଙ୍ଗ ସେତେ
ରଙ୍ଗର ପସରା ରଙ୍ଗର ଯାତରା
ରଙ୍ଗ ପଟୁଆର କେତେ ।
ଦୋଳ ହୋଲି ପର୍ବ ରଙ୍ଗର ପରବ
ବୁଣେ ଭାଇଚାରା ଭାବ
ଖୁସି ଆନନ୍ଦର ମହକ ସୁନ୍ଦର
ଫଗୁଣରେ ଫଗୁ ପର୍ବ ।
ମଧୁମାସ ଆସେ ଫଗୁଣର ସାଥେ
ଫୁଲ ପରେ ଥାପି ପାଦ
ଫଗୁଣ ଚଇତ ମଧୁମାସ କାଳ
ସୁନ୍ଦର ଆଉ ସୁଖଦ।
ଚଇତର ବାଟେ ଘାଟେ ଶୋଭା ବାଢ଼େ
ସୁନ୍ଦରୀ ପଳାଶ ଫୁଲ
ନାଲିଆ ଓଠରେ ନାଲିଆ ରଙ୍ଗରେ
ଚଇତେ ଦିଶେ ଉଡଲ ।
ଋତୁଙ୍କ ଭିତରେ ଋତୁଙ୍କର ରାଜା
ରୂପ ରସ ରଙ୍ଗ ପାଇଁ
ଦୋଳ ପୁନେଇଁର ରାସରସ ଭଲ
ଶ୍ରେଷ୍ଠ ଏକା ଋତୁ ସେଇ ।

*ବୌଦ୍ଧ, ବଉଦରାଜ -୭୬୨୦୧୪*
*ମୋ-୯୪୩୭୪୭୮୪୬୬*

## ବିକ୍ଷିପ୍ତ ଭାବନା

**ଶରତ ଦାଶ**

ଦିନ ସରିଗଲେ ରାତି ଆସେ ସିନା
ପ୍ରକୃତିର ନିୟମରେ
ମନର ଆଲୋକ ସଦା ଉଜ୍ଜୀବିତ
ନୂଆ ଆଶା ଆକାଂକ୍ଷାରେ ।।
ଆଶା ମରିଗଲେ ମଣିଷ ମରେନା
ଭାଷାରେ ଭାସେ ଜୀବନ
କଳ୍ପନାର ଡେଣା କରି ସଂଯୋଜିତ
ଉଡୁଥାଏ ବହୁ ସ୍ୱପ୍ନ ।।
ଜାଣି ବି ଜୀବନ କ୍ଷଣିକ ଅଳୀକ
ମାୟାରେ ମୋହିତ ମନ
ମରଣକୁ ଭୁଲି କରଇ ସ୍ମରଣ
ଶାଶ୍ୱତ ଚିର ଯୌବନ ।।
କ୍ଷମତାର ମୋହ ଅତୀବ ନିର୍ଦ୍ଦୟ
ଯୋଗୀକୁ କରଇ ଭୋଗୀ
ହୃଦୟବିହୀନ ହୁଏ ହୃଦବାନ
ନିଷ୍ଠୁରତା ଅନୁରାଗୀ ।।
ଭଲପାଇବାର ପଥରେ ବାଧକ
ସାଜେ ଧନ ମାନ ସ୍ୱାର୍ଥ
ପ୍ରେମହୀନ ପ୍ରାଣ ଶୁଷ୍କ ଅକାରଣ
ଜୀବନ ନିଷ୍ଫଳ ବ୍ୟର୍ଥ ।।
ଅସାର ସଂସାର ଜାଣି ବି ବ୍ୟାକୁଳ
ସର୍ବେ ଦୀର୍ଘାୟୁଷ ପାଇଁ
କେ ନୁହେଁ କାହାର କହି ମୋର ମୋର
ତଥାପି ମାନବ ବାଇ ।।
ଆଜି ଅଛି ପ୍ରାଣ କାଲି ରହିବାର
ନାହିଁ କିଛି ନିଶ୍ଚିତତା
ଭଲ ହୋଇ ଭଲ କାମ କରିବାରେ
ଅମର ଜୀବନସତ୍ତା ।।


*ଭୁବନେଶ୍ୱର*

## ପଙ୍କଜାକ୍ଷୀ ତବ ପଣତେ ମୋ ସ୍ୱପ୍ନ

**ଶ୍ୟାମା ପ୍ରସାଦ ମିଶ୍ର**

ପ୍ରେମର ଆଞ୍ଜୁଳି ଭରି,
ପରମ ସୌଭାଗ୍ୟ ମଣଇ ତୁମରି
ବାହୁରେ ହଜି ମୁଁ ଥିରି ।୧
ପୁଲକିତ ହେଲା ମୋ ହିଆ ଯେ ଦିନ
ପ୍ରୀତିର ଚୁମ୍ବନ ଦେଲ,
ପାଉଁଜି ତୁମର ପାଦରେ ନାଚିଲା
ମନେ ଶିହରିତ ହେଲ ।୨
ପଞ୍ଚବାଣ ଧିରେ କରେ କଲବଲ
ତୁମ ସଂଦର୍ଶନେ ଯେବେ,
ପ୍ରିୟା ଆସ ଥରେ ହଜିଯିବା ଚାଲ
ଗହନ ଅନ୍ଧାରେ ତେବେ ।୩
ପରୀ ତୁମେ ଆସି ସରଗରାଇଜୁଁ
ଚୋରି କଲ ମୋଠୁଁ ମୋତେ,
ପାରିଜାତ ପରି ବିଧାତା ମୋ ହସ୍ତେ
ତୁମକୁ ଦେଇଛି ସତେ ।୪
ପାଣି କି ବୁଝିବ ତୃଷାତୁର ତୃଷା
ଚାତକେ ଜଳଦ ବର,
ପରା ଲାଗେ ଶୂନ୍ୟ ଜନସମାଗମ
ନିମିଷେ ନୟନୁଁ ଦୂର ।୫
ପ୍ରତି କ୍ଷଣେ ତୁମେ ଶୟନେ ସପନେ
ଜାଗରଣେ ଅଛି ଭରି,
ପଉଷ ପଦୁଅଁ ପରକାରେ ପ୍ରାୟ
ହୁଅଇ ତୁମକୁ ଘାରି ।୬
ପରଶ ସରସ ବରଷ ମରୁରେ
ବରଷାର ଧାରା ସରି,
ପ୍ରିୟା ନଦୀ ତୁମେ ଉଛୁଳା ଯୌବନେ
ରତ୍ନାକର ମୁଁ ଯେପରି ।୭
ପଥର ନୁହେଁ ଏ ପତର ଏ ମୋର
ପଢ ତାକୁ ଥିରି ଥିରି,
ପଣ ମୁଁ କରିଛି ପରା ଏ ଜୀବନ–
ପଥେ ତୁ ମୋ ସହଚରୀ ।୮

*ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟ, ଭଞ୍ଜନଗର, ଗଞ୍ଜାମ,*
*ଭ୍ରାମ୍ୟଭାଷ-୯୦୯୦୫୦୭୯*




## ତଥାପି କହିବାକୁ ବାକି ଅଛି

**ଚନ୍ଦନ କୁମାର ଦାସ**

ଋତୁଟିଏ ଫେରିଗଲା ପରି
ଅଜାଣତେ ତୁମେ ଫେରିଗଲ ସିନା
ହେଲେ ଫେରିନାହିଁ
ତୁମ ଉପସ୍ଥିତିର ଉପବନରେ
ଏବେ ଏବେ ଫୁଟିଥିବା ସଜଳ ଫୁଲଙ୍କର ହସ
ଲିଭିନାହିଁ ତୁମେ ଛୁଇଁଥିବା
ସଂପର୍କର ପ୍ରତିଟି ସବୁଜ ପତ୍ରରୁ
ତୁମ ପ୍ରଣୟୀ ହାତର ସ୍ପର୍ଶ

ମୁଁ ତ ଏବେ ଅପେକ୍ଷାର କାନ୍ଥରୁ
ଓହଳି ପଡିଥିବା
ଗୋଟିଏ ଅସଂପୂର୍ଣ୍ଣ କବିତା
ଯାର ପ୍ରତିଟି ଶବ୍ଦରେ ଗୁଞ୍ଜରିତ
ତୁମ ଫେରିବାର ଲଳିତ ଆସ୍ୱାସନା
ବର୍ଷି ନ ପାରିବାର ଅବସୋସରେ ଆର୍ଦ୍ର
ପ୍ରତୀକ୍ଷା ସବୁ ପାଲଟି ଯାଇଛନ୍ତି ଏବେ
ତୁମ ନିରୁତା ପ୍ରେମର ନିସର୍ଗ ବିଭାବନା

ତେଣେ ଆସ...
ଆସ ସଖି.... !
ତୁମ ସହ ବିତିଥିବା ଅନକ୍ଷର ଅନୁଭୂତିରେ
ସଜାଇଦିଅ ସେହି ଅସଂପୂର୍ଣ୍ଣ କବିତାର ପଂକ୍ତିସବୁ
ପାଦରୁ ପଦ ପର୍ଯ୍ୟନ୍ତ ତାର ପିନ୍ଧାଇଦିଅ
ସମ୍ଭାବନାର ଇପ୍ସିତ ଅଳଙ୍କାର
ଆପାତତଃ ସ୍ୱଚ୍ଛଳଛ ସ୍ୱପ୍ନଟିଏ ଦେଖି
କଥା ଦେଇ ନ ଫେରିବାର ପ୍ରତାରଣାରୁ
ମୁକ୍ତି ପାଇଯିବ ପ୍ରେମିକଟିଏ



ତୁମକୁ ଯେତେଥର ଦେଖିଲେ
ତଥାପି କହିବାକୁ ଥାଏ ଅନେକ କଥା
ହେଲେ କଥା ତ ପ୍ରେମିକର ସରୁନଥିବା ସଞ୍ଚିଟିଏ
ଯାର ପ୍ରତୀକ୍ଷାରେ ରାତିଟିଏ ସରିଯାଏ ସିନା
ସରେ ନାହିଁ ସଳିତାରୁ ସ୍ୱପ୍ନ
ସେମିତି ଜଳି ଜଳି ପ୍ରତୀକ୍ଷାର ପାହାଚରେ
ଆଙ୍କୁଥାଏ ତୁମ କୁଆଁରୀ ଦେହର
କଅଁଳ ସ୍ମୃତି।

*ଭୋଗରାଇ, ବାଲେଶ୍ୱର*
*ଦୂ.ଭା-୮୧୧୪୩୪୫୯୮୮*

## ଜୀବନ ଅଙ୍କ

**ଝରଣା ବାରିକ**

ତୁମେ ବୈଶାଖର ଉତ୍ତପ୍ତ କିରଣ
ମୁଁ ପରା କାଳ ବୈଶାଖୀ
ତୁମେ ଜାଳି ଦିଅ ଏ ଧରା ପୃଷ୍ଠକୁ
(ମୁଁ)ଶୀତଳତା ଦିଏ ମାଖି ।

ତୁମେ କରୁଥାଅ ଡହଳ ବିକଳ
ଅଂଶୁଘାତ ଆଣ ଡାକି,
ମୁଁ ଝାଡ଼ି ଦିଏ ଯେତେ ଫଳ ଫୁଲ
କଅଁଳ ପତର ରଖି ।

ତୁମେ ଆକାଶର ବୁକୁଚିରି ଆସ
ମୁଁ ଭସା ବାଦଲ ପରି,
କ୍ଷଣିକରେ ଆସିଯାଏ ପୁଣି ଚାଲି
ଭାଙ୍ଗି ରୁଜି ଚୁନା କରି ।

ତୁମେ ଆସୁଥିଲେ ମୁଁ ଆସୁଥାଏ
ଆମେ ଦୁହେଁ ପରା ମିତ,
ଆମେ ଆସୁଥାଉ ସାଥି ହୋଇ ପୁଣି
ଚାଲିଯାଏ ଯେବେ ଶୀତ ।

ବଇଶାଖୀ ଆଉ କାଳ ବଇଶାଖୀ
ଜୀବନର ଗୋଟେ ଅଙ୍କ,
କେବେ ଡହ ଡହ ତତଲା ବାଲି ସେ
କେବେ ସେ ଶୀତଳ ପଙ୍କ ।

*ସମଲ, ତାଳଚେର, ଅନଗୁଳ*
*ମୋ-୯୫୫୬୮୪୬୯୩୨*

## କବିତା ସୁନ୍ଦରୀ

**ବେଣୁଧର ସୂତାର**

ଭାବ ମାଧୁର୍ଯ୍ୟର ଅପୂର୍ବ ବିନ୍ୟାସ
ନୈସର୍ଗିକ ରୂପ କଳ୍ପ ମାଧୁରୀ
ତୁମେ ଉଭାସିତ କାବ୍ୟ ନାୟିକା ଗୋ
କବି ମାନସର କାବ୍ୟ ସୁନ୍ଦରୀ ॥

ଲାଳିତ୍ୟ ଛନ୍ଦର ମୂର୍ଚ୍ଛନାରେ ତୋଳ
ସୁଧା ମଧୁଝରା ସୁର ଝଙ୍କାର
ଶବ୍ଦ କୁହୁକର ବିଭୋର ମାୟାରେ
ଲାବଣ୍ୟ ଯାହାର ରୂପ ଶୃଙ୍ଗାର ॥

ଶବ୍ଦର ଅପୂର୍ବ ନୀଳ ସମ୍ମୋହନେ
ହୃଦୟେ ଦେଇଛ ମମତା ବୋଲି
ଫୁଟାଇ ଦେଇଛ ନିଖିଳ ଅନ୍ତରେ
ପ୍ରଜ୍ଞା ପୀୟୂଷର କଅଁଳ କଳି ॥

ଭାବ ସ୍ପନ୍ଦନର ଅମିୟ ନିର୍ଝର
ହୃଦୟ ହାଟରେ ପ୍ରୀତି ପସରା
ଅମୃତମୟ ଏ ଭବ୍ୟ ଉପହାର
ପ୍ରଜ୍ଞା ପୀୟୂଷର ପ୍ରଲୁବ୍ଧ ଧାରା ॥

ଅନନ୍ତ ଯୁଗର ଅନୁଭବ ତୁମେ
ପଦ ଛନ୍ଦ ସୁର ଲାଳିତ୍ୟ ଭରା
ମର୍ମଭେଦୀ ତୁମ ଭାବର ମାଧୁରୀ
ଶବ୍ଦ ବ୍ରହ୍ମ ରୂପା ଶାଶ୍ୱତ ଧାରା ॥

ଅବର୍ଣ୍ଣନୀୟ ଯା ରୂପର ଝଲକ
ବାଣୀ ବିପଣିର ଐଶ୍ୱର୍ଯ୍ୟ ମାଳା
କବିତା ତୁମେ ଗୋ ଭବ୍ୟ ଚେତନାର
ରସ ମାଧୁର୍ଯ୍ୟର କାଉଁରୀ କଳା ॥



ନବ ରସ ନବ ଚପଳ ଛନ୍ଦର
ଓଁକାର ନାଦିନୀ ପ୍ରଜ୍ଞା ଜନନୀ
କବି କବିତାର ଅପୂର୍ବ ସଂପ୍ରୀତି
ତୁମେ ସାରସ୍ୱତ ରାଜ ନନ୍ଦିନୀ ॥

କବିତା କାମିନୀ ମତ୍ତ ଉଲ୍ଲାସିନୀ
ଅମିତ ପ୍ରଜ୍ଞାର ଅଳକା ନନ୍ଦା
କବି ଭାବୁକର କଳ୍ପନାମୟୀ ଗୋ
ଭାବ ଆହ୍ଲାଦିନୀ ଯୋଜନଗନ୍ଧା ॥

ସୂକ୍ଷ୍ମ ଲେଖନୀରେ ଭଷା ଲାଳିତ୍ୟରେ
ଆଙ୍କି ଦିଏ କବି ତୁମରି ରୂପ
କବି ହୃଦୟର ଚାରୁ ଚନ୍ଦ୍ରା ତୁମେ
ବାଣୀ ମନ୍ଦିରର ମଙ୍ଗଳ ଦୀପ ॥

*କେଶଦୁରାପାଳ, କେନ୍ଦୁଝର*
*ଦୂରଭାଷ-୯୧୭୮୫୬୮୨୪୬*

# ଏସିଆ କପ୍‌ରେ ଭାରତୀୟ ତୀରନ୍ଦାଜଙ୍କୁ ୧୦ ପଦକ



**ବ୍ୟାଙ୍କକ୍**

ଭାରତୀୟ ତୀରନ୍ଦାଜ ଦଳ ଏସିଆ କପ୍ ପ୍ରତିଯୋଗିତାରେ ପ୍ରଭାବୀ ପ୍ରଦର୍ଶନ କରି ୨ ସ୍ୱର୍ଣ୍ଣ ଏବଂ ୪ ଲେଖାଏଁ ରୌପ୍ୟ ଓ କାଂସ୍ୟ ସହ ୧୦ ପଦକ ଜିତିଛି । ମିଶ୍ରିତ ଓ ମହିଳା ଦଳ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ହାସଲ କରିଛି । ପୁରୁଷ ଏକକ କମ୍ପାଉଣ୍ଡରେ ଭାରତର ଉଦୟ କମ୍ବୋଜ୍ ସ୍ୱର୍ଣ୍ଣ ଜିତିଥିବା ବେଳେ ପ୍ରଥମେଷ ଜାୱ୍କର ରୌପ୍ୟ ଓ ରଜତ ଚୌହାନ କାଂସ୍ୟ ଜିତିଛନ୍ତି । ସେହିପରି କମ୍ପାଉଣ୍ଡ୍ ମିଶ୍ରିତରେ ଚିକିତା ତାନିପାର୍ଥୀ ଓ ରଜତ ଚୌହାନ ଯୋଡ଼ି ସ୍ୱର୍ଣ୍ଣ ଜିତିଛନ୍ତି । ଏହି ୧୦ ପଦକ ସହ ଭାରତ ପୂର୍ବ ସଂସ୍କରଣରେ ଜିତିଥିବା ୮ ପଦକକୁ ଟପିଯାଇଛି । କିନ୍ତୁ ଗତ ସଂସ୍କରଣରେ ଭାରତ ୪ ସ୍ୱର୍ଣ୍ଣ ଜିତିଥିଲା ବେଳେ ଏଥର ଦୁଇଟି ଜିତିପାରିଛି । ବିଶେଷକରି ରିକର୍ଭରେ ଭାରତୀୟ ତୀରନ୍ଦାଜମାନେ ଆଶାନୁରୂପ ପ୍ରଦର୍ଶନ କରି ନପାରି ସ୍ୱର୍ଣ୍ଣ ପଦକ ହାତଛଡ଼ା କରିଥିଲେ । ଏଥିରେ ପୁରୁଷ ଏକକ ଓ ମିଶ୍ରିତରେ ଭାରତୀୟ ତୀରନ୍ଦାଜମାନେ କୌଣସି ପଦକ ଜିତିପାରି ନଥିଲେ । ତେବେ ମହିଳା ଏକକରେ ଭାରତର ରିଧି ଫୋର ଏବଂ ଦେବାଙ୍ଗ ଗୁପ୍ତା, ସୁଖ୍‌ଚେନ ସିଂ ଓ ଜୁଏଲ ସର୍କାରଙ୍କୁ ନେଇ ଗଠିତ ପୁରୁଷ ଦଳ ରୌପ୍ୟ ଜିତିଥିଲା ।

# ଖେଳାଳିଙ୍କ ଗସ୍ତ ଉପରେ କଟକଣା ଲଗାଇଲା ଇରାନ



**ତେହେରାନ**

ଇରାନ ଶତ୍ରୁ ରାଷ୍ଟ୍ର ଭାବେ ବିବେଚନା ଦେଶଗୁଡ଼ିକୁ ଖେଳାଳିଙ୍କ ଗସ୍ତ ଉପରେ କଟକଣା ଜାରି କରିଛି । ସାଉଦି ଆରବରେ ଟ୍ରାକ୍ଟର ଏଫ୍‌ସି ବିପକ୍ଷ ଗେମ୍ ପୂର୍ବରୁ ଇରାନ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଏହା ଘୋଷଣା କରାଯାଇଛି । ତେବେ ଜୁନ୍ ୧୧ରୁ ଯୁକ୍ତରାଷ୍ଟ୍ର ଆମେରିକା, କାନାଡ଼ା ଓ ମେକ୍ସିକୋରେ ଆରମ୍ଭ ହେବାକୁଥିବା ବିଶ୍ୱକପ୍‌ରେ ଇରାନର ଅଂଶଗ୍ରହଣ ଉପରେ କୌଣସି ସୂଚନା ଦିଆଯାଇ ନାହିଁ । ଦୁବାଇର ଶାବାବ ଅଲ୍ ଅହଲି ବିପକ୍ଷ ଟ୍ରାକ୍ଟର ଗେମ୍ ସାଉଦି ଆରବରେ ଖେଳାଯିବା କାର୍ଯ୍ୟକ୍ରମ ଥିଲା । ଏହା ଏସିଆନ ଚାମ୍ପିୟନ୍ସ ଲିଗ୍ ଏଲିଟ୍‌ର ଏକ ପ୍ଲେ-ଅଫ୍ ମ୍ୟାଚ । ପରବର୍ତ୍ତୀ ନିର୍ଦ୍ଦେଶନାମା ଜାରି କରା ନ ଯିବା ପର୍ଯ୍ୟନ୍ତ ଏହି କଟକଣା ଜାରି ରହିବ । ବର୍ତ୍ତମାନ ପରିସ୍ଥିତିରେ ଶତ୍ରୁ ରାଷ୍ଟ୍ରଗୁଡ଼ିକ ସେମାନଙ୍କ ଖେଳାଳିଙ୍କୁ ଆବଶ୍ୟକ ସୁରକ୍ଷା ଯୋଗାଇ ଦେଇ ପାରିବେ ନାହିଁ ବୋଲି ଇରାନ କର୍ତ୍ତୃପକ୍ଷ ମନେ କରୁଛନ୍ତି । ଇରାନ ଯୁଦ୍ଧ ଯୋଗୁ ଏହି ଦେଶର ଆଖପାଖରେ ଥିବା ମଧ୍ୟ ପ୍ରାଚ୍ୟର ପ୍ରାୟ ପ୍ରତ୍ୟେକ ଦେଶ ପ୍ରଭାବିତ ହୋଇଛନ୍ତି । କ୍ଷେପଣାସ୍ତ୍ର ହେଉ କିମ୍ବା ଡ୍ରୋନ୍ ଅବା ବୋମାମାଡ଼ ଯୋଗୁ କ୍ଷତିଗ୍ରସ୍ତ ହୋଇଛନ୍ତି । ବୁଧବାର ଏସିଆନ ଫୁଟ୍‌ବଲ କନଫେଡେରେସନ ଡ୍ର’ର ଫଳସ୍ୱରୂପ ସାଉଦିଆରବରେ ଟ୍ରାକ୍ଟର ବିପକ୍ଷ ପ୍ଲେଅଫ୍ ଗେମ୍ ଆୟୋଜନ କରାଯାଇଛି । ଏଥିରୁ କ୍ୱାର୍ଟର ଫାଇନାଲ ଯୋଡ଼ି ନିର୍ଦ୍ଧାରିତ ହେବ ।

## ଆଜିଠୁ ଆଇପିଏଲ ଆରମ୍ଭ

# ମହାରେକର୍ଡର ନିକଟତର ବିରାଟ କୋହଲି

**ବେଙ୍ଗାଲୁରୁ**

ଆଇପିଏଲ ୨୦୨୬ ମାର୍ଚ୍ଚ ୨୮ ତାରିଖରୁ ଆରମ୍ଭ ହେବାକୁ ଯାଉଛି । ପ୍ରଥମ ମ୍ୟାଚ୍‌ରେ ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଏବଂ ସନରାଇଜର୍ସ ହାଇଦ୍ରାବାଦ ମୁହାଁମୁହିଁ ହେବେ । ବିରାଟ କୋହଲି, ରୋହିତ ଶର୍ମା ଏବଂ ଏମଏସ ଧୋନିଙ୍କ ଭଳି କିମ୍ବଦନ୍ତୀ ଖେଳାଳିଙ୍କୁ ଦେଖିବାକୁ ପ୍ରଶଂସକମାନେ ଉତ୍ସାହିତ ହୋଇ ରହିଛନ୍ତି । ଏହି ସିଜନରେ କୋହଲି ଏକ ଅନନ୍ୟ ରେକର୍ଡ ପାଇଁ ଲକ୍ଷ୍ୟ ରଖିବେ, ଯାହାକୁ ଏପର୍ଯ୍ୟନ୍ତ କେବଳ କ୍ରିସ୍ ଗେଲ୍ ଏବଂ ରୋହିତ ଶର୍ମା ହାସଲ କରିପାରିଛନ୍ତି ।

ବିରାଟ କୋହଲି ଆଇପିଏଲ ୨୦୨୬ରେ ଏକ ପ୍ରମୁଖ ରେକର୍ଡର ବହୁତ ନିକଟତର । ତାଙ୍କୁ କେବଳ ନଅଟି ଛକା ମାରିବାକୁ ପଡ଼ିବ ଏବଂ




ଏହା କରି ସେ ଏହି ଲିଗ୍‌ରେ ୩୦୦ ଛକା ମାରିବାରେ ତୃତୀୟ ବ୍ୟାଟର ହୋଇଯିବେ । କ୍ରିସ୍ ଗେଲ୍ ୩୫୭ ସହିତ ଲିଗ୍‌ରେ ସର୍ବାଧିକ ଛକା ମାରିବାର ରେକର୍ଡ ରଖିଛନ୍ତି । ରୋହିତ ଶର୍ମା ଗତ ସିଜନରେ ୩୦୦ ଛକା ମାରିବାର ରେକର୍ଡ ହାସଲ କରିଥିଲେ ।

କ୍ରିସ୍ ଗେଲ୍ ଆଇପିଏଲରେ ଚାରୋଟି ଦଳ ପାଇଁ ଖେଳିଛନ୍ତି । ରୋହିତ ଶର୍ମା ଦୁଇଟି ଦଳ (ହାଇଦ୍ରାବାଦ ଏବଂ ମୁମ୍ବାଇ) ପାଇଁ ମଧ୍ୟ ଖେଳିଛନ୍ତି । ସେ ଡେକାନ୍ ଚାର୍ଜର୍ସ ପାଇଁ ୨୨ଟି ଛକା ମଧ୍ୟ ମାରିଛନ୍ତି । ତଥାପି, ବିରାଟ କୋହଲି ଗୋଟିଏ ଦଳ ପାଇଁ ଖେଳି ୩୦୦ଟି ଛକା ଛୁଇଁବାରେ ପ୍ରଥମ ବ୍ୟାଟର ହୋଇପାରିବେ । ପ୍ରଥମ ସଂସ୍କରଣରୁ କୋହଲି ଆରସିବି ପାଇଁ ଖେଳୁଛନ୍ତି । କୋହଲି ଏପର୍ଯ୍ୟନ୍ତ ୨୬୭ଟି ଆଇପିଏଲ ମ୍ୟାଚ୍ ଖେଳିଛନ୍ତି, ୨୫୯ ଇନିଂସରେ ୮୬୬୧ ରନ୍ କରିଛନ୍ତି । ଏଥିରେ ଆଠଟି ଶତକ ଅନ୍ତର୍ଭୁକ୍ତ, ତାଙ୍କର ସର୍ବୋତ୍ତମ ସ୍କୋର ୧୧୩ ରହିଛି । କୋହଲି ୨୯୧ଟି ଛକା ଏବଂ ୭୭୧ଟି ଚୌକା ମାରିଛନ୍ତି ।

ଆଇପିଏଲରେ ସର୍ବାଧିକ ଛକା ମାରିଥିବା ଶ୍ରେଷ୍ଠ ୫ ବ୍ୟାଟର : ୩୫୭-କ୍ରିସ୍ ଗେଲ୍, ୩୦୨-ରୋହିତ ଶର୍ମା, ୨୯୧-ବିରାଟ କୋହଲି, ୨୬୪-ଏମ୍ ଏସ୍ ଧୋନି, ୨୫୧-କ୍ରିସ୍ ଗେଲ୍ ।

ଆଇପିଏଲ ୨୦୨୬ର ପ୍ରଥମ ମ୍ୟାଚ୍ ବେଙ୍ଗାଲୁରୁରେ ଆରସିବି ଏବଂ ଏସଆରଏଚ୍ ମଧ୍ୟରେ ଖେଳାଯିବ, କିନ୍ତୁ ଏଥର ଲିଗ୍‌ରେ ଉଦ୍‌ଘାଟନୀ ଉତ୍ସବ ହେବ ନାହିଁ । ଗତବର୍ଷ ବିଜୟ ପରେଡ ସମୟରେ ହୋଇଥିବା ଦଳାଚକଟାକୁ ଦୃଷ୍ଟିରେ ରଖି ବିସିସିଆଇ ଏହି ନିଷ୍ପତ୍ତି ନେଇଛି । ଗତବର୍ଷ ଜୁନ୍ ୪ ତାରିଖରେ ଆରସିବି ଆଇପିଏଲ୍ ଇତିହାସରେ ଏହାର ପ୍ରଥମ ଟାଇଟଲ୍ ବିଜୟ ପାଳନ କରିଥିଲା । ଆୟୋଜକମାନେ ବହୁ ସଂଖ୍ୟକ ପ୍ରଶଂସକଙ୍କୁ ପରିଚାଳନା କରିପାରି ନଥିଲେ । ଷ୍ଟାଡିୟମ ବାହାରେ ଦଳାଚକଟା ଘଟି ୧୧ ଜଣଙ୍କର ମୃତ୍ୟୁ ହୋଇଥିଲା ।

# ଭାରୋତ୍ତଳନରେ ଦୀପାରାଣୀଙ୍କୁ ରୌପ୍ୟ

**ଚିକିଟି, ନ୍ୟୁଜ୍‌ବ୍ୟୁରୋ**

ଛତିଶଗଡ଼ ରାଇପୁର ସ୍ଥିତ ପଣ୍ଡିତ ରବି ଶଙ୍କର ବିଶ୍ୱ ବିଦ୍ୟାଳୟର ଖେଳ ପଡ଼ିଆ ପରିସରରେ ଜାତୀୟସ୍ତରୀୟ ଉଦ୍‌ଘାଟିତ ହୋଇଛି । ଏହି ପ୍ରତିଯୋଗିତା ଦୀର୍ଘ ୪ ଦିନ ଧରି ଚାଲିଯିବ । ପ୍ରଥମ ଦିନରେ ଭାରୋତ୍ତଳନ ପ୍ରତିଯୋଗିତାରେ ଓଡ଼ିଶାର ଦୀପା ରାଣୀ ମଲ୍ଲିକ ୪୮ କିଲୋ ଗ୍ରାମ ବର୍ଗରେ ରୌପ୍ୟ ପଦକ ଜିତି ରାଜ୍ୟ ପାଇଁ ସୁନାମ ଆଣିଛନ୍ତି । ସୂଚନାଯୋଗ୍ୟ, ଚିକିଟିଗଡ଼ ସ୍ଥିତ ରାଜଲକ୍ଷ୍ମୀ ବାଳିକା ବିଦ୍ୟାପୀଠର



ଦଶମ ଶ୍ରେଣୀ ଦୀପା ରାଣୀ ପାଠ ପଢ଼ନ୍ତି । ଚିକିଟି ପେଣ୍ଠ ସ୍ଥିତ ଇଣ୍ଡୋ ଷ୍ଟାଡ଼ିୟମରେ ଦାମିନୀ ସାହୁଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ ।

# ଆଇପିଏଲ ୨୦୨୬ ସହ ସରିବ କୋଲକାତାର ୩ ଷ୍ଟାର ଖେଳାଳିଙ୍କ କ୍ୟାରିଅର !

**ନୂଆଦିଲ୍ଲୀ**

ପ୍ରତି ଆଇପିଏଲ ସିଜିନ୍ ସହିତ ନୂତନ କ୍ୟାରିଅର୍ ଆରମ୍ଭ ହୁଏ, କିଛି ନୂତନ ଶିଖରରେ ପହଞ୍ଚିଥାଏ ଏବଂ କିଛି କ୍ୟାରିଅର୍ ଶେଷ ହୁଏ । ୨୦୨୬ ସିଜିନ୍ ମଧ୍ୟ ଭିନ୍ନ ହେବ ନାହିଁ, କାରଣ କିଛି ଜଣାଶୁଣା ଏବଂ ଦୀର୍ଘକାଳୀନ ତାରକାଙ୍କ କ୍ୟାରିଅର୍ ଶେଷ ହୋଇପାରେ । ସମସ୍ତ ଆଲୋଚନା ଏବଂ ଧ୍ୟାନ ଚେନ୍ନାଇ ସୁପର କିଙ୍ଗସର କିମ୍ବଦନ୍ତୀ ଏମଏସ ଧୋନୀଙ୍କ ଉପରେ ଥିବା ବେଳେ କୋଲକାତା ନାଇଟ୍ ରାଇଡର୍ସ ଏପରି ଏକ ଦଳ, ଯାହା ପାଇଁ ଏହାର ୩ ଜଣ ଷ୍ଟାର ଖେଳାଳିଙ୍କ ଆଇପିଏଲ ସିଜିନ ଶେଷ ହୋଇପାରେ ।

ସୁନୀଲ ନାରିନ : କୋଲକାତା ନାଇଟ୍ ରାଇଡର୍ସର ସଫଳତାରେ ଯଦି କୌଣସି ଖେଳାଳି ସବୁଠାରୁ ବଡ଼ ଭୂମିକା ଗ୍ରହଣ କରିଛନ୍ତି, ତେବେ ସେ ହେଉଛନ୍ତି ସୁନୀଲ ନାରିନ । ଆଇପିଏଲ ଇତିହାସର ସବୁଠାରୁ ସଫଳ ବିଦେଶୀ ଖେଳାଳିଙ୍କ ମଧ୍ୟରୁ ଜଣେ, ସୁନୀଲ ନାରିନ ୨୦୧୨ରେ ଆଇପିଏଲ ଡେବ୍ୟୁ କରିଥିଲେ ଏବଂ ଏହାର ପ୍ରଥମ ସିଜିନରୁ କେକେଆରର ଅଂଶ ଅଛନ୍ତି । ତାଙ୍କ ନେତୃତ୍ୱରେ କେକେଆର ୨୦୨୨, ୨୦୧୪ ଏବଂ ୨୦୨୪ରେ ୩ଟି ଟାଇଟଲ ଜିତିଛି । ନାରିନ ତିନୋଟିରେ ମୋଟ ୬୨ ୱିକେଟ୍ ନେଇଥିଲେ । ବର୍ତ୍ତମାନ ତାଙ୍କୁ ୩୭ ବର୍ଷ ବୟସ । ୧୮୯ ମ୍ୟାଚ୍ ଖେଳିଥିବା ନାରିନଙ୍କୁ ଗତ ସିଜିନରେ ମଧ୍ୟ ମୁକ୍ତି ପାଇଁ ବିଚାର କରାଯାଇଥିଲା, କିନ୍ତୁ ସେ ସେତେବେଳେ ମଧ୍ୟ ଦଳ ସହିତ ଥିଲେ । କିନ୍ତୁ ଏହି ସିଜିନ ତାଙ୍କର ଶେଷ ହୋଇପାରେ ।

ଅଜିଙ୍କ୍ୟ ରାହାଣେ : କୋଲକାତା ନାଇଟ୍ ରାଇଡର୍ସର ବର୍ତ୍ତମାନର ଅଧିନାୟକ ରାହାଣେ ଶେଷ ମୁହୂର୍ତ୍ତରେ ଦଳରେ ଯୋଗ ଦେଇଥିଲେ । ସେ ମେଗା ନିଲାମରେ ବିକ୍ରୟ ହୋଇନଥିଲେ, କିନ୍ତୁ ଦ୍ୱିତୀୟ ରାଉଣ୍ଡରେ, କେକେଆର ଶେଷରେ




ତାଙ୍କୁ ତାଙ୍କ ମୂଳ ମୂଲ୍ୟରେ ଅଧିଗ୍ରହଣ କରି ଅଧିନାୟକ ନିଯୁକ୍ତ କରିଥିଲା । ତଥାପି ଦଳର ପ୍ରଦର୍ଶନ ଖରାପ ଥିଲା, ସପ୍ତମ ସ୍ଥାନରେ ରହିଲା । ରାହାଣେ ଭଲ ପ୍ରଦର୍ଶନ କରି ୩୯୦ ରନ କରିଥିଲେ । ତଥାପି ତାଙ୍କ ବୟସ, ନୂଆ ଖେଳାଳିଙ୍କ ଆଗମନକୁ ନେଇ ଏହି ସିଜନରୁ ଆଗକୁ ଖେଳିବା ତାଙ୍କ ପାଇଁ କଷ୍ଟକର ହୋଇପଡୁଛି ।

ମନୀଷ ପାଣ୍ଡେ : ଏମଏସ ଧୋନୀ, ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କ ସହିତ ପ୍ରତ୍ୟେକ ଆଇପିଏଲ ସିଜିନରେ ଖେଳିଥିବା ମନୀଷ ପାଣ୍ଡେ ଲଗାତାର ୧୯ତମ ସିଜିନରେ ପ୍ରବେଶ କରୁଛନ୍ତି । ଏହା ପାଣ୍ଡେଙ୍କ ଶେଷ ସିଜିନ ହେବା ନିଶ୍ଚିତ, କାରଣ ସେ ୨୦୧୪ ଏବଂ ୨୦୨୪ରେ ଟାଇଟଲ ଜିତିଥିବା କୋଲକାତା ନାଇଟ୍ ରାଇଡର୍ସର ଅଂଶ ଥିଲେ । ସେ ଗତ ଦୁଇଟି ସିଜିନରେ କୋଲକାତା ନାଇଟ୍ ରାଇଡର୍ସର ଅଂଶ ଥିଲେ, କିନ୍ତୁ ତାଙ୍କର ଅଧିକାଂଶ ସମୟ ଡଗ୍ ଆଉଟରେ ବିତାଇଛନ୍ତି । ୩୬ ବର୍ଷୀୟ ଅଭିଜ୍ଞ ଖେଳାଳି ସେହି ଦୁଇଟି ସିଜିନରେ କେବଳ ୪ଟି ମ୍ୟାଚ୍ ଖେଳିଥିଲେ ଏବଂ ଏହା ଜାରି ରହିବାର ସମ୍ଭାବନା ଅଛି । ନୂଆ ଖେଳାଳିଙ୍କ ଆଗମନ ସହିତ, ଏହା ତାଙ୍କର ଶେଷ ସିଜିନ ମଧ୍ୟ ହେବାର ସମ୍ଭାବନା ରହିଛି ।

# କୋଚିରେ ଟିମ୍ ଇଣ୍ଡିଆକୁ ଅପମାନ : ବିବାଦକୁ ନେଇ ଷ୍ଟାଡିୟମରେ ପ୍ରବେଶ କରିପାରିଲେନି କୋଚ୍ ଓ ଖେଳାଳି

**ନୂଆଦିଲ୍ଲୀ**

ଭାରତୀୟ ଫୁଟବଲ୍ ଖେଳାଳିଙ୍କୁ ପୁଣି ଥରେ ଲଜ୍ଜିତ ହେବାକୁ ପଡ଼ିଛି । ୨୬ ମାର୍ଚ୍ଚ ୨୦୨୬ରେ କୋଚିର ଜବାହାରଲାଲ ନେହେରୁ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଏଭଳି ଏକ ଘଟଣା ସମ୍ନାକୁ ଆସିଥିବା ଦେଖାଯାଇଛି । ଯାହା ଏବେ ଦେଶର ଖେଳ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଟିମ୍ ଇଣ୍ଡିଆର ମୁଖ୍ୟ କୋଚ୍ ଖାଲିଦ ଜମିଲ ଏବଂ କେତେକ ଖେଳାଳିଙ୍କୁ ଷ୍ଟାଡିମୟରେ ପଶିବାକୁ ଅଟକା ଯାଇଥିଲା । ଏହି ଘଟଣା ଏହି ସମୟରେ ହୋଇଛି ଯେତବେଳେ ଟିମ୍‌କୁ ଏଏଫସି ଏସିୟନ କପ୍ କ୍ୱାଲିଫାୟର ମ୍ୟାଚ୍ ପୂର୍ବରୁ ପ୍ରେସ୍ କନଫରେନ୍ସ କରିବାରେ ଥିଲା । ଭାରତକୁ ୩୧ ମାର୍ଚ୍ଚରେ ହଂକଂ ବିପକ୍ଷରେ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବାରେ ଅଛି, କିନ୍ତୁ ଏହା ପୂର୍ବରୁ ହିଁ ଏହି ବିବାଦ ପୂରା ମାହୋଲକୁ ବିଗାଡ଼ି ଦେଇଛି । ମୁଖ୍ୟ କୋଚଙ୍କ ସହ ଖେଳାଳି ଆଶିକ କୁରୁନିୟାନ, ସହଲ ଅବ୍ଦୁଲ ସମଦ ଏବଂ ବିଜୟ ବର୍ଗିସ ବି ଉପସ୍ଥିତ ଥିଲେ । ସମସ୍ତଙ୍କୁ ଷ୍ଟାଡିୟମର ଗେଟରେ ହିଁ ଅଟକାଇ ଦେଇଥିଲେ । ସୁରକ୍ଷା କର୍ମୀ ସ୍ପଷ୍ଟ କହିଥିଲେ କି ଯେତେ ପର୍ଯ୍ୟନ୍ତ ଜରୁରୀ ଦେୟ ହୋଇନାହିଁ ସେତବେଳ ପର୍ଯ୍ୟନ୍ତ ଏଣ୍ଟ୍ରି ମିଳିବ ନାହିଁ । କୁହାଯାଉଛି କି କେରଳ ଫୁଟବଲ୍ ଆସୋସିଏସନ ଦ୍ୱାରା ଷ୍ଟାଡିୟମ ଭଡ଼ା ଲାଗି ୨୦ରୁ ୨୫ଲକ୍ଷ ଟଙ୍କା ସିକ୍ୟୁରିଟି ଜମା କରାଯାଇ ନ ଥିଲା । ଏହି କାରଣରୁ ଏହି ସ୍ଥିତି ଉପୁଜିଛି । ଫଳରେ ପୂରା ଟିମ୍‌କୁ ବିନା କୌଣସି ପ୍ରେସ କନଫରେନ୍ସ ନ କରି ଫେରିବାକୁ ପଡ଼ିଲା ।

# ‘୬ ମାସରେ ଅର୍ଜୁନ ତେନ୍ଦୁଲକରଙ୍କୁ ମହାନ ବ୍ୟାଟର କରିପାରିବି’ : ଯୋଗରାଜ

**ନୂଆଦିଲ୍ଲୀ**

କ୍ରିକେଟର ଭଗବାନ ଭାବରେ ଜଣାଶୁଣା ପୂର୍ବତନ ଭାରତୀୟ କ୍ରିକେଟ ଲିଜେଣ୍ଡ ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନ ତେନ୍ଦୁଲକର, ଆଇପିଏଲ ୨୦୨୬ରେ ଲକ୍ଷ୍ନୌ ସୁପର ଜାଏଣ୍ଟସ (ଏଲଏସଜି) ସହିତ ନଜର ଆସିବେ । ଆଗାମୀ ସିଜିନରେ ଅର୍ଜୁନଙ୍କୁ ପ୍ଲେଇଂ ଇଲେଭେନରେ ସାମିଲ କରାଯିବ କି ନାହିଁ ତାହା ଏକ ବଡ଼ ପ୍ରଶ୍ନ ହୋଇ ରହିଛି । ଏହି ସମୟରେ, ପୂର୍ବତନ ଭାରତୀୟ ଖେଳାଳି ଏବଂ ଯୁବରାଜ ସିଂହଙ୍କ ବାପା ଯୋଗରାଜ ସିଂହ କରିଛନ୍ତି ବଡ଼ ଦାବି । ସେ କହିଛନ୍ତି, ମାତ୍ର ଛଅ ମାସ ମଧ୍ୟରେ ଅର୍ଜୁନଙ୍କୁ ବିଶ୍ୱର ସର୍ବଶ୍ରେଷ୍ଠ ବ୍ୟାଟସମ୍ୟାନ କରିପାରିବେ ।

ଯୋଗରାଜ କହିଛନ୍ତି, ‘ମୁଁ ସାରା ବିଶ୍ୱକୁ ଚ୍ୟାଲେଞ୍ଜ କରୁଛି ଯେ ଅର୍ଜୁନ



ତେନ୍ଦୁଲକର ମୋ ସହିତ ଛଅ ମାସ ବିତାଇଲେ ବିଶ୍ୱର ସମସ୍ତ ବ୍ୟାଟସମ୍ୟାନଙ୍କୁ ପଛରେ ପକାଇଦେବେ ।’ ଟିଭି ସାମ୍ନାରେ ବସି କେହି କହି କଥା ହେଉଛନ୍ତି ଯେ ସେ ଏହା କିମ୍ବା ତାହା କରିପାରିବେ ନାହିଁ । ଏହାର ଉତ୍ତରରେ, ମୁଁ କହୁଛି, ‘ତୁମେ କିଏ ? ଯେତେବେଳେ କ୍ରିକେଟରମାନେ ଏପରି କଥା କୁହନ୍ତି, ତାହା ଖୁବ୍ ଆଶ୍ଚର୍ଯ୍ୟଜନକ ।’

ଯୋଗରାଜ ସିଂହ ଆହୁରି କହିଛନ୍ତି, ‘ଅର୍ଜୁନ ତେନ୍ଦୁଲକର ବିଶ୍ୱର ସବୁଠାରୁ ବିପଦଜନକ ବ୍ୟାଟସମ୍ୟାନ୍ ହୋଇପାରିବେ । ଯଦି କେହି ଏହା କରିପାରିବେ ନାହିଁ, ତେବେ ତାଙ୍କୁ ମୋ ପାଖକୁ ପଠାନ୍ତୁ । ଯଦି ମୁଁ ଏହା କରିପାରିବି ନାହିଁ, ତେବେ ମୁଁ ମୋର ଦାଢ଼ି କାଟିଦେବି ।’

ଅର୍ଜୁନଙ୍କୁ ମହାନ କ୍ରିକେଟର ହୋଇପାରିବେ ସେ ନେଇ ଯୋଗରାଜ ସିଂହ କହିଛନ୍ତି, ‘ତାଙ୍କୁ ପ୍ରତିଦିନ ୧୫,୦୦୦ ବଲ୍ ଅଭ୍ୟାସ କରିବାକୁ ପଡ଼ିବ । ମୁଁ ତାଙ୍କୁ ସାର୍ ଗାରଫିଲ୍ଡ ସୋବର୍ସଙ୍କ ବର୍ଗରେ ଦେଖେ । ସେ ପ୍ରଥମ ରଣଜୀ ଟ୍ରଫିରେ ନିଜର ପ୍ରଥମ ମ୍ୟାଚ୍‌ରେ ୭ ନମ୍ବରରେ ଆସି ମଧ୍ୟ ଶତକ କରିଥିଲେ । ସେ ତାଙ୍କ କୋଚ୍‌ଙ୍କୁ କହିଥିଲେ ତାଙ୍କୁ ନମ୍ବର ୩ରେ ଖେଳାଇବାକୁ ଏବଂ ଲିଷ୍ଟ ଏ’ ଏବଂ ଟି-୨୦ରେ ଓପନିଂ କରିବାକୁ ଦିଆଯାଉ । କିନ୍ତୁ ସେ ତାଙ୍କ କଥା ଶୁଣି ନଥିଲେ । ମୁଁ ଅର୍ଜୁନ ତେନ୍ଦୁଲକରଙ୍କୁ ସର୍ବଶ୍ରେଷ୍ଠ ଖେଳାଳି କରିବାକୁ ଚାହୁଁଛି ।’

ଅର୍ଜୁନ ତେନ୍ଦୁଲକରଙ୍କ ଆଇପିଏଲ କ୍ୟାରିୟର ବିଷୟରେ ଯଦି କଥା ହେବା ତେବେ ସେ ଏପର୍ଯ୍ୟନ୍ତ କେବଳ ପାଞ୍ଚଟି ମ୍ୟାଚ୍ ଖେଳିଛନ୍ତି, ସମସ୍ତ ମ୍ୟାଚ୍ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ । ସେହି ପାଞ୍ଚଟି ଇନିଂସରେ ଅର୍ଜୁନ ବୋଲିଂ କରିବା ସମୟରେ ତିନୋଟି ୱିକେଟ ନେଇଥିଲେ । ବ୍ୟାଟିଂ କରିବା ସମୟରେ ସେ ଗୋଟିଏ ଇନିଂସରେ ୧୩ ରନ ମଧ୍ୟ କରିଥିଲେ ।

# ୧୦ ଲକ୍ଷ ଟଙ୍କିଆ ଚେକ୍ ବାଣ୍ଟିଲେ ହାର୍ଦ୍ଦିକ ପାଣ୍ଡ୍ୟା

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଦଳର ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା କେବଳ ତାଙ୍କ ଖେଳ ପାଇଁ ନୁହେଁ ବରଂ ତାଙ୍କ ବିଳାସପୂର୍ଣ୍ଣ ଜୀବନଶୈଳୀ ପାଇଁ ମଧ୍ୟ ଜଣାଶୁଣା । ମହଙ୍ଗା ଘଣ୍ଟା ଠାରୁ ମହଙ୍ଗା ସ୍ପୋର୍ଟସ କାର୍ ପର୍ଯ୍ୟନ୍ତ, ହାର୍ଦ୍ଦିକ ପାଣ୍ଡ୍ୟା ପ୍ରାୟତଃ ଚର୍ଚ୍ଚାରେ ଥାନ୍ତି । କେତେବେଳେ ପଡ଼ିଆ ଭିତରେ ଏବଂ ବାହାରେ ତାଙ୍କର ଆଚରଣ ମଧ୍ୟ ସମାଲୋଚନାର ଶିକାର ହୋଇଛନ୍ତି । ତଥାପି ହାର୍ଦ୍ଦିକ ଜଣେ ଉଦାର ବ୍ୟକ୍ତି ମଧ୍ୟ ଏବଂ ଏହା ଅନେକ ଥର ଦେଖାଯାଇଛି । ହାର୍ଦ୍ଦିକ ଏକ ନିର୍ଦ୍ଦିଷ୍ଟ କାରଣ ପାଇଁ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମର ଗ୍ରାଉଣ୍ଡଷ୍ଟାଫଙ୍କୁ ୧୦ ଲକ୍ଷ ଟଙ୍କାର ଚେକ୍ ବଣ୍ଟନ କରିଥିଲେ ।


ରିପୋର୍ଟ ଅନୁସାରେ, ଆଇପିଏଲ ୨୦୨୬ ସିଜିନ ଆରମ୍ଭ ହେବା ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୱାଙ୍ଖେଡେ ଷ୍ଟାଡିୟମରେ କାର୍ଯ୍ୟରତ ପ୍ରାୟ ୧୦-୧୧ ଜଣ ମୁମ୍ବାଇ କ୍ରିକେଟ ଆସୋସିଏସନ ଗ୍ରାଉଣ୍ଡଷ୍ଟାଫ୍‌ଙ୍କୁ ଏହି ଚେକ୍ ବଣ୍ଟନ କରିଥିଲେ । ହାର୍ଦ୍ଦିକଙ୍କୁ ସହାୟତା ପାଇଁ ପ୍ରତ୍ୟେକ



ଗ୍ରାଉଣ୍ଡ ଷ୍ଟାଫ ସଦସ୍ୟଙ୍କୁ ୧୦ ଲକ୍ଷ ପ୍ରଦାନ କରିଥିଲେ । ସେ ୨୦୨୬ ଟି୨୦ ବିଶ୍ୱକପ ପୂର୍ବରୁ ୱାଙ୍ଖେଡେ ଷ୍ଟାଡିୟମରେ ପ୍ରସ୍ତୁତିରେ ବ୍ୟସ୍ତ ଥିଲେ, ପ୍ରାୟତଃ ରାତି ପର୍ଯ୍ୟନ୍ତ ଅଭ୍ୟାସ କରୁଥିଲେ, ଯାହା ଫଳରେ ଗ୍ରାଉଣ୍ଡଷ୍ଟାଫ ଅଧିକ ସମୟ ରହିବାକୁ ବାଧ୍ୟ କରୁଥିଲେ । ତଥାପି ସେମାନେ ହାର୍ଦ୍ଦିକଙ୍କ ପ୍ରସ୍ତୁତିରେ କୌଣସି କସରତ ଛାଡ଼ି ନଥିଲେ ।

ପାଣ୍ଡ୍ୟା ଫେରିବା ପରେ ତାଙ୍କୁ ପୁରସ୍କୃତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ତାଙ୍କ ପ୍ରତିଶ୍ରୁତି ରକ୍ଷା କରିଥିଲେ ଏବଂ ତାଙ୍କ ପ୍ରତିଶ୍ରୁତି ପାଳନ କରିଥିଲେ । ମୁମ୍ବାଇ ଇଣ୍ଡିଆନ୍ସ ଅଭ୍ୟାସ ସେସନ ପରେ, ହାର୍ଦ୍ଦିକ ଅଭ୍ୟାସ ସମୟରେ ତାଙ୍କୁ ସାହାଯ୍ୟ କରିଥିବା ସମସ୍ତ ସଦସ୍ୟଙ୍କୁ ୧୦ ଲକ୍ଷ ଟଙ୍କାର ଚେକ ପ୍ରଦାନ କରିଥିଲେ । ସେମାନେ ହାର୍ଦ୍ଦିକଙ୍କ ସହିତ ଫଟୋ ମଧ୍ୟ ଉଠାଇଥିଲେ, ଯାହା ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି ଏବଂ ସମସ୍ତେ ମୁମ୍ବାଇ ଅଧିନାୟକଙ୍କୁ ପ୍ରଶଂସା କରୁଛନ୍ତି ।

# ଅବସର ଘୋଷଣା କଲେ ଚାମ୍ପିଅନ ଖେଳାଳି କାରୋଲିନା ମାରିନ



**ନୂଆଦିଲ୍ଲୀ**

ସ୍ପେନର ପ୍ରସିଦ୍ଧ ବ୍ୟାଡ୍‌ମିଣ୍ଟନ ଖେଳାଳି କାରୋଲିନା ମାରିନ ଅବସର ଘୋଷଣା କରିଛନ୍ତି । ବିଶ୍ୱର ସବୁଠୁ ସଫଳ ମହିଳା ବ୍ୟାଡମିଣ୍ଟନ ଖେଳାଳି ଭାବେ ପରିଚିତ ମାରିନ ଗତ ପ୍ୟାରିସ୍ ଅଲିମ୍ପିକ୍ସ ପରଠୁ ଅର୍ନ୍ତଜାତୀୟ ପ୍ରତିଯୋଗିତାରେ ଭାଗ ନେଇ ନାହାନ୍ତି । ଆଣ୍ଠୁରେ ଆଘାତ ଓ ଅସ୍ତ୍ରୋପଚାର ପରଠୁ ସେ ଗତ ୨ବର୍ଷ ହେଲା କୋର୍ଟକୁ ଓହ୍ଲାଇ ନପାରି ଶେଷରେ ଅବସର ନେଇଛନ୍ତି । ସେ କହିଛନ୍ତି ଯେ, ସେ ତାଙ୍କ କ୍ୟାରିୟରକୁ ଭିନ୍ନ ଭାବରେ ଶେଷ କରିବାକୁ ଚାହୁଁଥିଲେ, କିନ୍ତୁ ପରିସ୍ଥିତି ତାଙ୍କୁ ଏପରି କରିବାକୁ ବାଧା ଦେଇଥିଲା । ଭାରତୀୟ ତାରକା ପିଭି ସିନ୍ଧୁଙ୍କ ସହ ତାଙ୍କର ପ୍ରତିଦ୍ୱନ୍ଦ୍ୱିତା ବ୍ୟାଡମିଣ୍ଟନ ଇତିହାସରେ ସବୁଠାରୁ ବଡ଼ ମ୍ୟାଚ ମଧ୍ୟରୁ ଗୋଟିଏ । ୨୦୧୬ ରିଓ ଅଲିମ୍ପିକ୍ସ ବ୍ୟାଡମିଣ୍ଟନ ସିଙ୍ଗଲ୍ସ ଫାଇନାଲରେ ସିନ୍ଧୁଙ୍କ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଥିଲା ମାରିନ । ସେ ପ୍ରଥମ ଏସିଆ ବାହାର ମହିଳା ଖେଳାଳି ଭାବେ ୨୦୧୬ ରିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ । ପ୍ରଥମ ମହିଳା ଖେଳାଳି ଭାବେ ୩ଥର ବିଶ୍ୱ ଚାମ୍ପିଅନ୍ସିପ ଟାଇଟଲ (୨୦୧୪, ୨୦୧୫ ଓ ୨୦୧୮) ହାସଲ କରିଥିଲେ । ଖାଲି ସେତିକି ନୁହେଁ ସେ ୭ଥର ୟୁରୋପୀୟ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛନ୍ତି । ୧୫ ବର୍ଷର କ୍ୟାରିୟର ମଧ୍ୟରେ ସେ ୬୬ ସପ୍ତାହ ଧରି ମାନ୍ୟତା ତାଲିକାର ଶୀର୍ଷ ସ୍ଥାନ ହାସଲ କରିଥିଲେ । ମାରିନ ଆଜି ସୋସିଆଲ ମିଡ଼ିଆ ଜରିଆରେ ଅବସର ଘୋଷଣା କରିଥିଲେ । ସେ ଲେଖିଥିଲେ, ‘ଭାଗ୍ୟ ସବୁବେଳେ ସାଥ୍ ଦିଏନି । ଯେଉଁଭଳି ଭାବେ ଅବସର ନେବାକୁ ଚାହୁଁଥିଲି, ତାହା ହୁଏତ ମୋ ଭାଗ୍ୟରେ ନଥିଲା । ଏହା ମୋତେ ଗ୍ରହଣ କରିବାକୁ ହେବ ।’

ସୂଚନାଯୋଗ୍ୟ, ମାରିନ ଆଗାମୀ ୟୁରୋପୀୟ ଚାମ୍ପିଅନସିପ ଖେଳି ଅବସର ନେବାକୁ ଯୋଜନା କରିଥିଲେ । ହେଲେ ସଠିକ ସମୟରେ ସେ ଫିଟ୍ ହୋଇ ପାରି ନଥିବାରୁ ଅବସର ନେଇଛନ୍ତି । କାରୋଲିନା ମାରିନଙ୍କ ଅବସରରେ ବ୍ୟାଡ୍‌ମିଣ୍ଟନର ଏକ ସ୍ୱର୍ଣ୍ଣିମ ଯୁଗର ଅନ୍ତ ହୋଇଛି । ସେ କେବଳ ଟ୍ରଫି ନୁହେଁ ତାଙ୍କ ଖେଳ ଏବଂ ଆଗ୍ରହ ସହ ବିଶ୍ୱର ଖେଳାଳିମାନଙ୍କୁ ପ୍ରେରଣା ଦେଇଛନ୍ତି ।

# ହରିଶଙ୍କର ଶକ୍ତିପୀଠରେ ମା’ ବିନ୍ଧ୍ୟବାସିନୀଙ୍କ ବାସନ୍ତିକ ପୂଜା

**ପାଟଣାଗଡ଼, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ବିନ୍ଧ୍ୟବାସିନୀ ଦେବୀ ଶକ୍ତିପୀଠ, ହରିଶଙ୍କର (ନାନ୍ଦୁପଲା) ଠାରେ ଆସନ୍ତା ମାର୍ଚ୍ଚ ୩୦ ଓ ୩୧ ତାରିଖରେ ବାସନ୍ତିକ ପୂଜନୋତ୍ସବ-୨୦୨୬ ଅନୁଷ୍ଠିତ ହେବାକୁ ଯାଉଛି । ଏହି ପବିତ୍ର ଅବସରରେ ବିନ୍ଧ୍ୟଗିରି ବାସୀ ବିଂଝାଲ ସମାଜର ଏକ ସାଧାରଣ ସଭା ସହ ଖପ୍ରାଖୋଲ ବ୍ଲକ ପାଇଁ ଏକ ନୂତନ କର୍ମକର୍ତ୍ତା କମିଟି ଗଠନ କରାଯିବା ନେଇ ସ୍ଥିର ହୋଇଛି । କାର୍ଯ୍ୟସୂଚୀ ଅନୁଯାୟୀ, ଆସନ୍ତା ସୋମବାର ସକାଳ ୮ଟାରେ ଶୁଭ କଳସ ଯାତ୍ରା ଅନୁଷ୍ଠିତ ହେବ । ଏହା ପରେ ପୂର୍ବାହ୍ନ ୧୦ଟାରେ ସମାଜର ବରିଷ୍ଠ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ନୂତନ କମିଟି ଗଠନ ପ୍ରକ୍ରିୟା ଆରମ୍ଭ ହେବ । ଦ୍ୱିତୀୟ ଦିନ ଅର୍ଥାତ୍ ମଙ୍ଗଳବାର ସକାଳୁ ମା’ ବିନ୍ଧ୍ୟଗିରିବାସୀଙ୍କ ପୂଜାର୍ଚ୍ଚନା କରାଯିବ । ପୂର୍ବାହ୍ନ ୧୧ଟାରେ ପୂର୍ଣ୍ଣାହୁତି ଏବଂ ମଧ୍ୟାହ୍ନ ୧୨ଟାରୁ ସାମୂହିକ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି ।

ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜିଲ୍ଲା କୋଷାଧ୍ୟକ୍ଷ ମହିନ୍ଦ୍ର ବରିହା, ସହ-ସମ୍ପାଦକ ଭୋଜରାଜ ସିଂ ମାଝୀ ଏବଂ ଉପଦେଷ୍ଟା ଅଷ୍ଟରନ୍ ବରିହା, ରଘୁନାଥ ସିଂ ବରିହା ଓ ଲୁଚନ ସିଂ ବରିହା ପ୍ରମୁଖ ବିଶେଷ ଦାୟିତ୍ୱ ତୁଲାଉଛନ୍ତି ।

## ସର୍ବଭାରତୀୟ ଆନ୍ତଃ-ବିଶ୍ୱବିଦ୍ୟାଳୟ ଜିମ୍ନାଷ୍ଟିକ୍ସ ଚାମ୍ପିୟନସିପ୍

# ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫରମାନ୍ସ ସେଣ୍ଟର ଆଥ୍‌ଲେଟ୍‌ମାନଙ୍କ ୭ ପଦକ ହାସଲ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

୨୬ ମାର୍ଚ୍ଚ ୨୦୨୬: ମାର୍ଚ୍ଚ ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ଚଣ୍ଡିଗଡ଼ର ପଞ୍ଜାବ ବିଶ୍ୱବିଦ୍ୟାଳୟ ଠାରେ ଅନୁଷ୍ଠିତ ସର୍ବଭାରତୀୟ ଆନ୍ତଃ-ବିଶ୍ୱବିଦ୍ୟାଳୟ ଜିମ୍ନାଷ୍ଟିକ୍ସ (ପୁରୁଷ ଓ ମହିଳା) ଚାମ୍ପିୟନସିପ୍ ୨୦୨୫-୨୬ରେ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫରମାନ୍ସ ସେଣ୍ଟର (ଏଚପିସି) ଆଥଲେଟମାନେ ଚମତ୍କାର ପ୍ରଦର୍ଶନ କରି ୭ଟି ପଦକ ହାସଲ କରିଛନ୍ତି । ଏହି ପ୍ରତିଯୋଗିତାରେ ଏଚ୍‌ପିସିରୁ ମୋଟ ୫ ଜଣ ଆଥଲେଟ ଅଂଶଗ୍ରହଣ କରିଥିଲେ ।




ଏହି ପ୍ରତିଯୋଗିତାରେ ଏଚ୍‌ପିସିର ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ (ଡବ୍ଲୁଏଜି) ର ସହକାରୀ କୋଚ୍ ଅଙ୍କିତା ବୈଦ୍ୟ ଏବଂ ପୁରୁଷ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ (ଏମଏଜି)ର ବିଦେଶୀ ବିଶେଷଜ୍ଞ ସାଇମନ୍ ପିଟର ମୁର୍ମୁଙ୍କ ତତ୍ତ୍ୱାବଧାନରେସିନିୟର ଡବ୍ଲୁଏଜି ଆଥ୍‌ଲେଟ୍ ଅଦିତା ମଣ୍ଡଳ ଓ ଜେଏମ୍ ରୀତିକା ଦାସ ଏବଂ ସିନିୟର ଏମଏଜି କ୍ରୀଡ଼ାବିତ୍ ଅର୍ପଣ ଲସ୍କର ଓ ଆଜାଦ୍ ଲସ୍କର ଚଣ୍ଡିଗଡ଼ର ପଞ୍ଜାବ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ । ସେହିପରି ସିନିୟର ଏମଏଜି କ୍ରୀଡ଼ାବିତ୍ ଜଗଦୀଶ ବାରିକ୍ ଅମୃତସରର ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ଚାମ୍ପିୟନସିପ୍‌ରେ ଅଂଶଗ୍ରହଣ କରିଥିଲେ ।

ସିନିୟର ପୁରୁଷ ବର୍ଗରେ ଆଜାଦ୍ ଲସ୍କର ଅତି ଚମତ୍କାର ପ୍ରଦର୍ଶନ କରି ‘ଅଲ୍-ରାଉଣ୍ଡ’ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଆଜାଦ୍ ଏବଂ ଅର୍ପଣଙ୍କ ମିଳିତ ସହଯୋଗରେ ପଞ୍ଜାବ ବିଶ୍ୱବିଦ୍ୟାଳୟ ‘ଟିମ୍ ଚାମ୍ପିୟନସିପ୍’ରେ ସ୍ୱର୍ଣ୍ଣ ପଦକ ଜିତିବାରେ ସଫଳ ହୋଇଛି । ଅନ୍ୟପଟେ ଜଗଦୀଶ ବାରିକ୍ ନିଜର ଚମତ୍କାର ପ୍ରଦର୍ଶନ ଜରିଆରେ ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ ଦଳକୁ ‘ଟିମ୍ ଇଭେଣ୍ଟ’ରେ ରୌପ୍ୟ ପଦକ ଜିତାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି ।

ସିନିୟର ମହିଳା ବର୍ଗରେ ଅଦିତା ପ୍ରଭାବୀ ପ୍ରଦର୍ଶନ କରି ‘ଅଲ୍-ରାଉଣ୍ଡ’ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଏବଂ ‘ବିମ୍’ରେ କାଂସ୍ୟ ପଦକ ହାସଲ କରିଛନ୍ତି । ଅନ୍ୟପଟେ ରୀତିକା ‘ବିମ୍’ ଇଭେଣ୍ଟରେ ରୌପ୍ୟ ପଦକ ଜିତିବାରେ ସଫଳ ହୋଇଛନ୍ତି । ଉଭୟ ଅଦିତା ଏବଂ ରୀତିକାଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ଯୋଗୁଁ ପଞ୍ଜାବ ବିଶ୍ୱବିଦ୍ୟାଳୟ ‘ଟିମ୍ ଚାମ୍ପିୟନସିପ୍’ରେ ସ୍ୱର୍ଣ୍ଣ ପଦକ ଜିତିବାର ସୌଭାଗ୍ୟ ଅର୍ଜନ କରିଛି ।

ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫରମାନ୍ସ ସେଣ୍ଟରର ଆଥଲେଟମାନଙ୍କର ଏହି ସଫଳତା, ନିଷ୍ଠା, କଠିନ ପରିଶ୍ରମ ଏବଂ ଜାତୀୟ ଜିମ୍ନାଷ୍ଟିକ୍ସ କ୍ଷେତ୍ରରେ ସେମାନଙ୍କର ବଢୁଥିବା ପ୍ରଭୁତ୍ୱକୁ ପ୍ରମାଣିତ କରୁଛି । ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ପ୍ରାୟ ୭୦୦ରୁ ଅଧିକ ପ୍ରତିଭାବାନ ଆଥଲେଟମାନେ ଏହି ସମ୍ମାନଜନକ ଚାମ୍ପିୟନସିପ୍‌ରେ ଅଂଶଗ୍ରହଣ କରିଥିଲେ ଯାହା, ଏଚ୍‌ପିସି କ୍ରୀଡ଼ାବିତ୍‌ମାନଙ୍କର ଏହି ସଫଳତାକୁ ଅଧିକ ଉଲ୍ଲେଖନୀୟ କରିଛି ।





# ସାହିଯାତରେ ଦୁଲୁକିଲା ଶ୍ରୀକ୍ଷେତ୍ର : କାଳିକାଦେବୀ ସାହିରୁ ରାମଜନ୍ମ ଲୀଳା

**ପୁରୀ, ନ୍ୟୁଜ୍‌ବ୍ୟୁରୋ**

ମାସ ମାସ କାଳ ପ୍ରତୀକ୍ଷାର ଅନ୍ତ ଘଟିଲା। ଆୟୋଜକ ଓ କଳାକାରଙ୍କ ପ୍ରସ୍ତୁତି ସରିଲା। କେବଳ ରେଖାସୁନ୍ଦରୀ(ଠାକୁରଙ୍କ ପାଟ କନା)ଙ୍କୁ ଅପେକ୍ଷା। ରେଖାସୁନ୍ଦରୀ ପ୍ରାପ୍ତି ପରେ ବାହାରିବ ଯାତ। ଶ୍ରୀରାମ ଲୀଳା ନୀତି ପାଇଁ ଶ୍ରୀଜଗନ୍ନାଥ ଆଜ୍ଞାପତ୍ର ହେଉଛି ରେଖାସୁନ୍ଦରୀ। କାଳିକାଦେବୀ ସାହି ଆଖଡ଼ା କର୍ମକର୍ତ୍ତାଙ୍କୁ ଠାକୁରଙ୍କ ଆଜ୍ଞା ମିଳିବ। ମହାପ୍ରଭୁଙ୍କ ଶ୍ରୀରାମ ଲୀଳା ସାଙ୍ଗକୁ ପାରମ୍ପରିକ କଳା ପ୍ରଦର୍ଶନରେ ଦୁଲୁକିବ ପୁରୀ ଦାଣ୍ଡ। ବୀରବାଦ୍ୟ ସାଙ୍ଗକୁ ହରିବୋଲ ଧ୍ୱନିରେ କମ୍ପିବ ଆଠ ସାହି। ମଲ୍ଲୀ ଓ ଅତର ବାସ୍ନାରେ ମହକିବ ଶ୍ରୀକ୍ଷେତ୍ର। ଏହି କ୍ଷଣକୁ ଚାହିଁ ବସିଛନ୍ତି ଉତ୍କଣ୍ଠିତ ଦର୍ଶକ। ଶୁକ୍ରବାର ସର୍ବବୃହତ ମୁକ୍ତାକାଶ



ମହୋତ୍ସବ ସାହିଯାତ୍ରାର ଆଦ୍ୟ ପର୍ବ ଅନୁଷ୍ଠିତ ହୋଇଯାଇଛି। କାଳିକାଦେବୀ ସାହିଆଙ୍କ ପକ୍ଷରୁ ସମ୍ପନ୍ନ ହୋଇଛି ଶ୍ରୀରାମ ଜନ୍ମ ଲୀଳା। ସାହିଯାତ ଅବସରରେ ପ୍ରାଚୀନ ସଂସ୍କୃତିକୁ ମନେ ପକାଇ ଅତିଥି ଅଭ୍ୟାଗତରେ ମଜ୍ଜିଥିଲେ ପୁରୀବାସୀ। ପ୍ରଥମ ଦିନରେ ମାଟିମଣ୍ଡପ ସାହି ଓ କାଳିକାଦେବୀ ସାହି ଉତ୍ସବମୁଖର ହୋଇଉଠିଥିଲା। ଦକ୍ଷିଣକାଳୀ ଇଷ୍ଟେଟ ତଥା କାଳିକାଦେବୀ ସାହି ଆଖଡ଼ା ସମ୍ପାଦକ ପ୍ରଫୁଲ କୁମାର ଖୁଣ୍ଟିଆ କୁହନ୍ତି ଠାକୁରଙ୍କ ନୀତି ପାଇଁ ଶ୍ରୀରାମ, ଶ୍ରୀଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ, ରଷ୍ୟଶୃଙ୍ଗ ଋଷିଙ୍କ ଚରିତ୍ର ସହ ଭୁଆଷିକ ବାହାରିଥିଲେ। ଗଣ୍ଡମାଳ ଜାଗାରୁ ଏମାନେ ବାହାରି କାଳିକାଦେବୀ ସାହି ହୋଇ ଦକ୍ଷିଣକାଳୀ ମନ୍ଦିର ଦେଇ ସିଂହଦ୍ୱାର ପଟେ ଶ୍ରୀମନ୍ଦିରକୁ ଯାଇଥିଲେ। ସେହି ସମୟରେ ମହାପ୍ରଭୁଙ୍କ ଦ୍ୱିପ୍ରହର ଧୂପ ସରିଥିଲା। ମହାପ୍ରଭୁଙ୍କ ନୀତି ସରିବା ପରେ ସେମାନେ ରାଜାନଅରକୁ ଯାଇଥିଲେ। ପୁନଃ ନିଜ ସାହିକୁ ଫେରି ପଟୁଆର ବାହାରିଥିଲା। ୮ ସାହି ମୁରବି ଓ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ସାହିରେ ସ୍ୱାଗତ କରିଥିଲେ। ଆଗରେ ନିଶାଣ ରହି ଅତିଥିଙ୍କ ଗହଣରେ ପଟୁଆର ବାହାରି ମାଟିମଣ୍ଡପ ସାହିରେ ପହଞ୍ଚିଥିଲା। ବିଭିନ୍ନ ଅନୁଷ୍ଠାନରୁ ୧୫ଟି ନାଗା, ମେଢ଼ ଓ ନଅସିରା ଆଦି ଚରିତ୍ର ସାହିଯାତରେ ବାହାରିଥିବା ସମ୍ପାଦକ ଶ୍ରୀ ଖୁଣ୍ଟିଆ କହିଛନ୍ତି।

# ତାଳଚେର ଷ୍ଟେସନରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କଲେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ମଞ୍ଚେଶ୍ୱର ରେଳ ଷ୍ଟେସନରୁ ତାଳଚେର ଏବଂ ତାଳଚେରରୁ ବଳରାମ ଏବଂ ଅନୁଗୁଳ ପର୍ଯ୍ୟନ୍ତ ଓ୍ୱିଣ୍ଡୋ ଟ୍ରେଲିଂ ନିରୀକ୍ଷଣ କରି ରେଳପଥ ପରିଚାଳନା, ଭିତ୍ତିଭୂମି ବିକାଶ, ଟ୍ରାକର ଅବସ୍ଥା, ସିଗନାଲିଂ ସିଷ୍ଟମ, ସୁରକ୍ଷା ମାନଦଣ୍ଡ, ଷ୍ଟେସନ ଭିତ୍ତିଭୂମି, ଯାତ୍ରୀ ସୁବିଧା, ପଣ୍ୟ ପରିବହନ ବ୍ୟବସ୍ଥା ଏବଂ ଏହି ସେକ୍ସନରେ ଚାଲିଥିବା ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହା ସହିତ ସେ ସୁରକ୍ଷା, ପରିଚାଳନାଗତ ଦକ୍ଷତା ଏବଂ ଯାତ୍ରୀ ସୁବିଧା ଗୁଡିକର ଉଚ୍ଚ ମାନଦଣ୍ଡ ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରିଛନ୍ତି।

ତାଳଚେର ଷ୍ଟେସନର ନିରୀକ୍ଷଣ : ତାଳଚେର ରେଳ ଷ୍ଟେସନରେ ପରମେଶ୍ୱର ଫଙ୍କୱାଲ ଷ୍ଟେସନ ପରିସର ଯାଞ୍ଚ କରିଥିଲେ ଏବଂ



ବିଭିନ୍ନ ଯାତ୍ରୀ କୈନ୍ଦ୍ରିକ ସୁବିଧା, ପରିଷ୍କାର ପରିଚ୍ଛନ୍ନତା, ପ୍ଲାଟଫର୍ମ ଅବସ୍ଥା, ପ୍ରତୀକ୍ଷାଳୟ ଭଳି ସୁବିଧା ଏବଂ ସୁରକ୍ଷା ବ୍ୟବସ୍ଥା ଗୁଡିକର ସମୀକ୍ଷା କରିଥିଲେ। ନିରୀକ୍ଷଣ ସମୟରେ, ମହାପ୍ରବନ୍ଧକ ଯାତ୍ରୀ ମାନଙ୍କ ସହିତ ଆଲୋଚନା କରିଥିଲେ ଏବଂ ଷ୍ଟେସନ ମିଳୁଥିବା ବିଭିନ୍ନ ସୁବିଧା ଏବଂ ସେବା ସମ୍ପର୍କରେ ସେମାନଙ୍କର ମତାମତ ମଧ୍ୟ ନେଇଥିଲେ। ସମସ୍ତ ଯାତ୍ରୀ ସୁବିଧା ଏବଂ ରେଳ ସମ୍ପତ୍ତିକୁ ସୁରକ୍ଷିତ, ଦକ୍ଷ ଏବଂ ଯାତ୍ରୀ-ଅନୁକୂଳ ବ୍ୟବହାର ବଜାୟ ରଖିବାକୁ ମହାପ୍ରବନ୍ଧକ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଏବଂ ଏକ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଚାଲୁଥିବା ବିଭିର୍ଣ୍ଣ ବିକାଶମୂଳକ ଏବଂ ଷ୍ଟେସନ ଉନ୍ନୟନ କାର୍ଯ୍ୟ ଗୁଡିକୁ ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ ଆହୁରିମଧ୍ୟ ଅଧିକାରୀ ମାନଙ୍କୁ ସୁରକ୍ଷା ବ୍ୟବସ୍ଥାର ସୁଦୃଢ଼ୀକରଣ, ନିର୍ଭର ଯୋଗ୍ୟ ଟ୍ରେନ ପରିଚାଳନା, ଉନ୍ନତ ଯାତ୍ରୀ ସୁବିଧା, ସୁଗମ ପଣ୍ୟ ପରିବହନ ଏବଂ ବିକାଶମୂଳକ କାର୍ଯ୍ୟର ସମୟୋଚିତ ଅଗ୍ରଗତି ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ନିରୀକ୍ଷଣ ସମୟରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ମହାପ୍ରବନ୍ଧକଙ୍କ ସହିତ ଉପସ୍ଥିତ ଥିଲେ। ପୂର୍ବତଟ ରେଳପଥ ଏହାର କ୍ଷେତ୍ରାଧିକାରରେ ଭିତ୍ତିଭୂମି ଏବଂ ପରିଚାଳନାଗତ କ୍ଷମତାକୁ ସୁଦୃଢ଼ କରିବା ସହିତ ସୁରକ୍ଷିତ, ଦକ୍ଷ, ନିର୍ଭରଯୋଗ୍ୟ ଏବଂ ଯାତ୍ରୀ କୈନ୍ଦ୍ରିକ ରେଳ ସେବା ପ୍ରଦାନ କରିବାକୁ ପ୍ରତିବଦ୍ଧ।

# କେନ୍ଦ୍ରର ଇନ୍ଧନ ଶୁଳ୍କ କମାଇବା ପଦକ୍ଷେପକୁ ପ୍ରଶଂସା କଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଶୁକ୍ରବାର ବଦଳୁଥିବା ବିଶ୍ୱ ପରିସ୍ଥିତି ମଧ୍ୟରେ କେନ୍ଦ୍ର ସରକାରଙ୍କ କାର୍ଯ୍ୟପଦ୍ଧତିକୁ ପ୍ରଶଂସା କରି ଏହାକୁ "ସାବଧାନତା ଓ ପ୍ରସ୍ତୁତି"ର ଉଦାହରଣ ବୋଲି କହିଛନ୍ତି। ସେ କହିଛନ୍ତି ଯେ ଏହା ସବୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସମ୍ଭବ ହୋଇପାରିଛି। ସୋସିଆଲ ମିଡିଆରେ ସେୟାର କରିଥିବା ଏକ ପୋଷ୍ଟରେ ମୁଖ୍ୟମନ୍ତ୍ରୀ ମାଝୀ ପେଟ୍ରୋଲ ଓ ଡିଜେଲ ଉପରେ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କରେ ପ୍ରତି ଲିଟର ୧୦ ଟଙ୍କା କମିବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ଯେ ଏହି ନିଷ୍ପତ୍ତି ସାଧାରଣ ଲୋକଙ୍କୁ ତୁରନ୍ତ ଆଶ୍ୱସ୍ତି ଦେବ ଏବଂ ବିଶ୍ୱ ଇନ୍ଧନ ଦରର ଉତ୍ଥାନ-ପତନର ପ୍ରଭାବକୁ କମାଇବାରେ ସହାୟକ ହେବ। ମୁଖ୍ୟମନ୍ତ୍ରୀ ଦେଶରେ ଇନ୍ଧନ ଓ ଆବଶ୍ୟକୀୟ ପଦାର୍ଥର ପର୍ଯ୍ୟାପ୍ତ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ କେନ୍ଦ୍ର ନେଇଥିବା ପଦକ୍ଷେପକୁ ମଧ୍ୟ ସ୍ୱାଗତ କରିଛନ୍ତି। ସେ କହିଛନ୍ତି ଯେ ଏହି ପ୍ରୟାସଗୁଡ଼ିକ ସରକାରଙ୍କ ଆର୍ଥିକ ସ୍ଥିରତା ଏବଂ ଜନକଲ୍ୟାଣ ପ୍ରତି ପ୍ରତିବଦ୍ଧତାକୁ ପ୍ରକାଶ କରେ। ସେ ନାଗରିକମାନଙ୍କୁ ଶାନ୍ତ ରହିବାକୁ, ଗୁଜବରୁ ଦୂରେଇ ରହିବାକୁ ଏବଂ ସ୍ଥିରତା ରକ୍ଷାରେ ପ୍ରଶାସନକୁ ସହଯୋଗ କରିବାକୁ ଆହ୍ୱାନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପରସ୍ପର ଆସ୍ଥା ଓ ସାମୂହିକ ଦାୟିତ୍ୱବୋଧ ସହ ଦେଶ ଏହି ଚ୍ୟାଲେଞ୍ଜଗୁଡ଼ିକୁ ଦୃଢ଼ତା ଓ ଏକତା ସହ ସମ୍ମୁଖୀନ ହେବ।

# ଏଲପିଜି ଉତ୍ପାଦନରେ ୪୦% ବୃଦ୍ଧି : ବାଣିଜ୍ୟିକ ଏଲପିଜି ଯୋଗାଣ ୭୦% କୁ ପୁନଃସ୍ଥାପିତ

**ନୂଆଦିଲ୍ଲୀ**

ପଶ୍ଚିମ ଏସୀୟ ଯୁଦ୍ଧ ଯୋଗୁଁ ବିଶ୍ୱ ବ୍ୟାଘାତ ସତ୍ତ୍ୱେ, ଭାରତ ଅଶୋଧିତ ତୈଳ, ପେଟ୍ରୋଲ, ଡିଜେଲ, ଏଲପିଜି ଏବଂ ପିଏନଜିର ପର୍ଯ୍ୟାପ୍ତ ଉପଲବ୍ଧତା ସୁନିଶ୍ଚିତ କରିଛି। ଘରୋଇ ଏଲପିଜି ଉତ୍ପାଦନ ମଧ୍ୟ ପ୍ରାୟ ୪୦% ବୃଦ୍ଧି ପାଇଛି। ଘରୋଇ ଯୋଗାଣକୁ ପ୍ରାଥମିକତା ଦିଆଯାଇଛି, ଯେତେବେଳେ ବାଣିଜ୍ୟିକ ଏଲପିଜି ଯୋଗାଣ ଧୀରେ ଧୀରେ ୭୦% କୁ ପୁନଃସ୍ଥାପିତ କରାଯାଇଛି, ପ୍ରମୁଖ କ୍ଷେତ୍ରଗୁଡ଼ିକ ଉପରେ ବିଶେଷ ଧ୍ୟାନ ଦିଆଯାଇଛି। ଏହି ସମୟରେ, ବିଶ୍ୱ ସ୍ତରରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ସତ୍ତ୍ୱେ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଯୋଗୁଁ ଇନ୍ଧନ ମୂଲ୍ୟ ସ୍ଥିର ରହିଛି।

ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା ଶୁକ୍ରବାର ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଘୋଷଣା କରିଛନ୍ତି। ଶର୍ମା ବ୍ୟାଖ୍ୟା କରିଛନ୍ତି ଯେ କେନ୍ଦ୍ର ସରକାର ଉତ୍ପାଦ ଶୁଳ୍କ ହ୍ରାସ କରିଛନ୍ତି। ଗ୍ରାହକଙ୍କ ଉପରେ ବୋଝ ଲଦିବା ପରିବର୍ତ୍ତେ, ଏହା ପେଟ୍ରୋଲ ଏବଂ ଡିଜେଲ ଉପରେ ବୋଝ ବହନ କରିଛି, ପ୍ରତି ଲିଟରରେ ୧୦ ଉତ୍ପାଦ ଶୁଳ୍କ ହ୍ରାସ କରିଛି। ଏପ୍ରିଲ ୨୦୨୨ ପରଠାରୁ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ହ୍ରାସ ପାଇଛି କିମ୍ବା ସ୍ଥିର ରହିଛି। ଏପ୍ରିଲ ୨୦୨୫ରେ ଉତ୍ପାଦ ଶୁଳ୍କ ବୃଦ୍ଧି କରାଯାଇଥିଲେ ମଧ୍ୟ, ଅତିରିକ୍ତ ବୋଝ ଗ୍ରାହକଙ୍କ ଉପରେ ଲଦି ଦିଆଯାଇ ନାହିଁ। ସୁଜାତା ଶର୍ମା କହିଛନ୍ତି ଯେ ପିଏନଜି ସମ୍ପ୍ରସାରଣ ତ୍ୱରାନ୍ୱିତ ହୋଇଛି, ପ୍ରତିଦିନ ୧୦,୦୦୦ ରୁ ଅଧିକ ନୂତନ ସଂଯୋଗ ଯୋଡା ହେଉଛି। ହୋର୍ଡିଂ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ତୀବ୍ର କରାଯାଇଛି, ପ୍ରାୟ ୩,୦୦୦ ଚଢ଼ଉ କରାଯାଇଛି, ଶହ ଶହ ଏଫଆଇଆର ପଞ୍ଜିକୃତ ହୋଇଛି ଏବଂ ଗ୍ୟାସ ବିତରକମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

# ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ୍ ପକ୍ଷରୁ 'ବିପତ୍ତେ ମଧୁସୂଦନମ୍' ନାଟକ ମଞ୍ଚସ୍ଥ

**କଟକ, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ୍ ପକ୍ଷରୁ 'ବିପତ୍ତେ ମଧୁସୂଦନମ୍' ନାଟକ କଟକର କଳାବିକାଶ କେନ୍ଦ୍ରରେ ମଞ୍ଚସ୍ଥ ହୋଇଯାଇଛି। ଜଷ୍ଟିସ୍ ଶଶିକାନ୍ତ ମିଶ୍ରଙ୍କ ରଚିତ ଉପନ୍ୟାସ ଉପରେ ଆଧାରିତ ଏହି ନାଟକର ସଂଳାପ ରଚନା କରିଥିଲେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ବର୍ଦ୍ଧିତ ଜଣାଶୁଣା ସାହିତ୍ୟିକ ତଥା ନାଟ୍ୟକାର ଡକ୍ଟର ବୈଜୟନ୍ତୀ ମିଶ୍ର। ତାଙ୍କ ସହ ଦୀପ୍ତିରଂଜନ ମହାପାତ୍ର ବି ସଂଳାପ ରଚନା କରିଥିଲେ। ଶ୍ରୀମନ୍ଦିର ଉପରେ ବିପଦ



ଦେଖା ଦେଇଥିବା ବେଳେ ଉତ୍କଳ ଗୌରବ ମଧୁସୂଦନ ଦାସ କିପରି ସେଥିରୁ ରକ୍ଷା କରିଥିଲେ ତାହା ଉପରେ ନାଟକର କଥାବସ୍ତୁ ଆଧାରିତ। ଜଣାଶୁଣା ସିନେ ଅଭିନେତା ତଥା ନିର୍ଦ୍ଦେଶକ ଉମେଶଦାଶ (ଟନିଆ) ଏହାର ନିର୍ଦ୍ଦେଶନା ଦାୟିତ୍ୱ ବହନ କରିଥିଲେ। ଦିଲୀପ ଚୌବେ ଏହାର ସହ ନିର୍ଦ୍ଦେଶକ। ସବୁ କଳାକାର ଚରିତ୍ରୋପଯୋଗୀ ଅଭିନୟ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ବିଶେଷ କରି ନାଟକର ସଂଳାପ ଦର୍ଶକଙ୍କୁ ଅଧିକ ଆକର୍ଷିତ କରିଥିଲା। ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ୍‌ର ସଭାପତି ବରିଷ୍ଠ ଆଇନଜୀବୀ ମନୋଜ ମିଶ୍ରଙ୍କ ଅଧ୍ୟକ୍ଷତାରେ ପ୍ରଥମେ ସଭା ଅନୁଷ୍ଠିତ ହୋଇଥିଲା। ଏହାକୁ ଆନୁଷ୍ଠାନିକ ଭାବେ ଜଷ୍ଟିସ୍ ଆର୍ କେ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ।

# ବାଲେନ୍ ଶାହ ନେପାଳର ନୂଆ ପ୍ରଧାନମନ୍ତ୍ରୀ

**କାଠମାଣ୍ଡୁ**

ନେପାଳ ରାଜନୀତିରେ ଏକ ବଡ଼ ପରିବର୍ତ୍ତନ ଆସିଛି। ନ୍ୟାସନାଲ ଇଣ୍ଡିପେଣ୍ଡେଣ୍ଟ ପାର୍ଟି ନେତା ବାଲେନ ଶାହ ନେପାଳର ନୂଆ ପ୍ରଧାନମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି। ସେ ନେପାଳର ୪୭ତମ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ରାଷ୍ଟ୍ରପତି ରାମଚନ୍ଦ୍ର ପୌଡେଲ ସମ୍ବିଧାନର ଧାରା ୭୬(୧) ଅନୁଯାୟୀ ତାଙ୍କୁ ଏହି ପଦବୀରେ ନିଯୁକ୍ତ କରିଥିଲେ। ଆଜି ରାମନବମୀ ଅବସରରେ କାଠମାଣ୍ଡୁରେ ଏକ ମହା ସମାରୋହରେ ବାଲେନ ଶାହ ପ୍ରଧାନମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଥିଲେ। ସ୍ଥାନୀୟ ସମୟ ସାଢେ ୧୨ଟା ରେ କାଠମାଣ୍ଡୁର ରାଷ୍ଟ୍ରପତି ଭବନ "ଶୀତଳ ନିବାସ" ରେ ତାଙ୍କୁ ଶପଥ ଗ୍ରହଣ କରାଯାଇଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଶପଥ ଗ୍ରହଣ ସମାରୋହ ହିନ୍ଦୁ ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଥିଲା। ସାତ ଜଣ ଶଙ୍ଖଧାରୀ ଶଙ୍ଖ ଫୁଙ୍କି ସମାରୋହର ଆରମ୍ଭ କରିଥିଲେ। ଯାହାକୁ ଶୁଭ ଏବଂ ସୌଭାଗ୍ୟର ପ୍ରତୀକ ଭାବରେ ବିବେଚନା କରାଯାଏ। ଶପଥ ଗ୍ରହଣ ଉତ୍ସବ ପର ଏକ ଅତ୍ୟନ୍ତ ଭାବପ୍ରବଣ ମୁହୂର୍ତ୍ତ ଦେଖିବାକୁ ମିଳିଥିଲା। ଯେତେବେଳେ ସେ ମଧ୍ୟବର୍ତ୍ତୀକାଳୀନ ପ୍ରଧାନମନ୍ତ୍ରୀ ସୁଶୀଳା କାର୍କିଙ୍କୁ ଆଲିଙ୍ଗନ କରିଥିଲେ। ସେପଟେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ରେ ବାଲେନ୍ଦ୍ର ଶାହଙ୍କୁ ଅଭିନନ୍ଦନ ଜଣାଇଛନ୍ତି ପ୍ରଧାନମନ୍ତ୍ରୀ। ମୋଦୀ ଲେଖିଛନ୍ତି, "ନେପାଳର ପ୍ରଧାନମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିବା ପାଇଁ ବାଲେନ୍ଦ୍ର ଶାହଙ୍କୁ ଅନେକ ଅନେକ ଅଭିନନ୍ଦନ। ଆପଣଙ୍କ ନିଯୁକ୍ତି ନେପାଳର ଲୋକମାନେ ଆପଣଙ୍କ ନେତୃତ୍ୱ ଉପରେ ଯେଉଁ ବିଶ୍ୱାସ ରଖିଛନ୍ତି ତାହା ପ୍ରତିଫଳିତ କରେ। ଆମ ଦୁଇ ଦେଶର ଲୋକଙ୍କ ପାରସ୍ପରିକ ଲାଭ ପାଇଁ ଭାରତ-ନେପାଳ ବନ୍ଧୁତା ଏବଂ ସହଯୋଗକୁ ଆହୁରି ଉଚ୍ଚତାକୁ ନେବା ପାଇଁ ଆପଣଙ୍କ ସହିତ ଘନିଷ୍ଠ ଭାବରେ କାମ କରିବାକୁ ମୁଁ ଅପେକ୍ଷା କରିଛି।"

# ମାଇଁ ପ୍ରେମରେ ପାଗଳ ଭଣଜା ମାମୁଁକୁ ମାରିଦେଲା

**ନୂଆଦିଲ୍ଲୀ**

ମାମୁଁକୁ ହତ୍ୟା କଲା ଭଣଜା। ମାଇଁ ପ୍ରେମରେ ପାଗଳ ହୋଇଥିବା ଭଣଜାର ନାରକୀୟ କାଣ୍ଡ। ଉତ୍ତରପ୍ରଦେଶର ରାମପୁର ଜିଲ୍ଲାରୁ ଆସିଛି ଏଭଳିସ ଖବର। ଗତ ମାର୍ଚ୍ଚ ୧୩ ତାରିଖରେ ଜଣେ ଯୁବକଙ୍କ ମୃତଦେହ ସହ ବାଇକ ଉଦ୍ଧାର କରାଯାଇଥିଲା। ପ୍ରଥମେ ଏଭଳି ଲାଗୁଥିଲା କି, ଦୁର୍ଘଟଣା ଘଟିଛି। ପରେ କିନ୍ତୁ ତଦନ୍ତରୁ ଜଣା ପଡ଼ିଥିଲା କି, ହତ୍ୟା କରିବା ପରେ ପ୍ରମାଣକୁ ନଷ୍ଟ କରିବା ପାଇଁ ଦୁର୍ଘଟଣାର ରୂପ ଦିଆଯାଇଛି। ଅଭିଯୁକ୍ତ ବିରେନ୍ଦ୍ର ନିଜ ମାମୁଁକୁ ହତ୍ୟା କରିଥିବା ଜଣାପଡ଼ିଥିଲା।

ପୋଲିସ ସୂତ୍ରରୁ ମିଳିଥିବା ଖବର ଅନୁସାରେ ଏହା ସମ୍ପୂର୍ଣ୍ଣ ଫିଲ୍ମ ଷ୍ଟାଇଲରେ ରଚା ଯାଇଥିଲା। ବିରେନ୍ଦ୍ର ନିଜ ବନ୍ଧୁଙ୍କ ସହ ମିଶି ଏକ ଫାର୍ମ ହାଉସକୁ ତାଙ୍କ ମାମୁଁଙ୍କୁ ମଦ ପିଇବା ପାଇଁ ଡାକିଥିଲେ। ଆଉ ସେଠାରେ ଭୋଜି ଭାତ କରିଥିଲେ। ନିଶା ହେବା ପରେ ସେମାନେ ମଫଲରରେ ଗଳା ଚିପି ହତ୍ୟା କରିବା ପରେ ବାଇକ ସହ ନେଇ ଫୋପାଡ଼ି ଦେଇ ଆସିଥିଲେ। ଆଉ ବାଇକୁ ଏଭଳି କରିଥିଲେ ଯେମିତି ଦୁର୍ଘଟଣା ଘଟିଛି। ସ୍ଥାନୀୟ ଲୋକେ ମଧ୍ୟ ପ୍ରଥମେ ଭାବିଥିଲେ କି, ଏହା ଏକ ଦୁର୍ଘଟଣା। ମାତ୍ର ପୁଲିସ ମୃତଦେହକୁ ଜବତ କରିଥିବାବେଳେ ଗଳାରେ ଥିବା ଦାଗକୁ ଦେଖିଥିଲା। ପରେ ତଦନ୍ତରୁ ଏହା ହତ୍ୟା ବୋଲି ଜଣାପଡ଼ିଥିଲା।

## ଇରାନର ବନ୍ଧୁ ରାଷ୍ଟ୍ର ତାଲିକାରେ ଭାରତ

**ତେହେରାନ**

ଏକ କୂଟନୈତିକ ସଫଳତା କ୍ରମେ ହର୍ମୁଜ ପ୍ରଣାଳୀକୁ ସୁରକ୍ଷିତ ଅତିକ୍ରମ କରିବାକୁ ଇରାନର ଅନୁମତି ହାସଲ କରିଛି ଭାରତ। କାରଣ ଭାରତକୁ ଇରାନ ଏହାର ବନ୍ଧୁ ରାଷ୍ଟ୍ର ତାଲିକାରେ ରଖିଛି। ଇରାନ କେବଳ ବନ୍ଧୁ ରାଷ୍ଟ୍ର ଗୁଡିକର ପଣ୍ୟବାହୀ ଜାହାଜ ଓ ତୈଳ ଟ୍ୟାଙ୍କରକୁ ହର୍ମୁଜ ପ୍ରଣାଳୀ ଅତିକ୍ରମ କରିବାକୁ ଅନୁମତି ପ୍ରଦାନ କରୁଛି। ଏପରିସ୍ଥିତିରେ ଇରାନର ବନ୍ଧୁ ରାଷ୍ଟ୍ର ତାଲିକାରେ ଭାରତ ରହିବା ଏକ ବଡ଼ କୂଟନୈତିକ ସଫଳତା ବୋଲି ମନେ କରାଯାଇଛି। ଇରାନ ବୈଦେଶିକ ମନ୍ତ୍ରୀ ଆବାସ ଆରାଗଚି କହିଛନ୍ତି ଯେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡିକ ଅପପ୍ରଚାର କରୁଛନ୍ତି।

# ପୂର୍ବ ଶତ୍ରୁତାରୁ ତୁମୂଳ କାଣ୍ଡ : ଗାଁଦାଣ୍ଡରେ ଯୁବକଙ୍କୁ ପିଟି ପିଟି ହତ୍ୟା

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ସୁବଳୟା ଥାନା ଅନ୍ତର୍ଗତ ପିତାମହୁଲ ଗାଁ ଦାଣ୍ଡରେ ଜଣେ ଯୁବକଙ୍କୁ ପିଟିପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ହତ୍ୟାର ଶିକାର ହୋଇଛନ୍ତି ଗ୍ରାମର ସୁମନ୍ତ ରଣା(୩୯)। ହତ୍ୟାକାଣ୍ଡ ପରେ ୨ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଅଭିଯୋଗ ଅନୁସାରେ ପିତାମହୁଲ ଗ୍ରାମର ସୁମନ୍ତଙ୍କ ସହିତ ପ୍ରାଣବନ୍ଧୁ ସାହୁ (୩୯) ଓ ପିଙ୍କୁ ଜେନା(୩୫)ଙ୍କ କୌଣସି କାରଣକୁ ନେଇ ପୂର୍ବଶତ୍ରୁତା ଥିଲା। ସୁମନ୍ତ ଗାଁ ଦାଣ୍ଡରେ କେତେକ ଯୁବକଙ୍କ ସହିତ ବସି କଥାବାର୍ତ୍ତା ହେଉଥିଲେ। ଏହି ସମୟରେ ପ୍ରାଣବନ୍ଧୁ ଓ ପିଙ୍କୁ ସେଠାରେ ପହଞ୍ଚି ସୁମନ୍ତଙ୍କୁ ଠେଙ୍ଗାରେ ଅତର୍କିତ ଆକ୍ରମଣ କରିଥିଲେ। ଖବରପାଇ ସୁବଳୟା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସୁମନ୍ତଙ୍କୁ ଗୁରୁତର ଅବସ୍ଥାରେ ବୀରମହାରାଜ ପୁର ଡାକ୍ତରଖାନା ନେଇଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତକଙ୍କ ବଡ଼ ଭାଇଙ୍କ ଅଭିଯୋଗ ଆଧାରରେ ସୁବଳୟା



ଥାନାରେ ଏକ ମାମଲା(ନଂ.୫୪/୨୬) ରୁଜୁ କରି ପୋଲିସ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ସୁଶାନ୍ତ ପ୍ରଧାନ ପ୍ରକାଶ କହିଛନ୍ତି। ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

# ରାସ୍ତାକଡ଼ ବୁଦାରୁ ମିଳିଲା ବିପୁଳ ସରକାରୀ ଔଷଧ

**ସୁନ୍ଦରଗଡ଼, ନ୍ୟୁଜ୍‌ବ୍ୟୁରୋ**

ସରକାର ଗରିବ ଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଓ ଔଷଧ ଯୋଗାଇବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ସୁନ୍ଦରଗଡ଼ରେ ଏହାର ଏକ ବିପରୀତ ଚିତ୍ର ଦେଖିବାକୁ ମିଳିଛି। ସୁନ୍ଦରଗଡ଼ ସହରର ଅମଲିପାଲି ବାଇପାସ୍ ରାସ୍ତା କଡ଼ ଜଙ୍ଗଲ ବୁଦା ଭିତରେ ଶୁକ୍ରବାର ସକାଳେ ବିପୁଳ ପରିମାଣର ସରକାରୀ ଔଷଧ ପଡ଼ିରହିଥିବା ଦେଖିବାକୁ ମିଳିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରୁ ପ୍ରାୟ ୨.୫ କିଲୋମିଟର ଦୂର ଏବଂ ସରକାରୀ ମେଡ଼ିକାଲ କଲେଜ ନିକଟସ୍ଥ ଅମଲିପାଲି ବାଇପାସ୍



ନିକଟରେ ଫିଙ୍ଗା ଯାଇଥିବା ଔଷଧ ମଧ୍ୟରେ ବିଭିନ୍ନ ପ୍ରକାରର ଟାବ୍‌ଲେଟ୍ ଏବଂ ସିରପ୍ ରହିଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଏହି ଔଷଧଗୁଡ଼ିକର ଏକ୍ସପାଏରୀ ତାରିଖ ଶେଷ ହୋଇନାହିଁ। ଏହାର ବ୍ୟବହାର ଅବଧି ଆହୁରି ୬ ରୁ ୮ ମାସ ବାକି ଅଛି।

ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ଗଣମାଧ୍ୟମ ପ୍ରତିନିଧିମାନେ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ କରିଥିଲେ। ତେବେ ଶୁକ୍ରବାର ରାମନବମୀ ଛୁଟି ଥିବାରୁ ଏ ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କିମ୍ବା ଔଷଧ ବ୍ୟାଙ୍କ ଦାୟିତ୍ୱରେ ଥିବା କୌଣସି ଅଧିକାରୀଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

ଏମିତିରେ ଯେଉଁ ଔଷଧ ରୋଗୀଙ୍କ ଜୀବନ ବଞ୍ଚାଇବା କଥା, ତାହାକୁ କିଏ ଏବଂ କେଉଁ ଉଦ୍ଦେଶ୍ୟରେ ଜଙ୍ଗଲରେ ଫିଙ୍ଗିଲା ? ଏହା ପଛରେ କୌଣସି ବଡ଼ ଧରଣର ଅନିୟମିତତା ରହିଛି କି ? ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ଏବଂ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସମସ୍ତ ରାଜ୍ୟ...

କରିନାହାନ୍ତି। ଏହି ରାଜ୍ୟଗୁଡ଼ିକର ମୁଖ୍ୟ ଶାସନ ସଚିବମାନଙ୍କ ସହ କ୍ୟାବିନେଟ ସଚିବାଳୟ ପୃଥକ ଭାବେ ଆଲୋଚନା କରିବ। ପ୍ରଧାନମନ୍ତ୍ରୀ ପୂର୍ବରୁ ଲୋକସଭାରେ ଚେତାବନୀ ଦେଇଥିଲେ ଯେ କିଛି ଅସାମାଜିକ ତତ୍ତ୍ୱ ଏଭଳି ବିଶ୍ୱସ୍ତରୀୟ ସଙ୍କଟର ସୁଯୋଗ ନେଇପାରନ୍ତି। ତେଣୁ ଉପକୂଳ, ସୀମା ଏବଂ ସାଇବର କ୍ଷେତ୍ରରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ଇରାନ ଯୁଦ୍ଧ ପରେ ଦେଶରେ ପେଟ୍ରୋଲ, ଡିଜେଲ ଏବଂ ରନ୍ଧନ ଗ୍ୟାସର ଅଭାବ ଦେଖାଦେବ ବୋଲି ଗୁଜବ ସୃଷ୍ଟି ହୋଇଛି, ଯାହାକୁ ନେଇ ରାଜନୀତି ମଧ୍ୟ ସରଗରମ ହୋଇଛି। ଏହାକୁ ନେଇ ସରକାର ସ୍ପଷ୍ଟ କରିଛନ୍ତି। ଦେଶରେ ୬୦ ଦିନ ପାଇଁ ପେଟ୍ରୋଲ-ଡିଜେଲ ଏବଂ ପ୍ରାୟ ମାସେ ପାଇଁ ଏଲପିଜି ଷ୍ଟକ ରହିଛି। ପେଟ୍ରୋଲିୟମ ମନ୍ତ୍ରଣାଳୟ କହିଛି ଯେ ଶକ୍ତି ଯୋଗାଣ ସମ୍ପୂର୍ଣ୍ଣ ସୁରକ୍ଷିତ ଏବଂ ଲୋକମାନେ ଆତଙ୍କିତ ହେବାର କୌଣସି ଆବଶ୍ୟକତା ନାହିଁ। ସମସ୍ତ ପେଟ୍ରୋଲ ପମ୍ପରେ ପର୍ଯ୍ୟାପ୍ତ ତେଲ ଉପଲବ୍ଧ ଅଛି ଏବଂ ପିଏନଜି ଯୋଗାଣରେ କୌଣସି ବାଧା ଉପୁଜିବ ନାହିଁ।

## କେନ୍ଦ୍ର ସରକାର ଗଠନ...

ଗଠନ ହୋଇଛି। ଗୃହମନ୍ତ୍ରୀ ଅମିତ ଶାହ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ ସିଂହପୁରୀ ଏହି କମିଟିରେ ସାମିଲ ହୋଇଛନ୍ତି। ତେଲ ଓ ଗ୍ୟାସ୍ ସମସ୍ୟା ଉପରେ ଏହି କମିଟି ନଜର ରଖିବ । ଦେଶର ଆର୍ଥିକ ପରିସ୍ଥିତି ଓ ଜାତୀୟ ସୁରକ୍ଷା ଉପରେ ବି କମିଟି କଡ଼ା ନଜର ରଖିବ।

## ଓଡ଼ିଶାରେ ରେଳ...

କୋଟି ଟଙ୍କାବ୍ୟୟବରାଦ କରାଯାଇଛି। ସୂଚନା ଅନୁସାରେ, ଓଡ଼ିଶାରେ ବର୍ତ୍ତମାନ ପ୍ରାୟ ୭୮,୦୦୦ କୋଟି ଟଙ୍କାର ବିଭିନ୍ନ ରେଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏଥିସହିତ ୫୯ଟି ରେଳ ଷ୍ଟେସନର ପୁନଃ ବିକାଶ କାର୍ଯ୍ୟ ଚାଲିଛି। ରେଳ ସୁରକ୍ଷା ପାଇଁ 'କବଚ' ଟେକ୍ନୋଲୋଜିର ବ୍ୟବହାର ଉପରେ ଜୋର ଦିଆଯାଉଛି। ରାଜ୍ୟର ୧୦୦% ରେଳ ଲାଇନର ବୈଦ୍ୟୁତିକରଣ କାର୍ଯ୍ୟ ଶେଷ ହୋଇଛି। ଚଳିତ ଆର୍ଥିକ ବର୍ଷରେ ୪୩,୨୩୦ ନିଯୁକ୍ତି ଦେଇଛି ଭାରତୀୟ ରେଳୱେ। ଟେକ୍ନିସିଆନ, ଜେଇ, ପାରାମେଡିକାଲ, ଏସ୍ଆଇ, କନଷ୍ଟେବଲ ବର୍ଗରେ ନିଯୁକ୍ତି -ଆସିଷ୍ଟାଣ୍ଟ ଲୋକୋ ପାଇଲଟ୍ ଖାଲି ପଦବୀ ପାଇଁ ୧୫,୮୭୩ ତାଲିକାଭୁକ୍ତ।୨୦୨୬ ମସିହାରେ ୧୧,୧୨୭ଟି ନୂତନ ଏଏଲ୍‌ପି ପଦବୀ ଖାଲି ଘୋଷଣା ହୋଇଛି।

## ତିନି ଦିନିଆ ...

ପ୍ରଦର୍ଶନୀ ବୁଲି ଦେଖିବା ସହିତ ପ୍ରଶିକ୍ଷଣ କାର୍ଯ୍ୟ ତଦାରଖ କରିବେ। ୨୯ରେ ସେ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଜଣାପଡ଼ିଛି।

## ୬ ଏପ୍ରିଲ ଯାଏ ...

ଟ୍ରମ୍ପ କହିଥିଲେ ଯେ ସେ ଇରାନୀ ଶକ୍ତି କେନ୍ଦ୍ରଗୁଡ଼ିକ ଉପରେ ଆକ୍ରମଣରେ ଲାଗିଥିବା ରୋକକୁ ଗୋଟିଏ ସପ୍ତାହରୁ ଅଧିକ ସମୟ ପାଇଁ ବଢ଼ାଉଛନ୍ତି। ରିପୋର୍ଟ ଅନୁସାରେ, ରାଷ୍ଟ୍ରପତି ଟ୍ରମ୍ପ 'ଟ୍ରୁଥ ସୋସିଆଲ' ଉପରେ ଘୋଷଣା କରିଥିଲେ ଯେ ଆମେରିକା ଇରାନର ଶକ୍ତି କେନ୍ଦ୍ରଗୁଡ଼ିକ ଉପରେ ଆକ୍ରମଣରେ ଲାଗିଥିବା ରୋକକୁ ୦୬ ଏପ୍ରିଲ ପର୍ଯ୍ୟନ୍ତ ବଢ଼ାଇବ। ସେ କହିଥିଲେ ଯେ ଇରାନ ସରକାରଙ୍କ ଅନୁରୋଧରେ ଏହି ରୋକକୁ ବଢ଼ାଯାଇଛି। ଏହାପୂର୍ବରୁ ସେ ସୋମବାର ଇରାନର ଶକ୍ତି ଢାଞ୍ଚା ଉପରେ ଆକ୍ରମଣରେ ୫ ଦିନର ରୋକ ଘୋଷଣା କରିଥିଲେ, ଯାହା ଶନିବାର ସମାପ୍ତ ହେବାକୁ ଥିଲା। ସେ ଲେଖିଥିଲେ, "ଇରାନ ସରକାରଙ୍କ ଅନୁରୋଧ ଅନୁଯାୟୀ, ଦୟାକରି ଏହି ବିବୃତ୍ତିକୁ ଏହାର ପ୍ରମାଣ ଭାବେ ଗ୍ରହଣ କରନ୍ତୁ ଯେ ମୁଁ ଉର୍ଜା କେନ୍ଦ୍ରଗୁଡ଼ିକୁ ଧ୍ୱଂସ କରିବାର ସମୟସୀମାକୁ ୧୦ ଦିନ ପାଇଁ ବଢ଼ାଇ ସୋମବାର, ୦୬ ଏପ୍ରିଲ ୨୦୨୬ ରାତି ୮ଟା (ଇଷ୍ଟର୍ନ ଟାଇମ୍) ପର୍ଯ୍ୟନ୍ତ କରୁଛି।" ସେ ଆହୁରି କହିଥିଲେ, "ଆଲୋଚନା ଜାରି ରହିଛି ଏବଂ 'ଫେକ୍ ନ୍ୟୁଜ୍ ମିଡିଆ' ଓ ଅନ୍ୟମାନଙ୍କ ଦ୍ୱାରା ଦିଆଯାଉଥିବା ଭୁଲ ବୟାନ ସତ୍ତ୍ୱେ ଆଲୋଚନା ବହୁତ ଭଲ ଚାଲିଛି। ଏହି ବିଷୟରେ ଧ୍ୟାନ ଦେବା ପାଇଁ ଧନ୍ୟବାଦ !"

## ୨.୩୮ ଲକ୍ଷ...

ଭାରତୀୟ ବାୟୁସେନାକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ରୁଷରୁ ଅତିରିକ୍ତ ଏସ୍-୪୦୦ ସହିତ ଦୂରଗାମୀ ଷ୍ଟେଲଥ୍ ଡ୍ରୋନ୍ କ୍ରୟ କରାଯାଉଛି। ଏହି ଡ୍ରୋନଗୁଡ଼ିକ ଶତ୍ରୁ ଶିବିରରେ ପଶି ଗୁପ୍ତଚର ତଥ୍ୟ ସଂଗ୍ରହ କରିବା ସହ ଆକ୍ରମଣ କରିବାରେ ସକ୍ଷମ। ସେହିପରି ବାୟୁସେନାରେ ଥିବା ପୁରୁଣା ଏନ୍-୩୨ ଏବଂ ଆଇଏଲ୍-୭୬ ପରିବହନ ବିମାନ ବଦଳରେ ନୂଆ ମଧ୍ୟମ ପରିବହନ ବିମାନ ସାମିଲ ହେବ, ଯାହା ସୈନ୍ୟ ଓ ଯୁଦ୍ଧ ସରଞ୍ଜାମ ପରିବହନକୁ ଅଧିକ ଦ୍ରୁତ କରିବ। ଏଥିସହିତ ସୁ-୩୦ ଯୁଦ୍ଧ ବିମାନର ଇଞ୍ଜିନ୍ ମରାମତି ପାଇଁ ମଧ୍ୟ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଭାରତୀୟ ସ୍ଥଳସେନାର ଶକ୍ତି ବୃଦ୍ଧି ପାଇଁ 'ଧନୁଷ'' ବନ୍ଧୁକ ଓ ଟ୍ୟାଙ୍କ କ୍ରୟକୁ ଅନୁମୋଦନ ଦିଆଯାଇଛି। ଏହା ସହିତ ସୀମାରେ ନିରବଚ୍ଛିନ୍ନ ଯୋଗାଯୋଗ ପାଇଁ ଉଚ୍ଚ-କ୍ଷମତା ସମ୍ପନ୍ନ ରେଡିଓ ରିଲେ ଏବଂ ରନୱେ ସ୍ୱାଧୀନ ଏରିଆଲ୍ ନିରୀକ୍ଷଣ ପ୍ରଣାଳୀ ସେନାରେ ସାମିଲ ହେବ।

## ଚନ୍ଦକା ଅଭୟାରଣ୍ୟରେ...

ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ରଞ୍ଜନ କୁମାର ସାହୁ, ସମ୍ପାଦକ ପ୍ରସନ୍ନ କୁମାର ସାହୁ ଏବଂ କୋଷାଧ୍ୟକ୍ଷ ତୁଷାର କୁମାର ସାହୁ, ସଦସ୍ୟ ମନ୍ମଥ କୁମାର ସାହୁ, ଚକ୍ରଧର ସ୍ୱାଇଁ, ନିତ୍ୟାନନ୍ଦ ସାହୁ ଓ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଚିତ୍ର କୁମାର ମାଝୀଙ୍କ ଉପସ୍ଥିତିରେ ଏହି ଜଳ ସେବାର ଶୁଭାରମ୍ଭ କରାଯାଇଛି ।

## ବିଦ୍ୟୁତ୍ ମରାମତି କରୁଥିବାବେଳେ ଜଳିଗଲେ କର୍ମଚାରୀ

**ଦେବଗଡ଼, ନ୍ୟୁଜ୍‌ବ୍ୟୁରୋ**

ବିଦ୍ୟୁତ୍ ମରାମତି କରୁଥିବା ବେଳେ ୧୧ କେଭି ତାରରେ ଲାଗି ଜଣଙ୍କର ଜୀବନ ଚାଲିଯାଇଛି। ବିଦ୍ୟୁତ୍ ଖୁଣ୍ଟ ଉପରେ ଲାଖି ରହିଥିଲା ମୃତଦେହ। ଏମିତି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି ଦେବଗଡ଼ ଥାନା ପୁରୁକୁଣ୍ଡା ଗ୍ରାମରେ। ମୃତକ ଜଣକ ଶୁକ୍ରବାର ମରାମତି କାମ କରୁଥିବା ବେଳେ ଏହି ଅଘଟଣ ଘଟିଛି। ମୃତକ ଖଜୁରୀବାହାଲ ଗ୍ରାମର ଘନଶ୍ୟାମ ନାୟକ। ଘଟଣାସ୍ଥଳରେ ଦେବଗଡ଼ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।



# ଯାଜପୁର ଜିଲ୍ଲାସ୍ତରୀୟ ଉତ୍କଳ ଦିବସ ପାଳନର କାର୍ଯ୍ୟଖସଡ଼ା ପ୍ରସ୍ତୁତ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ଏବଂ ଯାଜପୁର ଜିଲ୍ଲା ପ୍ରତିଷ୍ଠା ଦିବସ ପାଳନ କରିବା ଉପଲକ୍ଷେ ଜିଲ୍ଲା ସୂଚନା ଏବଂ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଓଡ଼ିଶା ଦିବସ ପାଳନର କାର୍ଯ୍ୟ ଖସଡା ପାଠ କରିଥିଲେ। ଯାଜପୁର ଜିଲ୍ଲାସ୍ତରୀୟ



ଓଡ଼ିଶା ଦିବସ ପାଳନ ସମାରୋହରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ତେଣୁ ଉତ୍ସବ ପାଳନର ବିଭିନ୍ନ ଦିଗ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଓଡ଼ିଶା ଦିବସ ଅବସରରେ କାର୍ଯ୍ୟାଳୟରେ ଆଲୋକ ସଜ୍ଜା, ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ବିଷୟ ଆଲୋଚନା ହୋଇଥିଲା। ଏହି ଉପଲକ୍ଷେ ସ୍କୁଲ ଏବଂ କଲେଜ୍ ସ୍ତରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଓଡ଼ିଶା ଦିବସ ଖୁବ୍ ସୁନ୍ଦର ଭାବେ ଆୟୋଜନ କରିବା ପାଇଁ ଜିଲ୍ଲାପାଳ କହିଥିଲେ। ଏପ୍ରିଲ ୧ ତାରିଖରୁ ୧୪ ତାରିଖ ଯାଏଁ ଜିଲ୍ଲାରେ ଓଡ଼ିଆ ପକ୍ଷ ପାଳିତ ହେବାକୁ ଯାଉଛି। ଏହି ଦିନ ମାନଙ୍କରେ ପାରମ୍ପରିକ ପୋଷାକ ପରିଧାନ, ପାରମ୍ପରିକ ଓଡ଼ିଆ ଖାଦ୍ୟର ପ୍ରଚାର, ଓଡ଼ିଶା ଇତିହାସ ସମ୍ବନ୍ଧୀୟ ଆଲୋଚନା ଚକ୍ର ଏବଂ କୁଇଜ୍, ସ୍ୱଚ୍ଛତା ଅଭିଯାନ, ଓଡ଼ିଆରେ ନାମଫଳକ ଅଭିଯାନ ଭଳି ବିଭିନ୍ନ କାର୍ଯ୍ୟକ୍ରମ ରହିଛି। ବୈଠକ ଶେଷରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସତ୍ୟବ୍ରତ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

ଭୁବନେଶ୍ୱର, ୨୮ମାର୍ଚ୍ଚ, ଶନିବାର, ୨୦୨୬
RNI Regd. No. : 52640/94
Postal Regd. No. : BN/60/25-27





ଭୁବନେଶ୍ୱର : ପବିତ୍ର ଶ୍ରୀରାମ ନବମୀ ଅବସରରେ ରାମ ମନ୍ଦିରରେ ଭକ୍ତମାନେ ଠାକୁରଙ୍କୁ ପୂଜାର୍ଚ୍ଚନା କରିବା ସହ ରାଜଧାନୀରେ ରାମଭକ୍ତମାନଙ୍କ ବିଶାଳ ଶୋଭାଯାତ୍ରା। (ଫଟୋ : ସମ୍ବାଦ କଳିକା)

# ଅନୁକୂଳ ହେଲା ମହାପ୍ରଭୁଙ୍କ ରଥ କାଠ ଚିରଟ କାର୍ଯ୍ୟ

**ପୁରୀ, ୨୭।୩**
**ନ୍ୟୁଜ୍‌ବ୍ୟୁରୋ**

ଆଗେଇ ଚାଲିଛି ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ୨୦୨୬ର ପ୍ରସ୍ତୁତି। ଶୁକ୍ରବାର ଶ୍ରୀରାମ ନବମୀ ଅବସରରେ ରଥ କାଠ ଚିରଟ ଅନୁକୂଳ ହୋଇଛି। କଟକ ଖପୁରିଆସ୍ଥିତ କରତ କଳରେ ମହାପ୍ରଭୁଙ୍କ ରଥ ନିର୍ମାଣ ପାଇଁ କାଠ ଚିରା ଶୁଭାରମ୍ଭ ହୋଇଥିଲା। ଏଣୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପ୍ରତିନିଧି ଦଳ ଠାକୁରଙ୍କ ମାଳ ମାହାର୍ଦ୍ଦ ନେଇ ସକାଳୁ କଟକ ଯାତ୍ରା କରିଥିଲେ ବୋଲି ଭାରପ୍ରାପ୍ତ ଶ୍ରୀମନ୍ଦିର ବରିଷ୍ଠ ତତ୍ତ୍ୱାବଧାରକ ଚିତ୍ତରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି।



ରଥକୋଡ୍ ଅନୁସାରେ ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ, ଦେବୀ ସୁଭଦ୍ରାଙ୍କ ଦେବଦଳନ ଓ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ନିର୍ମାଣ ପାଇଁ ୮୬୫ ଖଣ୍ଡ କାଠ ଆବଶ୍ୟକ। ୨୦୨୫ ମସିହାରୁ ୪୭ ଖଣ୍ଡ କାଠ ଶ୍ରୀମନ୍ଦିର ପ୍ରଶାସନ ପାଖରେ ଗଚ୍ଛିତ ଥିବାରୁ ଆସନ୍ତା ରଥ ଯାତ୍ରା ପାଇଁ ଆଉ ୮୧୮ ଖଣ୍ଡ କାଠର ଆବଶ୍ୟକତା ରହିଛି। ସେଥିରୁ ବଡ଼ଦାଣ୍ଡ ରଥଖଳାକୁ ୪୧୬ କାଠ ଓ ଚିରଟ ପାଇଁ କରତ କଳକୁ ୪୦୨ ଖଣ୍ଡ ପହଞ୍ଚାଇବାକୁ ବନ ବିଭାଗକୁ କୁହାଯାଇଥିଲା। ଏଥିସହ ୧୦୦ ଖଣ୍ଡ କଞ୍ଚା କାଠ ଦରକାର। ଏଥିରେ ଅସନ, ଧଉରା, ଫାଶି ଓ ଶିମିଳି ଆଦି କାଠ ରହିଛି। ଦଫା ଦଫା ହୋଇ ରଥ କାଠ କରତକଳ ଓ ବଡ଼ଦାଣ୍ଡ ରଥଖଳାରେ ପହଞ୍ଚୁଛି। ପବିତ୍ର ଅକ୍ଷୟ ତୃତୀୟାରେ ରଥ ନିର୍ମାଣର ଶୁଭାରମ୍ଭ ହେବ।

# ହାଇକୋର୍ଟ ବାର୍ ଆସୋସିଏସନର ୫ ସଦସ୍ୟଙ୍କୁ କାରଣ ଦର୍ଶାଅ ନୋଟିସ୍

**କଟକ, ୨୭।୩**
**ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନର ସଦସ୍ୟ ତଥା ଆଇନଜୀବୀ ଆକ୍ଷାଂଶୁ ଶେଖର ନନ୍ଦୀ, ଅମୀୟ କୁମାର ମହାନ୍ତି, ରମେଶ ଚନ୍ଦ୍ର ବେହେରା, ହୃଦାନନ୍ଦ ମଲ୍ଲ ଏବଂ ଅମୁଲ୍ୟ ରତ୍ନ ଦାଶଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। ହାଇକୋର୍ଟ ବାର୍ ଆସୋସିଏସନର ନିର୍ବାଚନ ଅଧିକାରୀଙ୍କୁ ସେମାନଙ୍କ ଦ୍ୱାରା ସ୍ୱାକ୍ଷରିତ ଏବଂ ପ୍ରେରିତ ଏକ ପତ୍ର ଆଇନଜୀବୀ ପରିଷଦର ଦୃଷ୍ଟିକୁ ଆସିଛି। ଉକ୍ତ ପତ୍ରରେ ଅନ୍ୟାନ୍ୟ ବିଷୟ ମଧ୍ୟରେ ଉପରଲିଖିତ ଆଇନଜୀବୀମାନେ ସେମାନଙ୍କର ଜ୍ଞାତସାରରେ ରାଜ୍ୟ ଆଇନଜୀବୀ ପରିଷଦ ଦ୍ୱାରା ଗଠିତ କେନ୍ଦ୍ରୀୟ ନିର୍ବାଚନ କମିଟି ଦ୍ୱାରା ଦିଆଯାଇଥିବା ନିର୍ବାଚନ ସଂକ୍ରାନ୍ତୀୟ ନିର୍ଦ୍ଦେଶକୁ ଆଇନ୍ ବିରୁଦ୍ଧ, ପକ୍ଷପାତ ଭିତ୍ତିକ, ନିହିତ ସ୍ୱାର୍ଥ ସମ୍ବଳିତ ଏବଂ ହାଇକୋର୍ଟର ନ୍ୟାୟିକ ପୁନର୍ବିଚାର କ୍ଷମତା ପରିସରର ଅତିକ୍ରମଣ ବୋଲି ଦର୍ଶାଇଛନ୍ତି। ଅଧିକନ୍ତୁ ରାଜ୍ୟ ଆଇନଜୀବୀ ପରିଷଦର ଜଣେ ସଦସ୍ୟଙ୍କ ନାମ ଉଲ୍ଲେଖ କରି ଅଭିଯୋଗ କରିଛନ୍ତି ଯେ ଉକ୍ତ ସଦସ୍ୟ ତାଙ୍କ ଅଧକ୍ଷତାରେ ଏକ କମିଟି ଗଠନ ପୂର୍ବକ ତାଙ୍କ ପଦବୀର ସୁଯୋଗ ନେଇ ବି.ସି.ଆଇ ନିର୍ବାଚନ ରୁଲ ଧାରା ୫୨ର ଭୁଲ ତର୍ଜମା କରି ବ୍ୟକ୍ତିଗତ ଆକ୍ରୋଶ ଏବଂ ଅସୂୟାର ବଶବର୍ତ୍ତୀ ହୋଇ କାର୍ଯ୍ୟ କରିଛନ୍ତି। ହାଇକୋର୍ଟ ବାର୍ ଆସୋସିଏସନ୍‌ର ସଂପୃକ୍ତ ନିର୍ବାଚନ ଅଧିକାରୀ କେନ୍ଦ୍ରୀୟ କମିଟିର ଉକ୍ତ ବେଆଇନ ନିର୍ଦ୍ଦେଶର ବଶବର୍ତ୍ତୀ ହୋଇ କାର୍ଯ୍ୟ କରିବା ସହିତ ବିବାଦୀୟ ନିଷ୍ପତ୍ତି ନେଉଛନ୍ତି। ଉକ୍ତ ଆଇନଜୀବୀମାନଙ୍କର ଏତାଦୃଶ କାର୍ଯ୍ୟ ରାଜ୍ୟ ଆଇନଜୀବୀ ପରିଷଦର ସ୍ୱତନ୍ତ୍ରତା, ଆନୁଷ୍ଠାନିକ ମର୍ଯ୍ୟାଦାର ସମାଲୋଚନା ତଥା ଅବମାନନା କରିବା ସହିତ ଆଇନଜୀବୀ ପରିଷଦର କାର୍ଯ୍ୟ ଧାରା ପ୍ରତି ଅନଧିକୃତ ଆକ୍ଷେପ ଏବଂ ଅସମ୍ମାନ। ପ୍ରଣିଧାନ ଯୋଗ୍ୟ ଯେ ଓଡ଼ିଶା ରାଜ୍ୟ ଆଇନଜୀବୀ



ପରିଷଦର ବାର୍ ଆସୋସିଏସନ୍ ଇଲେକ୍ସନ ରୁଲ ୨୧ ଧାରା ୫୧ ଅନୁଯାୟୀ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ସାଧାରଣ ବୈଠକରେ ସର୍ବସମ୍ମତ ନିଷ୍ପତ୍ତି ଅନୁଯାୟୀ ୫ ଜଣ ସଦସ୍ୟଙ୍କୁ ନେଇ କେନ୍ଦ୍ରୀୟ ନିର୍ବାଚନ କମିଟି ଗଠନ କରାଯାଇଅଛି। ଧାରା ୫୨ ଉକ୍ତ କମିଟିର ବୈଧାନିକ କ୍ଷମତା ଓ କାର୍ଯ୍ୟ ପରିସର ସୂଚିତ କରେ। ଏଠାରେ ସୂଚାଇ ଦିଆଯାଉଛି କି ଆଡଭୋକେଟ୍ ଆକ୍ଟର ଧାରା ୪୯(୧)(ବ) ଦ୍ୱାରା ଆଇନଜୀବୀମାନଙ୍କ ଦ୍ୱାରା ନିର୍ଦ୍ଦେଶିତ ଆଚାରସଂହିତା ଅନୁଯାୟୀ ଜଣେ ଆଇନଜୀବୀ କୌଣସି ବେନିୟମ ଆଇନବିରୁଦ୍ଧ ଓ କୌଣସି ଅନିୟମିତ କାର୍ଯ୍ୟରେ ଲିପ୍ତ ହେବନାହିଁ, ଲିଖିତ ବୈଦୁତିକ କିମ୍ବା ସାମାଜିକ ଗଣମାଧ୍ୟମରେ କୌଣସି ଆରୁଚିକର, ସମ୍ମାନହାନୀଜନକ ଉଦ୍ଦେଶ୍ୟପ୍ରଣୋଦିତ ତଥା ନିନ୍ଦନୀୟ ମନ୍ତବ୍ୟ, କୌଣସି ନ୍ୟାୟାଳୟ, ବିଚାରପତି, ରାଜ୍ୟ ଆଇନଜୀବୀ ପରିଷଦ ଅଥବା ଭାରତୀୟ ବିଧିଜ୍ଞ ପରିଷଦ ବିରୁଦ୍ଧରେ ଦେଇପାରିବେ ନାହିଁ, ତତ୍ ସହିତ କୌଣସି ଆଡଭୋକେଟ ଜାଣିଶୁଣି ଇଚ୍ଛାକୃତ ଭାବରେ କୌଣସି ରାଜ୍ୟ ଆଇନଜୀବୀ ପରିଷଦ କିମ୍ବା ଭାରତୀୟ ବିଧିଜ୍ଞ ପରିଷଦର କୌଣସି ପ୍ରସ୍ତାବ କିମ୍ବା ନିର୍ଦ୍ଦେଶକୁ ବିରୋଧ କିମ୍ବା ଅସମ୍ମାନ କରିପାରିବେ ନାହିଁ। ଅନ୍ୟଥା ଉକ୍ତ କାର୍ଯ୍ୟ ବା ଆଚରଣ ଆଡଭୋକେଟ ଆକ୍ଟ ଧାରା ୩୫ ଅନୁଯାୟୀ ଆଚାର ସଂହିତା ଉଲ୍ଲଂଘନ ବୋଲି ବିବେଚନା କରାଯିବ ଏବଂ ଉକ୍ତ ଧାରା ୩୫ ଅନୁଯାୟୀ ଆବଶ୍ୟକୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଘରକୁ ମାଡ଼ିଗଲା ରୁକୁଣା ରଥ



**ଭୁବନେଶ୍ୱର, ୨୭।୩**
**ନ୍ୟୁଜ୍‌ବ୍ୟୁରୋ**

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରାରେ ବଡ଼ ଅଘଟଣ ଦେଖିବାକୁ ମିଳିଛି। ରଥ ଟଣା ସମୟରେ ଜଣଙ୍କ ଘରକୁ ରଥ ମାଡ଼ିଯାଇଛି। ଶୁକ୍ରବାର ଦ୍ୱିତୀୟଦିନରେ ରଥଟଣା ଚାଲିଥିବା ସମୟରେ ରଥ ଜଣଙ୍କ ଘରକୁ ମାଡ଼ି ଯାଇଥିଲା। ଫଳରେ ଘରର ଝରକା ଓ ତାଜା ଭାଙ୍ଗିବାକୁ ପଡ଼ିଛି। ଗୋସାଗରେଶ୍ୱର ମନ୍ଦିର ପୂର୍ବରୁ ଜଣଙ୍କ ଘରେ ରଥର ଦକ୍ଷିଣ ପାର୍ଶ୍ୱ ବା ଡାହାଣ ପାର୍ଶ୍ୱ ପଶି ଯାଇଥିଲା। ଫଳରେ ଭୋଇ ସେବାୟତମାନେ ରଥକୁ ପଛକୁ ଆଣିବାକୁ ଚେଷ୍ଟା କରିଥିଲେ। ସେବାୟତମାନଙ୍କ ପ୍ରବଳ ପ୍ରଚେଷ୍ଟା ପରେ ମଧ୍ୟ କୌଣସି ଫଳ ମିଳିନଥିଲା। ୪୫ ମିନିଟରୁ ଊର୍ଦ୍ଧ୍ୱ ସମୟ ଧରି ରଥ ଉକ୍ତ ସ୍ଥାନରେ ଅଟକି ରହିଥିଲା। ପରେ ଘରର ଝରକା ଓ ତାଜା ଭଙ୍ଗାଯାଇ ପୁନର୍ବାର ରଥ ଟଣାଯାଇଥିଲା। ଶେଷରେ ଭକ୍ତମାନେ ରୁକୁଣାର ରଥକୁ ମାଉସୀମା' ମନ୍ଦିର ନିକଟରେ ପହଞ୍ଚାଇଥିବା ଜଣାପଡ଼ିଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୨୭/୦୩/୨୦୨୬
୪,୭୨,୩୬୮/- ଟଙ୍କା
ସୁନା:-୯୦ଗ୍ରାମ୍୦୦୦ ମିଲିଗ୍ରାମ
ରୂପା:-୦୯ ଗ୍ରାମ୍୦୦୦ ମିଲିଗ୍ରାମ

# ନିଲାମ ହେବ ୧୩୪୦ ମଦ ଦୋକାନ : ଆବେଦନ ଫି' ୩ ଲକ୍ଷ

**ଭୁବନେଶ୍ୱର, ୨୭।୩**
**ନ୍ୟୁଜ୍‌ବ୍ୟୁରୋ**

ମଦ ବ୍ୟବସାୟରେ ସରକାର ଚଳିତ ଆର୍ଥିକ ବର୍ଷଠାରୁ ନୂଆ ବ୍ୟବସାୟୀଙ୍କୁ ସୁଯୋଗ ଦେବାକୁ ଚାହିଁଛନ୍ତି। ରାଜ୍ୟରେ ଥିବା ସମସ୍ତ ବିଦେଶୀ ଠିପି ବନ୍ଦ ଓ ଦେଶୀ ମଦ ଦୋକାନଗୁଡ଼ିକର ଲାଇସେନ୍ସକୁ ଲଟେରି ଜରିଆରେ ନବୀକରଣ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ବ୍ୟବସ୍ଥାରୁ ଠିପି ଖୋଲା ଦୋକାନକୁ ବାଦ୍ ଦିଆଯାଇଛି। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଖୁବ୍‌ଶୀଘ୍ର ୧୧ ଶହ ୪୦ ଠିପି ବନ୍ଦ ଓ ୨ ଶହ ଦେଶୀ ମଦ ଦୋକାନର ଲଟେରି ହେବ।




ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳଙ୍କ ଜରିଆରେ ହେବାକୁ ଥିବା ଏହି ଲଟେରି ବ୍ୟବସ୍ଥାରେ ଇଚ୍ଛୁକ ବ୍ୟକ୍ତି ଆବେଦନ କରିପାରିବେ। ପୁରୁଣା ବ୍ୟବସାୟୀ ମଧ୍ୟ ଲଟେରିରେ ଭାଗ ନେବାର ସୁଯୋଗ ରହିବ। ନିର୍ଦ୍ଧାରିତ ଫର୍ମରେ ଆବେଦନ କରି ଉଭୟ ଲଟେରିରେ ଭାଗ ନେଇ ପାରିବେ। ଲଟେରି ପାଇଁ ଆବେଦନ ଫି' ୩ ଲକ୍ଷ ଟଙ୍କା ରଖାଯାଇଛି। ଆବେଦନକାରୀ ବ୍ୟକ୍ତି ଯଦି ଲଟେରି ନପାଇବେ ତା' ହେଲେ ତାଙ୍କୁ ୩ ଲକ୍ଷ ଟଙ୍କା ଫେରସ୍ତ କରାଯିବ ନାହିଁ। ଲଟେରିରେ ନାମ ଆସିଲେ ମଦ ଦୋକାନ ଖୋଲିବାକୁ ସ୍ୱୀକୃତିପ୍ରାପ୍ତ ହୋଇ ପାରିବେ ବୋଲି ଏହି ବିଜ୍ଞପ୍ତିରେ ଦର୍ଶାଯାଇଛି। ଏ ନେଇ ସମସ୍ତ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି। ଆସନ୍ତା ଆର୍ଥିକ ବର୍ଷ ଆରମ୍ଭ ପୂର୍ବରୁ ଜିଲ୍ଲାପାଳମାନେ ଲଟେରି କରି ନୂଆ ବ୍ୟବସାୟୀ ଚିହ୍ନଟ କରିବେ ବୋଲି କୁହାଯାଇଛି। ଏହି ସବୁ ନୂଆ ବ୍ୟବସାୟୀଙ୍କ ଲାଇସେନ୍ସ ଅବଧି ୫ ବର୍ଷ ପର୍ଯ୍ୟନ୍ତ ରହିବ। ଏହି ଲଟେରି ବ୍ୟବସ୍ଥାକୁ ବିବାଦମୁକ୍ତ କରିବାକୁ ପ୍ରକ୍ରିୟାର ଆମୂଳଚୂଳ ଭିଡିଓ ରେକର୍ଡିଂ କରିବାକୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

୨୧ ବର୍ଷରୁ କମ୍ ବ୍ୟକ୍ତି, ଏକାଧିକ ଅପରାଧ ମାମଲା କିମ୍ବା ଦୋଷୀ ସାବ୍ୟସ୍ତ ହୋଇଥିଲେ ମଦ ଦୋକାନ ପାଇଁ ଲଟେରି ଆବେଦନ କରିପାରିବେ ନାହିଁ। ଯେଉଁମାନଙ୍କ ନାଁରେ ପୂର୍ବରୁ ମଦ ଦୋକାନ ଥିଲା ସେମାନେ ଏମ୍‌ଜିକ୍ୟୁ (ମିନିମମ୍ ଗ୍ୟାରେଣ୍ଟିଡ୍ କୋଟା) ପୂରଣ କରି ନଥିବେ ତାଙ୍କ ଆବେଦନକୁ ଖାରଜ କରାଯିବ।

୨୦୨୧ ମସିହା ଏପ୍ରିଲ୍ ମାସରେ ଯେଉଁମାନେ ଲଟେରି ମାଧ୍ୟମରେ ମଦ ଦୋକନ ପାଇଥିଲେ ସେମାନଙ୍କର ଆସନ୍ତା ୩୧ରେ ୫ ବର୍ଷ ଅବଧି ସରୁଛି। ନୂଆ ଲଟେରି ପାଇଁ ସମୟ ଆବଶ୍ୟକ ଥିବାରୁ ଏହାକୁ ନଜରରେ ରଖି ସରକାର ସେ ସବୁ ମଦ ଦୋକାନକୁ ଦୁଇ ମାସ ଅଧିକ ଦୋକାନ ଚଲାଇବାକୁ ଅନୁମତି ଦେଇଛନ୍ତି। ରାଜ୍ୟରେ ୧୧୪୦ଟି ବିଦେଶୀ ଠିପି ବନ୍ଦ ମଦ ଦୋକାନ ଓ ୨୦୦ଟି ଦେଶୀ ମଦ ଦୋକାନ ରହିଛି। ଏହି ସବୁ ଦୋକାନଗୁଡ଼ିକୁ ସରକାର ରାଜ୍ୟ ପାନୀୟ ନିଗମ (ଓଏସବିସି) ଜରିଆରେ ମଦ ଯୋଗାଉଛନ୍ତି।

# ପାରାଦୀପ ବନ୍ଦରର ନୂଆ ରେକର୍ଡ

## ଗୋଟିଏ ଦିନରେ ସର୍ବାଧିକ ୫୦ଟି ତାପଜ କୋଇଲା ରେଳ ରେକ୍ ଖଲାସ



**ପାରାଦୀପ, ୨୭।୩:ନ୍ୟୁଜ୍‌ବ୍ୟୁରୋ**

ପାରାଦୀପ ବନ୍ଦର ଗୋଟିଏ ପରେ ଗୋଟିଏ ନୂଆ ରେକର୍ଡ କରି ଚାଲିଛି। ପାରାଦୀପ ବନ୍ଦର ପ୍ରାଧିକରଣ ଗୋଟିଏ ଦିନରେ ସର୍ବାଧିକ ୫୦ଟି ତାପଜ କୋଇଲା ରେଳ ରେକ୍ ବା ବଗି ଖଲାସ କରି ଏକ ନୂତନ ରେକର୍ଡ ସ୍ଥାପନ କରିଛନ୍ତି। ବନ୍ଦର ସଫଳତାର ସହ ଗୋଟିଏ ଦିନରେ ୫୦ଟି ରେକ୍ ଅନଲୋଡ୍ କରିଥିଲା। ଯେଉଁଥିରେ ୪୩ଟି ବି.ଓ.ବି.ଆର.ଏନ୍ (ବଗି ଓପନ୍ ବଟମ୍ ରାପିଡ୍ ଡିସଚାର୍ଜ) ଏବଂ ୭ଟି ବିଓଏକ୍ସଏନ (ବଗି ଓପନ୍ ହୋଇସାଇଡେଡ୍) ରେକ୍ ଅନ୍ତର୍ଭୁକ୍ତ ଥିଲା। ଏହି ସଫଳତା ବନ୍ଦରର ଦକ୍ଷତା, ସୁଗମ ସମନ୍ୱୟ ଏବଂ ଦୃଢ଼ ଭିତ୍ତିଭୂମି ଲକ୍ଷ୍ୟକୁ ପ୍ରତିଫଳିତ କରିଛି, ଯାହା କଠିନ ସମୟସୀମା ମଧ୍ୟରେ ଉଚ୍ଚ-ମାର୍ଗର ପଣ୍ୟ ପରିଚାଳନାକୁ ସକ୍ଷମ କରିଥାଏ। ଏହି ଅବସରରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହରନାଦ ବନ୍ଦର ଟିମ୍‌ର ଉତ୍ସର୍ଗୀକୃତ ପ୍ରୟାସକୁ ପ୍ରଶଂସା କରିଛନ୍ତି।

# ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ : ଖରାଛୁଟି ପୂର୍ବରୁ ୟୁନିଫର୍ମ ବାଣ୍ଟ

**ଭୁବନେଶ୍ୱର, ୨୭।୩**
**ନ୍ୟୁଜ୍‌ବ୍ୟୁରୋ**


ଖରାଛୁଟି ପୂର୍ବରୁ ସମସ୍ତ ସରକାରୀ ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ୟୁନିଫର୍ମ ମିଳିବ। ଶୁକ୍ରବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସମସ୍ତ ଜିଲ୍ଲାପାଳଙ୍କୁ ଏହି ନିର୍ଦ୍ଦେଶ ଦେଇଛି। ବିଭାଗର କମିଶନର ତଥା ସଚିବ ଏନ. ତିରୁମାଲା ନାଏକ ସବୁ ଜିଲ୍ଲାପାଳଙ୍କୁ ଚିଠି ଲେଖି ଜଣାଇଛନ୍ତି ଯେ ୨୦୨୬-୨୭ ଶିକ୍ଷାବର୍ଷ ଆରମ୍ଭ ହୋଇସାରିଛି। ଛାତ୍ରଛାତ୍ରୀମାନେ ସ୍କୁଲକୁ ଯାଉଛନ୍ତି। ହେଲେ ଏପର୍ଯ୍ୟନ୍ତ ରାଜ୍ୟର ଅନେକ ସ୍କୁଲରେ ୟୁନିଫର୍ମ ମିଳିନି।

ଗତବର୍ଷ ମଧ୍ୟ ସମାନ ସ୍ଥିତି ଉପୁଜିଥିଲା। ତେଣୁ ଏଦିଗରେ ତତ୍ପର ହୋଇ କାମ କରିବାକୁ ପଡ଼ିବ। ଖରାଛୁଟି ହେବା ପୂର୍ବରୁ ୟୁନିଫର୍ମ ବଣ୍ଟନ ସାରିବାକୁ ହେବ। ଏଥିପାଇଁ ଆଗୁଆ ଯୋଜନା, ଛାତ୍ରଛାତ୍ରୀମାନଙ୍କ ତଥ୍ୟ, ପୋଷାକର ଗୁଣାବତ୍ତା, ସମନ୍ୱୟ, ବଣ୍ଟନରେ ଆସୁଥିବା ଅଭିଯୋଗର ସମାଧାନ ତଥା ସ୍ୱଚ୍ଛତା ପାଳନ କରିବାକୁ କୁହାଯାଇଛି।

# କାର୍ ଧକ୍କାରେ ଦମ୍ପତି ମୃତ

**ଧର୍ମଶାଳା, ୨୭।୩**
**ନ୍ୟୁଜ୍‌ବ୍ୟୁରୋ**

ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ଶଙ୍କାରୀ ଡିହ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ସ୍ୱାମୀ-ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ଛୋଟ ଝିଅ ଗୁରୁତର ହୋଇଛି। ଶୁକ୍ରବାର ଅପରାହ୍ଣରେ ଏହି ଥାନା ଅନ୍ତର୍ଗତ ନେଉଳପୁର ଗ୍ରାମର ବୈରାଗୀ ସାହୁଙ୍କ ପୁତ୍ର ସୁବ୍ରତ (୩୬) ଓ ପୁତ୍ରବଧୂ ଅନ୍ନପୂର୍ଣ୍ଣା (୩୦) ଜାରକାରେ ଡାକ୍ତରଙ୍କୁ ଦେଖାଇ ନିଜ ଗ୍ରାମକୁ ଫେରୁଥିବା ବେଳେ ଶଗଡ଼ିଆ ନାଳ ନିକଟରେ ତାଙ୍କ ସ୍କୁଟି ପଛପଟୁ କଲିକତା ଆଡୁ ଆସୁଥିବା ଏକ କାର୍ ଜୋରରେ ଧକ୍କା ଦେଇଥିଲା। ସେମାନଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଧର୍ମଶାଳା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଉଭୟ ସ୍ୱାମୀ ସ୍ତ୍ରୀଙ୍କର ମୃତ୍ୟୁ ଘଟିଛି। ଧର୍ମଶାଳା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡ଼ି ୨ଟିକୁ ଜବତ କରି ଘଟଣାର ତଦନ୍ତ କରୁଛି।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ରାଜଧାନୀ ରାସ୍ତାରେ ଯୁବକଙ୍କ ଆତ୍ମାହୁତି ଉଦ୍ୟମ

**ଭୁବନେଶ୍ୱର, ୨୭।୩ : ନ୍ୟୁଜ୍‌ବ୍ୟୁରୋ**

ରାଜଧାନୀ ଭୁବନେଶ୍ୱରରେ ପୁଣି ଜଣେ ଯୁବକ ଆତ୍ମହୁତି ଉଦ୍ୟମ କରିଛନ୍ତି। ରାଜମହଲ ଛକରେ ଯୁବକ ଜଣକ ନିଜ ଦେହରେ ନିଆଁ ଲଗାଇ ଏପରି ଉଦ୍ୟମ କରିଛନ୍ତି। ରାମନବମୀ ଉତ୍ସବ ପାଳନରେ ରାଜଧାନୀ ଚଳଚଞ୍ଚଳ ହେଉଥିବା ସମୟରେ ପ୍ରମୁଖ ଛକ ରାଜମହଲରେ ଜଣେ ଯୁବକ ଆତ୍ମାହୁତି ଉଦ୍ୟମ କରିଛନ୍ତି। ଯୁବକ ଜଣକ ହେଉଛନ୍ତି ସ୍ଥାନୀୟ କେଦାରପଲ୍ଲୀ ବସ୍ତିର ସୁଶାନ୍ତ କୁମାର ନାୟକ। ପାରିବାରିକ କଳହ ପାଇଁ ସେ ଏପରି ଚରମ ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି। ତେବେ ଯୁବକ ଜଣଙ୍କୁ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ନିଜ ଦେହରେ ସୁଶାନ୍ତ କିରୋସିନ ଢାଳି ଆତ୍ମାହୁତି ଉଦ୍ୟମ କରିଛନ୍ତି। ସେ ଭୁବନେଶ୍ୱର ମହାନଗର ନିଗମରେ କାମ କରନ୍ତି।

# ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ବନ୍ଧାହେଲେ ଏସଡିଓ

**ଭଞ୍ଜନଗର, ୨୭।୩:ନ୍ୟୁଜ୍‌ବ୍ୟୁରୋ**

ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଗଞ୍ଜାମ ଜିଲ୍ଲା ଡହ ଜଳସମ୍ପଦ ବିଭାଗ ଏସଡିଓ ପଞ୍ଚୁ ବେହେରାଙ୍କୁ ଶୁକ୍ରବାର ଗିରଫ କରିଛି ଭିଜିଲାନ୍ସ ବିଭାଗ। କାଗଜପତ୍ର ପ୍ରସ୍ତୁତି ସରିବା ପରେ ତାଙ୍କୁ ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ହାଜର କରାଯାଇଥିଲା। ଘଟଣାରୁ ପ୍ରକାଶ ଯେ ଗୁରୁବାର ଭିଜିଲାନ୍ସ ଦ୍ୱାରା ଏସଡିଓଙ୍କ କାର୍ଯ୍ୟାଳୟ ଏବଂ ଘରେ ଚଢ଼ଉ ସମୟରେ ତାଙ୍କ ନିକଟରୁ ନଗଦ ଟଙ୍କା ଓ ସୁନା ମିଳିଥିଲା। ସେଥିରେ ବ୍ରହ୍ମପୁର ଠାରେ ଗୋଟିଏ ଘର, ୫ଟି ପ୍ଲଟ, ନଗଦ ଟଙ୍କା ୧୮.୯୦ ଲକ୍ଷ, ବ୍ୟାଙ୍କ ଜମା ପ୍ରାୟ ୯୦ ଲକ୍ଷ, ୫୬୮ ଗ୍ରାମ ସୁନା, ଏକ କଂକ୍ରିଟ ମିକ୍ସର ମେସିନ (ମୂଲ୍ୟ ପ୍ରାୟ ୫୭ ଲକ୍ଷ) ଏବଂ ଏକ ହୁଣ୍ଡାଇ ଏକ୍ସାଭେଟର ମେସିନ (ମୂଲ୍ୟ ପ୍ରାୟ ୩୭ ଲକ୍ଷ) ଆଦି ଅନ୍ତର୍ଭୁକ୍ତ। ଏହି ସମସ୍ତ ସମ୍ପତ୍ତି ସମ୍ବନ୍ଧରେ ସେ ସଠିକ ହିସାବ ଦେଇପାରି ନ ଥିବାରୁ ଭିଜିଲାନ୍ସ ତାଙ୍କ ବିରୋଧରେ ପ୍ରିଭେନ୍ସନ ଅଫ କରପ୍‌ସନ ଆକ୍ଟ, ୨୦୧୮ ଅନୁସାରେ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ କେସ୍ ନଂ ୦୩/ ୨୦୨୬ରେ ଏକ ମାମଲା ରୁଜୁ କରିଛି। ଏହାପରେ ଏସ୍‌ଡିଓଙ୍କୁ ଗିରଫ କରାଯାଇଛି।

